

ବଦଳିଲା ଟାଇଟଲ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-92 ◆FRIDAY ◆25 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୯୨ ◆ଶୁକ୍ରବାର ◆୨୫ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସ୍କାନ୍ କରନ୍ତୁ

Flipkart amazon.in ରେ ମଧ୍ୟ ଉପଲବ୍ଧ*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

*ନିୟମ ଏବଂ ସର୍ତ୍ତାବଳୀ ଲାଗୁ। ଉଲ୍ଲେଖିତ ESRPs, 125 ସିଙ୍ଗଲ୍ ସିଟ୍ ଭେରିଆଣ୍ଟ ପାଇଁ ଅଟେ। ଷ୍ଟଣ୍ଟଗୁଡ଼ିକ ବିଶେଷଜ୍ଞମାନଙ୍କ ଦ୍ୱାରା, ପେସାଦାର ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଏବଂ ବନ୍ଦ ପରିବେଶରେ, ସାଧାରଣ ଜନସାଧାରଣ କିମ୍ବା ସାର୍ବଜନୀନ ରାସ୍ତାଠାରୁ ଅଲଗା ରହି କରାଯାଇଛି। ଏହି ଷ୍ଟଣ୍ଟଗୁଡ଼ିକୁ ଅନୁକରଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସର୍ବଦା ଟ୍ରାଫିକ ଓ ସୁରକ୍ଷା ନିୟମ ପାଳନ କରନ୍ତୁ। E-କମ୍ ଅଫର୍‌ଗୁଡ଼ିକ ସମ୍ପୃକ୍ତ E-କମ୍ ପାର୍ଟନରଙ୍କ ନିୟମ ଏବଂ ସର୍ତ୍ତାବଳୀ ଅଧୀନରେ ରହିଛି। E-କମ୍ ଅଫର୍‌ଗୁଡ଼ିକ ବିଭିନ୍ନ ପାର୍ଟନରଙ୍କ ଅନୁସାରେ ବଦଳିପାରେ। ଚିତ୍ରଗୁଡ଼ିକ କେବଳ ପ୍ରତିନିଧିତ୍ୱ ଉଦ୍ଦେଶ୍ୟରେ ଦିଆଯାଇଛି। ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

# ତମେ ସବୁ ମରିଯାଅ; କିନ୍ତୁ ଗାଡ଼ି ଅଟକିବ ନାହିଁ

■ ଧୂମପାନ କରି ଯାତ୍ରୀଙ୍କୁ ଧମକାଇଲେ ଡ୍ରାଇଭର
■ ଚଳନ୍ତା ବସ୍‌ରେ ଭୟାବହ ଅଗ୍ନିକାଣ୍ଡ; ୯ ମୃତ



ଗ୍ରେଟର ନୋଏଡା, ୨୪।୯(ଏଜେନ୍ସି): ଉତ୍ତରପ୍ରଦେଶର ଯମୁନା ଏକ୍ସପ୍ରେସ୍‌ୱେରେ ବୁଧବାର ରାତିରେ ଏକ ଚଳନ୍ତା ସ୍ଲିପର ବସ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ୮ ଜଣ ପୁରୁଷ ଅଛନ୍ତି। ଦିଲ୍ଲୀରୁ ମହୋବା ଯାଉଥିବା ଏହି ବସ୍‌ରେ ପ୍ରାୟ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ। ଘଟଣା ପରେ ବସ୍‌ର ଚାଳକ ପବନ ଓ କଣ୍ଡକ୍ଟର ଯୋଗେଶଙ୍କୁ ପୁଲିସ ଅଟକ ରଖିଛି। ରାତି ପ୍ରାୟ ୧୧ଟା ୩୦ରେ ବସ୍‌ଟି ନୋଏଡା-ଆଗ୍ରା ମାର୍ଗର ୩୩ତମ କିଲୋମିଟର ନିକଟରେ ଥିବାବେଳେ ଚାଳକଙ୍କ କ୍ୟାବିନ୍‌ରୁ ପୋଡ଼ା ଗନ୍ଧ ଆସିଥିଲା। ଯାତ୍ରୀମାନେ ଏନେଇ ଚାଳକ ଓ କଣ୍ଡକ୍ଟରଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ଏହାକୁ ଅଣଦେଖା କରିଥିବା ଏତଲାରେ ଅଭିଯୋଗ ହୋଇଛି। ଏତଲା ଅନୁଯାୟୀ, ଚାଳକ ପୋଡ଼ା ଗନ୍ଧକୁ ସାଧାରଣ କଥା କହି ବସ୍ ଅଟକାଇନଥିଲେ। ଏପରିକି ଚାଳକ ଓ କଣ୍ଡକ୍ଟର କ୍ୟାବିନ୍‌ରେ ବିଡ଼ି-ସିଗାରେଟ୍ ଟାଣୁଥିବା ଅଭିଯୋଗ ହୋଇଛି। କିଛି ସମୟ ପରେ ଚାଳକଙ୍କ ଆସନ ନିକଟରୁ ନିଆଁ ବାହାରିଥିଲା। ଯାତ୍ରୀମାନେ ବସ୍ ଅଟକାଇବାକୁ ଚିତ୍କାର କରିଥିଲେ ମଧ୍ୟ ଚାଳକ ତୁରନ୍ତ ଗାଡ଼ି ଅଟକାଇନଥିବା ଅଭିଯୋଗ ରହିଛି। ନିମିଷକ ମଧ୍ୟରେ ନିଆଁ ବସ୍‌କୁ ଗ୍ରାସ କରିବା ସହ ଧୂଆଁରେ ଭରିଯାଇଥିଲା ଭିତର ଅଂଶ। ଜୀବନ ବଞ୍ଚାଇବାକୁ କେତେକ ଯାତ୍ରୀ ଚଳନ୍ତା ବସ୍‌ରୁ ଡେଇଁ ପଡ଼ିଥିଲେ। ଅନ୍ୟମାନେ ଠେଲାପେଲା ମଧ୍ୟରେ ବାହାରକୁ ଆସିବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାଥମିକ ଭାବେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଏଡିଏମ୍ ଅଜିତ ସିଂହ କହିଛନ୍ତି। ଘଟଣାରେ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାର ସହ କଥା ହେବା ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ଓ ପୀଡ଼ିତ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜମୁଇ ପରେ ସମସ୍ତିପୁର
## ନାବାଳିକାଙ୍କୁ ଅସଦାଚରଣ

ସମସ୍ତିପୁର, ୨୪।୯(ଏଜେନ୍ସି): ବିହାରର ଜମୁଇରେ ନାବାଳିକାଙ୍କୁ ଅସଦାଚରଣ ଘଟଣାର କିଛି ଦିନ ପରେ ସମସ୍ତିପୁରରେ ମଧ୍ୟ ଜଣେ ନାବାଳିକାଙ୍କୁ ରାସ୍ତା ଉପରେ ହଇରାଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାର ଏକ ୫୬ ସେକେଣ୍ଡର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରି ଚାରିଜଣଙ୍କୁ ଗିରଫ କରିଛି। ଘଟଣାଟି କର୍ପୂରୀଗ୍ରାମ ଥାନା ଅଧୀନ ଜଗତସିଂହପୁର ଗାଁ ନିକଟ ବନ୍ଧ ବାଇପାସ୍ ରାସ୍ତାର ବୋଲି ଜଣାପଡ଼ିଛି। ଭାଇରାଲ ଭିଡିଓରେ କିଛି ଯୁବକ ଜଣେ ଝିଅଙ୍କୁ ଘେରି ରହିଥିବା ଦେଖାଯାଉଛି। ଜଣେ ଯୁବକ ତାଙ୍କ ହାତ ଧରି ଟାଣୁଥିବାବେଳେ ଅନ୍ୟଜଣ ତାଙ୍କ କେଶ ଧରିଥିବା ଦେଖାଯାଉଛି। ଝିଅଜଣକ ଛାଡ଼ିଦେବାକୁ ଅନୁରୋଧ କରୁଥିଲେ ମଧ୍ୟ ତାଙ୍କୁ ରାସ୍ତାରେ ଟଣାଓଟରା କରାଯାଉଥିବା ଭିଡିଓରେ ଦେଖାଯାଇଛି। ଭିଡିଓଟି ପୁଲିସର ନଜରକୁ ଆସିବା ପରେ ତୁରନ୍ତ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିକାଶ କୁମାର ଶର୍ମା, ରାହୁଲ କୁମାର, ରାମବାବୁ ସାହନୀ ଓ ଅବଧେଶ ପାସୱାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଏବଂ ଭିଡିଓ କେବେ ରେକର୍ଡ ହୋଇଥିଲା, ସେନେଇ ତଦନ୍ତ ଚାଲିଛି। ସମସ୍ତିପୁର ଏସ୍‌ପି ଅରବିନ୍ଦ ପ୍ରତାପ ସିଂହ କହିଛନ୍ତି ଯେ, ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ପୁଲିସ ତଦନ୍ତ ଜାରି ରଖିଛି। ଘଟଣାରେ ଚାରିଜଣଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି। ଏହି ଘଟଣା ଜମୁଇରେ ଗତ ୧୯ ତାରିଖରେ ଜଣେ ନାବାଳିକା ଓ ଜଣେ ନାବାଳକଙ୍କୁ ଏକ ଦଳ ଯୁବକ ଅଟକାଇ ହଇରାଣ କରିଥିବା ଅଭିଯୋଗ ପରେ ସାମ୍ନାକୁ ଆସିଛି। ସେହି ଘଟଣାର ଭିଡିଓ ମଧ୍ୟ ପରେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା ଏବଂ ପୁଲିସ ମାମଲା ରୁଜୁ କରି ଗିରଫଦାରୀ କରିଥିଲା।

## ଧର୍ମ ବାହାନାରେ ମହିଳାଙ୍କୁ ଗଣଦୁଷ୍କର୍ମ; ୪ ପୁଲିସ ଗିରଫ

ଅମରୋହା, ୨୪।୯(ଏଜେନ୍ସି): ଉତ୍ତରପ୍ରଦେଶର ଅମରୋହାରେ ଧାର୍ମିକ ସ୍ଥାନ ବୁଲାଇବା ବାହାନାରେ ହରିୟାଣାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳାଙ୍କୁ ଏକ ଫାର୍ମହାଉସ୍‌କୁ ନେଇ ଗଣଦୁଷ୍କର୍ମ କରାଯାଇଥିବା ପୁଲିସ ଅଭିଯୋଗ ଗ୍ରହଣ କରିଛି। ଘଟଣାରେ ଦୁଇ ଉତ୍ତରପ୍ରଦେଶ ପୁଲିସ କର୍ମଚାରୀ ଓ ଦୁଇ ସିଆରପିଏଫ୍ କର୍ମଚାରୀଙ୍କୁ ଗିରଫ କରାଯାଇଛି। ପୁଲିସ ଅନୁସାରେ, ଫତେହାବାଦର ଏହି ଯୁବତୀଙ୍କୁ ଜଣେ ମହିଳା ପରିଚିତା ସେପ୍ଟେମ୍ବର ୨୦ରେ ଯୋଗାଯୋଗ କରିଥିଲେ। ଅମରୋହାର ଧାର୍ମିକ ସ୍ଥାନ ବୁଲିବା ପାଇଁ ସିଆରପିଏଫ୍ ଇନ୍ସପେକ୍ଟର ମୋହିତଙ୍କ ସହ ଦେଖା କରିବାକୁ ତାଙ୍କୁ କୁହାଯାଇଥିଲା। ପରେ ସେ ମୋହିତଙ୍କ ସହ ଯାତ୍ରା କରିଥିଲେ। ସେପ୍ଟେମ୍ବର ୨୨ ସନ୍ଧ୍ୟାରେ ମୋହିତ ଓ ସିଆରପିଏଫ୍ ହେଡ୍ କନଷ୍ଟେବଲ ଲାଲାରାମ ଯାଦବ ତାଙ୍କୁ ଗାଡ଼ିରେ ନେଇ ହସନପୁର ଯାଇଥିଲେ। ବାଟରେ ଉତ୍ତରପ୍ରଦେଶ ପୁଲିସ ଉପନିରୀକ୍ଷକ ସଞ୍ଜୟ ତୋମରଙ୍କୁ ସେମାନେ ସାଙ୍ଗରେ ନେଇଥିଲେ। ପରେ ଆତ୍ରାସୀ-ହସନପୁର ରାସ୍ତାର ଏକ ଫାର୍ମହାଉସ୍‌କୁ ନେଇଯାଇଥିବା ଯୁବତୀ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମୋହିତ, ଲାଲାରାମ ଓ ସଞ୍ଜୟ ତାଙ୍କୁ ପର୍ଯ୍ୟାୟକ୍ରମେ ଦୁଷ୍କର୍ମ କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ପ୍ରମୋଦ ମଧ୍ୟ ଦୁଷ୍କର୍ମ ଉଦ୍ୟମ କରିଥିଲେ ବୋଲି ସେ ପୁଲିସକୁ କହିଛନ୍ତି। ବୁଧବାର ସକାଳେ ଯୁବତୀ ଅନଲାଇନ୍‌ରୁ ପୁଲିସ ହେଲ୍ପଲାଇନ୍ ନମ୍ବର ଖୋଜି ଯୋଗାଯୋଗ କରିଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରିବା ସହ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରାରେ ମାମଲା ରୁଜୁ ହୋଇଛି।

## ୨୭ରେ ଇମ୍ରାନ୍ ସମର୍ଥକଙ୍କ ପଦଯାତ୍ରା

ଇସ୍‌ଲାମାବାଦ, ୨୪।୯(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁକ୍ତି ଦାବିରେ ସେପ୍‌ଟେମ୍ବର ୨୭ରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପକ୍ଷରୁ ପ୍ରସ୍ତାବିତ ମାର୍ଚ୍ଚକୁ ରୋକିବା ପାଇଁ ଇସ୍‌ଲାମାବାଦରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାଜଧାନୀର ବିଭିନ୍ନ ରାସ୍ତାରେ ପ୍ରାୟ ୨ ହଜାର କଣ୍ଟେନର ରଖାଯାଇ ଯାତାୟାତ ଅବରୋଧ କରାଯାଉଛି। ପଞ୍ଜାବ ଓ ସିନ୍ଧରୁ ୨୦ ହଜାରରୁ ଅଧିକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଇସ୍‌ଲାମାବାଦରେ ଦୁଇ ମାସ ପାଇଁ ରାଲି, ଶୋଭାଯାତ୍ରା ଓ ସାଧାରଣ ସମାବେଶ ଉପରେ ନିଷେଧ ଲାଗୁ ହୋଇଛି। ଧାରା ୧୪୪ ଅନୁଯାୟୀ ଏକ ସ୍ଥାନରେ ୫ କିମ୍ବା ତା'ଠାରୁ ଅଧିକ ଲୋକଙ୍କ ସମାବେଶ ଉପରେ ମଧ୍ୟ କଟକଣା ରହିଛି। ଏପଟେ ପିଟିଆଇ କର୍ମୀମାନେ ରାସ୍ତାରୁ କଣ୍ଟେନର ହଟାଇବା ପାଇଁ ବୁଲ୍‌ଡୋଜର ଓ କ୍ରେନ୍ ଭଳି ଭାରୀ ଯାନ ପ୍ରସ୍ତୁତ ରଖୁଥିବା 'ଡନ୍' ରିପୋର୍ଟ କରିଛି। କେତେକ ସ୍ଥାନରେ କଣ୍ଟେନରଗୁଡ଼ିକୁ ୱେଲ୍ଡିଂ କରାଯାଇଥିବା ସହ ଲୁହା କଣ୍ଟା ଲଗାଯାଇଛି। ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭି ପିଟିଆଇକୁ ମାର୍ଚ୍ଚ କାର୍ଯ୍ୟକ୍ରମ ପୁନର୍ବିଚାର କରିବାକୁ କହିଛନ୍ତି। ପ୍ରତିବାଦ ସମୟରେ କାହାରି ମୃତ୍ୟୁ ଘଟିଲେ ଆୟୋଜକମାନଙ୍କୁ ଦାୟୀ କରାଯିବ ବୋଲି ସେ ସତର୍କ କରିଛନ୍ତି। ତେବେ ପିଟିଆଇ ମାର୍ଚ୍ଚ ପ୍ରତ୍ୟାହାର କରିନାହିଁ। ଇମ୍ରାନ୍ ଖାନ୍ ଅଗଷ୍ଟ ୨୦୨୩ରୁ ଜେଲ୍‌ରେ ଅଛନ୍ତି।

# ଟିଏମ୍‌ସି ଟାର୍ଗେଟରେ ଜ୍ଞାନେଶ

## ସିଇସିଙ୍କ ବିରୋଧରେ ମହୁଆଙ୍କ ଏତଲା



ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିଛନ୍ତି ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର। ଗୁରୁବାର ସେ ନୂଆଦିଲ୍ଲୀର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ତେବେ ପୁଲିସ ଏପର୍ଯ୍ୟନ୍ତ ଏଫ୍‌ଆଇଆର୍ ରୁଜୁ କରିନାହିଁ। ମୋଇତ୍ରଙ୍କ ଅଭିଯୋଗର ଆଧାର ହେଉଛି 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଏକ ରିପୋର୍ଟ। ଏଥିରେ କୁହାଯାଇଥିଲା ଯେ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ଅନ୍ତତଃ ୧୪ ଥର ଭୋଟର ଯୋଡ଼ା, ବାଦ୍ ଓ ପୁନଃସ୍ଥାପନ ସମେତ ବିଭିନ୍ନ ନିଷ୍ପତ୍ତି ଉପରେ ଲିଖିତ ଆପତ୍ତି ଜଣାଇଥିଲେ। ମୋଇତ୍ରଙ୍କ ଅଭିଯୋଗ, ଅନ୍ୟ ଦୁଇ କମିସନରଙ୍କ ମତକୁ ଅଣଦେଖା କରି ସିଇସି ଏକପାଖିଆ ଭାବେ ନିଷ୍ପତ୍ତି ନେଇଥିଲେ। ଏସ୍‌ଆଇଆର୍ ପାଇଁ ସରକାରୀ ଅର୍ଥ ବ୍ୟବହାର ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ମହୁଆଙ୍କ ଅନୁଯାୟୀ, ସମ୍ପୂର୍ଣ୍ଣ କମିସନଙ୍କ ସମ୍ମତି ବିନା ନିଆଯାଇଥିବା ନିଷ୍ପତ୍ତି ବେଆଇନ। ସିଇସି ୨୦୨୩ ଅଧିନିୟମର ଧାରା ୧୬ ଅଧୀନରେ ଥିବା ଆଇନଗତ ସୁରକ୍ଷାର ଆଢୁଆଳରେ ରହିପାରିବେ ନାହିଁ। ତାଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

## ଜ୍ଞାନେଶଙ୍କୁ ଗିରଫ କରାଯାଉ: ଅଭିଷେକ

କୋଲକାତା, ୨୪।୯(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି)ର ସାଧାରଣ ସମ୍ପାଦକ ସାଂସଦ ଅଭିଷେକ ବାନାର୍ଜୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ ଭୋଟର ତାଲିକା ହେରଫେର ଓ ନିର୍ବାଚନ ଜାଲିଆତି ଅଭିଯୋଗରେ ସିଇସିଙ୍କୁ ତୁରନ୍ତ ପଦରୁ ହଟାଇବା ସହ ଗିରଫ କରିବାକୁ ଦାବି କରିଛନ୍ତି। ଅଭିଷେକ ଅଭିଯୋଗ କରିଛନ୍ତି ଯେ, ବିଜେପିର ନିର୍ବାଚନୀ ଲାଭ ପାଇଁ ଏସ୍‌ଆଇଆର୍ ପ୍ରକ୍ରିୟା କରାଯାଉଛି। ଏହାମାଧ୍ୟମରେ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଏପରି କାର୍ଯ୍ୟ ଗଣତନ୍ତ୍ରର ମୂଳଦୁଆ ଉପରେ ସିଧାସଳଖ ଆକ୍ରମଣ। ସିଇସି ଯେପରି ଦେଶ ଛାଡ଼ି ଫେରାର ନ ହୁଅନ୍ତି, ସେଥିପାଇଁ ତାଙ୍କ ବିରୋଧରେ ଲୁକଆଉଟ୍ ସର୍କୁଲାର ଜାରି କରିବାକୁ ସେ ନିବେଦନ କରିଛନ୍ତି। ଏହା ସହିତ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଉପରେ ସୁପ୍ରିମକୋର୍ଟଙ୍କ ଏକ ନିରପେକ୍ଷ ତଦନ୍ତ କରାଯିବା ପାଇଁ ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ମମତା ବାନାର୍ଜୀ ମଧ୍ୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରିଛନ୍ତି।



## ସତ କହୁ ନାହାନ୍ତି ରାହୁଲ: ବିଜେପି

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ଏଠାରେ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରିବା ପରେ ବିଜେପି ରାହୁଲଙ୍କୁ ତୀବ୍ର ସମାଲୋଚନା କରିଛି। ବିଜେପି ନେତା ସୁଧାଂଶୁ ତ୍ରିବେଦୀ ଏବଂ ପ୍ରଦୀପ ଭଣ୍ଡାରୀ କହିଛନ୍ତି ଯେ ନିର୍ବାଚନ କମିସନ ଓ ବିଜେପି ସରକାର ବିରୋଧରେ ରାହୁଲ ଯାହାସବୁ କହିଛନ୍ତି, ସେଥିରେ କୌଣସି ସତ୍ୟତା ନାହିଁ। ନିର୍ବାଚନରେ ସରକାର ବିରୋଧୀ ହାୱା ସଂପର୍କରେ ସେମାାନେ କହିଲେ ଯେ ଦେଶରେ କଂଗ୍ରେସ ବିରୋଧରେ ହାୱା ରହିଛି, ଯେଉଁଥିପାଇଁ କଂଗ୍ରେସ କ୍ରମାଗତ ଭାବେ ପରାଜୟର ସମ୍ମୁଖୀନ ହେଉଛି। କିନ୍ତୁ ଦେଶର ଏହି ରାଜନୀତିକୁ ରାହୁଲ ବୁଝିବାରେ ଫେଲ୍ ମାରିଛନ୍ତି। ଅନ୍ୟକୁ ଦୋଷ ଦେବା ଅପେକ୍ଷା ସେ ନିଜେ ଆତ୍ମସମୀକ୍ଷା କରନ୍ତୁ।

# ପୁଣି ଧମକ ଦେଲା ଇରାନ

ତେହରାନ/ୱାସିଂଟନ, ୨୪।୯(ଏଜେନ୍ସି): ଆମେରିକା କିମ୍ବା ଇସ୍ରାଏଲ ପକ୍ଷରୁ ଇରାନ ଉପରେ ପୁଣି ଆକ୍ରମଣ ହେଲେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଭାରତ ମହାସାଗର ପର୍ଯ୍ୟନ୍ତ ବ୍ୟାପିପାରେ ବୋଲି ଇରାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନେଇଙ୍କ ପରାମର୍ଶଦାତା ୟାହ୍ୟା ରହିମ ସଫାଭି ଗୁରୁବାର ଏହି ଚେତାବନୀ ଦେଇଛନ୍ତି। ସଫାଭିଙ୍କ ଅନୁଯାୟୀ, ସଂଘର୍ଷ ପାରସ୍ୟ ଉପସାଗର ଓ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ଲୋହିତ ସାଗର ପର୍ଯ୍ୟନ୍ତ ପହଞ୍ଚିଛି। ଆଉ ଏକ ଆକ୍ରମଣ ହେଲେ ଯୁଦ୍ଧର ଭୌଗୋଳିକ ପରିସର ଆହୁରି ବଢ଼ିପାରେ ବୋଲି ସେ କହିଛନ୍ତି। ଏପରି ସ୍ଥିତି ଭାରତ ଓ ଚୀନ୍ ଭଳି ପ୍ରମୁଖ ତୈଳ ଆମଦାନୀକାରୀ ଦେଶ ପାଇଁ ଚିନ୍ତା ବଢ଼ାଇପାରେ। ଉପସାଗରୀୟ ଅଞ୍ଚଳରୁ ଏସିଆକୁ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକର ସୁରକ୍ଷା ନେଇ ମଧ୍ୟ ଆଶଙ୍କା ବଢ଼ିପାରେ। ଇରାନ ଦାବି କରିଛି ଯେ ଚଳିତ ବର୍ଷ ମାର୍ଚ୍ଚରେ ମଧ୍ୟ ସଂଘର୍ଷର ପ୍ରଭାବ ଭାରତ ମହାସାଗର ପର୍ଯ୍ୟନ୍ତ ପହଞ୍ଚିଥିଲା। ରଏଟର୍ସ ଅନୁଯାୟୀ, ଶ୍ରୀଲଙ୍କାର ଗାଲେ ନିକଟରେ ଆମେରିକୀୟ ଆକ୍ରମଣରେ ଇରାନୀ ଯୁଦ୍ଧଜାହାଜ ଆଇଆରଆଇଏସ୍ ଡେନା ବୁଡ଼ିଥିଲା। ଏହି ମଧ୍ୟରେ ଜାତିସଂଘ ସାଧାରଣ ପରିଷଦରେ ଇରାନୀ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଆମେରିକାର ନୀତିକୁ ସମାଲୋଚନା କରିଛନ୍ତି। ଇରାନ ଚାପରେ ନଇଁବ ନାହିଁ ବୋଲି ସେ କହିଥିବା ବେଳେ ଆଲୋଚନା ମାଧ୍ୟମରେ ସଂଘର୍ଷର ସମାଧାନ ପାଇଁ ଇରାନ ପ୍ରସ୍ତୁତ ଥିବା ସଙ୍କେତ ଦେଇଛନ୍ତି। ଅନ୍ୟପକ୍ଷରେ ହର୍ମୁଜ୍ ପ୍ରଣାଳୀ ଏବେ ମଧ୍ୟ ସଂଘର୍ଷର ପ୍ରମୁଖ କେନ୍ଦ୍ର ରହିଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ଓ ଏଲ୍‌ଏନ୍‌ଜି ଏହି ଜଳପଥ ଦେଇ ପରିବହନ ହୋଇଥାଏ।

**ଆକ୍ରମଣ ହେଲେ ସୁରକ୍ଷିତ ରହିବ ନାହିଁ ଭାରତ ମହାସାଗର**

## ଟିଏମ୍‌ସି ବିବାଦ ନିଷ୍ପତ୍ତି ସଂପର୍କରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଟିଏମ୍‌ସିର ନାମ ଓ ନିର୍ବାଚନୀ ଚିହ୍ନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦର ଚୂଡ଼ାନ୍ତ ନିଷ୍ପତ୍ତି କେବେ ସୁଦ୍ଧା ନିଆଯାଇପାରିବ, ତାହାର ସମୟସୀମା ଜଣାଇବାକୁ ନିର୍ବାଚନ କମିଶନଙ୍କୁ କହିଛନ୍ତି ସୁପ୍ରିମକୋର୍ଟ। ଏହି ମାମଲାରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଖଣ୍ଡପୀଠ ଆସନ୍ତା ୨୮ ସେପ୍‌ଟେମ୍ବରରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଅକ୍ଟୋବର ୬ରେ ପଶ୍ଚିମବଙ୍ଗରେ ଉପନିର୍ବାଚନ ହେବାକୁ ଥିବାରୁ ମାମଲାଟି ଗୁରୁତ୍ୱପୂର୍ଣ୍ଣ ହୋଇଛି। ମମତାଙ୍କ ପକ୍ଷରୁ କପିଲ ସିବଲ ଯୁକ୍ତି ରଖିଥିବାବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡିଏସ୍ ନାଇଡୁ ଉପସ୍ଥିତ ଥିଲେ। ସିବଲ କହିଥିଲେ ଯେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରେ ଇସି ନାମ ଓ ଚିହ୍ନ ଫ୍ରିଜ୍ କରିଥିବାରୁ ତାଙ୍କ ପକ୍ଷରେ ତୁରନ୍ତ ରାହାତ ପାଇବାର ବିକଳ୍ପ ସୀମିତ ହୋଇଯାଇଛି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଇସିକୁ ବିବାଦର ଶୁଣାଣି ଆରମ୍ଭ କରି କିଛି ସମୟ ପାଇଁ ଦୈନିକ ଭିତ୍ତିରେ ଉଭୟ ପକ୍ଷର ଯୁକ୍ତି ଓ ପ୍ରମାଣ ଶୁଣିବା ଉପରେ ବିଚାର କରିବାକୁ ସଙ୍କେତ ଦେଇଥିଲେ। ଉଭୟ ଗୋଷ୍ଠୀକୁ ନିଜ ଦାବି ଓ ପ୍ରମାଣ ରଖିବାର ସୁଯୋଗ ଦେଇ ନିର୍ବାଚନ କମିଶନ ସ୍ୱାଧୀନ ଭାବେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଉଚିତ ବୋଲି ଅଦାଲତ କହିଛନ୍ତି। ସେପ୍ଟେମ୍ବର ୧୭ରେ ଦଳୀୟ ବିବାଦକୁ ନେଇ ଇସି 'ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଓ 'ଫୁଲ-ଘାସ' ଚିହ୍ନକୁ ଅନ୍ତରୀଣ ଭାବେ ଫ୍ରିଜ୍ କରିଥିଲା। ପରେ ଦୁଇ ଗୋଷ୍ଠୀକୁ ଅଲଗା ନାମ ଓ ଚିହ୍ନ ଦିଆଯାଇଛି।

## ଏଆଇସିସି ସଚିବ ଚୟନରେ ଅନିୟମିତତା; ସାକ୍ଷାତକାର ବାତିଲ୍

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଅଖିଳ ଭାରତ କଂଗ୍ରେସ କମିଟିର ସଚିବ ପଦ ପାଇଁ ଅନୁଷ୍ଠିତ ସାକ୍ଷାତକାର ପ୍ରକ୍ରିୟାକୁ ଦଳ ବାତିଲ୍ କରିଛି। ପ୍ରାର୍ଥୀ ଚୟନରେ ଅନିୟମିତତା ଓ ତ୍ରୁଟି ହୋଇଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏଆଇସିସି ସଚିବ ନିଯୁକ୍ତି ପାଇଁ ଦଳ ପୁଣି ପାରମ୍ପରିକ ପଦ୍ଧତିକୁ ଫେରିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଦଳର ସାଂଗଠନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ଦକ୍ଷ କରିବା ଉଦ୍ଦେଶ୍ୟରେ ଏଆଇସିସି ସଚିବ ଚୟନ ପାଇଁ ଏକ ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଦଳର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏଥିପାଇଁ ଅନେକ ନେତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ତେବେ ପ୍ରାର୍ଥୀ ଚୟନର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ତ୍ରୁଟି ରହିଥିବା ନେଇ ପ୍ରଶ୍ନ ଉଠିଥିଲା। ବିଶେଷକରି 'ସଂଗଠନ ସୃଜନ' ଅଭିଯାନ ମାଧ୍ୟମରେ ନିକଟରେ ବିଭିନ୍ନ ଜିଲ୍ଲାର ସଭାପତି ଦାୟିତ୍ୱ ନେଇଥିବା କେତେକ ନେତାଙ୍କୁ ମଧ୍ୟ ଏଆଇସିସି ସଚିବ ପଦର ସାକ୍ଷାତକାର ପାଇଁ ଡକାଯାଇଥିବା ଜଣାପଡ଼ିଛି। ଦଳୀୟ ସାଂଗଠନିକ ଦାୟିତ୍ୱରେ ନୂଆ କରି ନିଯୁକ୍ତ ହୋଇଥିବା ନେତାଙ୍କୁ ଏତେ ଶୀଘ୍ର ଜାତୀୟ ସ୍ତରର ଦାୟିତ୍ୱ ପାଇଁ କିପରି ବିଚାର କରାଗଲା, ତାହା ନେଇ ଦଳ ଭିତରେ ପ୍ରଶ୍ନ ଉଠିଥିଲା। ଏହା ସହିତ କେତେକ 'ସୁପାରିସ୍' ଭିତ୍ତିକ ପ୍ରାର୍ଥୀ ମଧ୍ୟ ସାକ୍ଷାତକାର ପର୍ଯ୍ୟାୟରେ ପହଞ୍ଚିଥିବା ଚର୍ଚ୍ଚା ହେଉଛି। ଶେଷରେ ପ୍ରାର୍ଥୀ ଚୟନରେ ଥିବା ତ୍ରୁଟି ଓ ଅନିୟମିତତାକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ସାକ୍ଷାତକାର ପ୍ରକ୍ରିୟାକୁ ରଦ୍ଦ କରାଯାଇଛି। ଏବେ ନୂଆ ପଦ୍ଧତିରେ ନୁହେଁ, ବରଂ ଦଳର ପୂର୍ବ ପ୍ରଚଳିତ ପାରମ୍ପରିକ ପ୍ରକ୍ରିୟା ଅନୁସରଣ କରି ସଚିବ ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି।

## ଆମେରିକୀୟ ଯୁଦ୍ଧଜାହାଜରେ ୮ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

ୱାସିଂଟନ୍, ୨୪।୯(ଏଜେନ୍ସି): ଇରାନ ବିରୋଧୀ ସାମରିକ ଅଭିଯାନରେ ଦୀର୍ଘ ସମୟ ଧରି ନିୟୋଜିତ ଆମେରିକାର 'ୟୁଏସ୍‌ଏସ୍ ଅବ୍ରାହମ୍ ଲିଙ୍କନ୍' ଷ୍ଟ୍ରାଇକ୍ ଗ୍ରୁପ୍‌ରେ ୮ ଜଣ ନୌସେନା କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଆମେରିକାର କାର୍ଯ୍ୟବାହୀ ନୌସେନା ସଚିବ ହଙ୍ଗ୍ କାଓ ସିନେଟର କିର୍‌ଷ୍ଟେନ୍ ଗିଲିବ୍ରାଣ୍ଡଙ୍କୁ ଦେଇଥିବା ଚିଠିରେ ଏହି ସୂଚନା ଦେଇଛନ୍ତି। ଏହି ୮ଟି ଘଟଣା କେବଳ ବିମାନବାହୀ ଜାହାଜର କର୍ମଚାରୀଙ୍କ ନୁହେଁ, ଏଥିରେ ବିମାନ ଦଳ, ଏସ୍‌କର୍ଟ ଯୁଦ୍ଧଜାହାଜ ଓ ଷ୍ଟ୍ରାଇକ୍ ଗ୍ରୁପ୍‌ର ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି। ତେବେ ଏହି ସମୟରେ କୌଣସି ଆତ୍ମହତ୍ୟାଜନିତ ମୃତ୍ୟୁ ହୋଇନଥିବା ନୌସେନା ପକ୍ଷରୁ କୁହାଯାଇଛି। ଅଗଷ୍ଟରେ ଜଣେ ନୌସେନା କର୍ମଚାରୀ ଜାହାଜରୁ ସମୁଦ୍ରକୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାରକାରୀ ହେଲିକପ୍ଟର ଯୋଗେ ତୁରନ୍ତ ଉଦ୍ଧାର କରାଯାଇଥିଲା। ମାର୍ଚ୍ଚରେ ଆଉ ଜଣେ ସମୁଦ୍ରକୁ ଡେଇଁବାକୁ ଉଦ୍ୟମ କରିଥିବାବେଳେ ସହକର୍ମୀମାନେ ତାଙ୍କୁ ରୋକିଥିଲେ। 'ଲିଙ୍କନ୍' ଷ୍ଟ୍ରାଇକ୍ ଗ୍ରୁପ୍‌ରେ ପ୍ରାୟ ୬ରୁ ୭ ହଜାର କର୍ମଚାରୀ ରହିଛନ୍ତି।

### ହର୍ମୁଜ୍‌ରେ କାର୍ଗୋରେ ଆକ୍ରମଣ; ଭାରତୀୟ ନାବିକ ମୃତ

ଦେଓରିଆ, ୨୪।୯(ଏଜେନ୍ସି): ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ବାଣିଜ୍ୟିକ କାର୍ଗୋ ଜାହାଜ ଉପରେ ଆକ୍ରମଣରେ ଉତ୍ତରପ୍ରଦେଶର ଦେଓରିଆ ଜିଲ୍ଲାର ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି। ମୃତ ନାବିକ ହେଲେ ୨୩ ବର୍ଷୀୟ ସୂରଜ ଯାଦବ। ସେ କର୍ମାଞ୍ଜିପୁର ଅହିରୱତି ଟୋଲା ଗାଁର ବାସିନ୍ଦା ଏବଂ ଓମ୍‌ପ୍ରକାଶ ଯାଦବଙ୍କ ପୁଅ। ସୂଚନା ଅନୁଯାୟୀ, ଅଗଷ୍ଟ ୧୯ରେ ମୁମ୍ବାଇସ୍ଥିତ ଏକ କମ୍ପାନି ମାଧ୍ୟମରେ ସୂରଜ ଓମାନ ଯାଇଥିଲେ। ସେ ଜାହାଜରେ 'ୱାଇପର' ଭାବେ କାମ କରୁଥିଲେ। ଜାହାଜଟି ଓମାନରୁ ବାହାରି ବାହାରିନ ଅଭିମୁଖେ ଯାଇଥିଲା। ପରେ ଏହା ଭାରତ ଅଭିମୁଖେ ଯାଉଥିବା ସମୟରେ ଆକ୍ରମଣର ସମ୍ମୁଖୀନ ହୋଇଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ଜାହାଜରେ ଥିବା ୧୯ ଜଣ ଭାରତୀୟଙ୍କ ସମେତ ବଞ୍ଚିଥିବା ସମସ୍ତ ନାବିକଙ୍କୁ ଓମାନ ରୟାଲ ନେଭି ଉଦ୍ଧାର କରିଛି। ସେମାନେ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଛନ୍ତି। ସୂରଜଙ୍କ ମୃତଦେହ ଭାରତ ଫେରାଇ ଆଣିବା ସହ ପରିବାରକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସରକାର କହିଛନ୍ତି।

### ଆମେରିକୀୟ ଯୁଦ୍ଧବିମାନର ଯନ୍ତ୍ରାଂଶ ଜବତକଲା ଚୀନ୍

ୱାଶିଂଟନ୍, ୨୪।୯(ଏଜେନ୍ସି): ଆମେରିକାର ଅତ୍ୟାଧୁନିକ ଏଫ୍-୩୫ ଷ୍ଟିଲ୍‌ଥ ଯୁଦ୍ଧବିମାନର ସମ୍ବେଦନଶୀଳ ଯନ୍ତ୍ରାଂଶ ଅଷ୍ଟ୍ରେଲିଆରୁ ଆମେରିକା ଯିବା ବଦଳରେ ହଂକଂରେ ପହଞ୍ଚିବା ଘଟଣା ଏବେ ରହସ୍ୟ ଘେରରେ। ମେ' ମାସରେ ଘଟିଥିବା ଏହି ଘଟଣାରେ ଚୀନ୍ ଉକ୍ତ ଯନ୍ତ୍ରାଂଶଗୁଡ଼ିକୁ ନିଜ ହେପାଜତକୁ ନେଇଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ କୁହାଯାଇଛି। ଏହାକୁ ନେଇ ଆମେରିକାର ସୁରକ୍ଷା ମହଲରେ ଚିନ୍ତା ବଢ଼ିଛି। ଯନ୍ତ୍ରାଂଶଗୁଡ଼ିକ ମଧ୍ୟରେ କକ୍‌ପିଟ୍‌ର ଆଗ କାଚ ଓ ଅସ୍ତ୍ର ରଖିବା ଖୋପର ଦ୍ୱାର ରହିଛି। ଏଥିରେ ରାଡାର୍‌କୁ ଏଡ଼ାଇବାରେ ସହାୟକ ସ୍ୱତନ୍ତ୍ର ଆବରଣ ଲାଗିଥିବାରୁ ଏହାର ପ୍ରଯୁକ୍ତି ଚୀନ୍ ହାତରେ ପଡ଼ିବା ଆମେରିକା ପାଇଁ ଚିନ୍ତା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଓ ପେଣ୍ଟାଗନ୍ ଘଟଣାର ତଦନ୍ତ କରୁଛନ୍ତି। ମରାମତି ପାଇଁ ୟୁପିଏସ୍ ମାଧ୍ୟମରେ ଆମେରିକା ପଠାଯାଉଥିବା ଏହି ସାମଗ୍ରୀ ଦକ୍ଷିଣ କୋରିଆରୁ କିପରି ହଂକଂକୁ ଯିବାକୁ ଦିଆଗଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

## ୬ ମାସରେ ୪ ଲକ୍ଷ ଜୀବନ ନେବ ସୁପର ଏଲ୍ ନିନୋ

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ସୁପର ଏଲ୍ ନିନୋ ଯୋଗୁଁ ଆସନ୍ତା ୬ ମାସରେ ବିଶ୍ୱରେ ଅତିରିକ୍ତ ୪ ଲକ୍ଷ ୫୧ ହଜାର ଲୋକଙ୍କ ମୃତ୍ୟୁ ହୋଇପାରେ। ଅତ୍ୟଧିକ ତାପମାତ୍ରାଜନିତ ମୃତ୍ୟୁକୁ ନେଇ 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍' ପକ୍ଷରୁ କରାଯାଇଥିବା ଏକ ଆକଳନରେ ଏହି ଆଶଙ୍କା ପ୍ରକାଶ ପାଇଛି। ସେପ୍‌ଟେମ୍ବର ୨୦୨୬ରୁ ଫେବ୍ରୁଆରି ୨୦୨୭ ମଧ୍ୟରେ ଏଲ୍ ନିନୋ ଯୋଗୁଁ ସାଧାରଣ ବର୍ଷ ତୁଳନାରେ ଏହି ଅତିରିକ୍ତ ମୃତ୍ୟୁ ହୋଇପାରେ ବୋଲି ଆକଳନ କରାଯାଇଛି। ତେବେ ଏହା ପୂର୍ବରୁ ଘଟିଥିବା ମୃତ୍ୟୁର ଆକଳନ ନୁହେଁ। ୧୯୯୬ରୁ ୨୦୨୫ ପର୍ଯ୍ୟନ୍ତର ତଥ୍ୟକୁ ଆଧାର ବର୍ଷ ଭାବେ ନେଇ ସାଧାରଣ ତାପମାତ୍ରା ସହ ତୁଳନା କରି ଗବେଷକମାନେ ଅତିରିକ୍ତ ତାପଜନିତ ମୃତ୍ୟୁର ଏହି ଆକଳନ କରିଛନ୍ତି। 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍' ଜଳବାୟୁ ବିଜ୍ଞାନ, ଅର୍ଥନୀତି ଓ ତଥ୍ୟ ବିଶ୍ଳେଷଣକୁ ଏକତ୍ର କରି ଜଳବାୟୁ ପରିବର୍ତ୍ତନର ମାନବ ଜୀବନ ଓ ଅର୍ଥନୀତି ଉପରେ ପ୍ରଭାବ ଅଧ୍ୟୟନ କରେ। ଆକଳନ ଅନୁଯାୟୀ, ଏହି ଅତିରିକ୍ତ ମୃତ୍ୟୁର ବଡ଼ ଅଂଶ ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ହୋଇପାରେ। ଆଫ୍ରିକାର ସାହେଲ୍ ଅଞ୍ଚଳରେ ପ୍ରାୟ ୬୬,୮୦୦ ଅତିରିକ୍ତ ତାପଜନିତ ମୃତ୍ୟୁର ଆକଳନ କରାଯାଇଛି। ଏଥିରୁ ନାଇଜେରିଆରେ ୩୧,୪୦୦, ସୁଦାନରେ ୧୬,୫୦୦, ନାଇଜରରେ ୧୦,୦୦୦ ଏବଂ ଚାଦ୍‌ରେ ୮,୦୦୦ ମୃତ୍ୟୁ ହୋଇପାରେ। ଦକ୍ଷିଣପୂର୍ବ ଏସିଆର ଫିଲିପାଇନ୍ସ, ଭିଏତନାମ, ଥାଇଲାଣ୍ଡ ଓ କାମ୍ବୋଡିଆରେ ମିଳିତ ଭାବେ ପ୍ରାୟ ୧୯,୪୦୦ ଏବଂ ଇଣ୍ଡୋନେସିଆରେ ୧୯,୩୦୦ ଅତିରିକ୍ତ ମୃତ୍ୟୁର ଆକଳନ ହୋଇଛି। ବ୍ରାଜିଲ୍‌ରେ ଏହି ସଂଖ୍ୟା ୧୩,୩୦୦ ଓ ଭାରତରେ ୧୫,୮୦୦ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ପାଣିପାଗ ସଂଗଠନ ଅନୁଯାୟୀ, ଏଲ୍ ନିନୋ ଏବେ ସକ୍ରିୟ ଥିବା ସହ ନଭେମ୍ବର-ଡିସେମ୍ବରରେ ଏହାର ତୀବ୍ରତା ସର୍ବାଧିକ ହୋଇପାରେ। ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଏହା ଜାରି ରହିବାର ସମ୍ଭାବନା ପ୍ରାୟ ୧୦୦ ପ୍ରତିଶତ ବୋଲି ସଂଗଠନ କହିଛି। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନର ଆକଳନ ଅନୁଯାୟୀ, ନିନୋ ୩.୪ ଅଞ୍ଚଳର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧.୮ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ପୂର୍ବ ଭୂମଧ୍ୟ ପ୍ରଶାନ୍ତ ଅଞ୍ଚଳରେ ଏହି ବ୍ୟତିକ୍ରମ ୩ ଡିଗ୍ରୀରୁ ଅଧିକ ରହିଛି। ଗବେଷକମାନେ କହିଛନ୍ତି, ଫେବ୍ରୁଆରି ୨୦୨୭ ପରେ ମଧ୍ୟ ଭାରତ ଓ ପାକିସ୍ତାନ ଭଳି ଉତ୍ତର ଗୋଲାର୍ଦ୍ଧର ଦେଶଗୁଡ଼ିକରେ ଗ୍ରୀଷ୍ମ ଋତୁ ସମୟରେ ତାପଜନିତ ମୃତ୍ୟୁ ବଢ଼ିପାରେ।

**ଭାରତ ପାଇଁ ଆଗାମୀ ଗ୍ରୀଷ୍ମରେ ବଢ଼ିପାରେ ବିପଦ**



‘ଉଶୁ’ରେ ରୋଶିବିନାଙ୍କୁ ରୌପ୍ୟ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-92 ♦FRIDAY ♦25 SEPTEMBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୯୨ ♦ଶୁକ୍ରବାର ♦୨୫ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପୁଣି ଦିଲ୍ଲୀରେ ଗର୍ଜିଲା କକ୍ରୋଚ୍ ଜନତା ପାର୍ଟି

# ଜ୍ଞାନେଶଙ୍କୁ ୪୮ ଘଣ୍ଟାର ଗାଦି ଛାଡ଼ ମହଲତ

### ୩ ଦାବି ପୂରଣ ନହେଲେ ଦେଶବ୍ୟାପୀ ଆନ୍ଦୋଳନ: ସିଜେପି

## ସିଇସି ଗଣତନ୍ତ୍ରର ବିଶ୍ୱାସଘାତକ



■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଏସ୍ଆଇଆର୍‌କୁ ନେଇ ନିର୍ବାଚନ କମିସନରେ ଫାଟ ସଂକ୍ରାନ୍ତ ଖବର ପ୍ରକାଶ ପାଇବା ପରେ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଅନ୍ୟ ଦୁଇ ଜଣ ନିର୍ବାଚନ କମିସନରଙ୍କ ଆପତ୍ତିକୁ ଖାତିର ନକରି ମନଇଚ୍ଛା ବେଆଇନ ନିଷ୍ପତ୍ତି ନେଇଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏବେ ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରିବାକୁ ଲାଗିଛନ୍ତି। ନିଜ ପଦରୁ ଇସ୍ତଫା ଦେବାପାଇଁ ତାଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଜ୍ଞାନେଶ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କକ୍ରୋଚ ଜନତା ପାର୍ଟି ଦାବି କରିଛି। ଏଥିପାଇଁ ଜ୍ଞାନେଶଙ୍କୁ ୪୮ ଘଣ୍ଟାର ସମୟ ଦେଇଛି। ଏହି ସମୟ ମଧ୍ୟରେ ଇସ୍ତଫା ନଦେଲେ ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଧମକ ଦେଇଛି କକ୍ରୋଚ୍ ପାର୍ଟି। ସଂଗଠନ କହିଛି ଯେ ଜ୍ଞାନେଶ ହେଉଛନ୍ତି ଗଣତନ୍ତ୍ରର ସବୁଠୁ ବଡ଼ ବିଶ୍ୱାସଘାତକ ଓ ଦେଶବିରୋଧୀ।

ସଂଗଠନ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଚେତାବନୀ ଦେଇଛନ୍ତି ସିଜେପିର ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦିପ୍‌କେ। ସେ କହିଛନ୍ତି, ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଧାରଣା ଓ ପ୍ରତିବାଦ କରାଯିବ। ପୁଣି ଯନ୍ତରମନ୍ତର-୨ ଆନ୍ଦୋଳନ ହେବ। ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଗଠନର ସହ-ଆବାହକ ସୌରଭ ଦାସ ଓ ଆଶୁତୋଷ ରାଙ୍କା ଏହି ଅବସରରେ ତିନିଟି ପ୍ରମୁଖ ଦାବି ରଖିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ, ନଚେତ ତାଙ୍କୁ ହଟାଯାଉ। ବେଆଇନ କାର୍ଯ୍ୟ ପାଇଁ ସେ କାହା ଇସାରାରେ କାମ କରୁଥିଲେ ସେମାନଙ୍କର ନାମ ପ୍ରକାଶ କରନ୍ତୁ। ଏମାନଙ୍କ ବିରୋଧରେ ଅପରାଧିକ ମକଦ୍ଦମା ହେଉ। ଦ୍ୱିତୀୟରେ ନିକଟରେ ହେବାକୁ ଥିବା ସମସ୍ତ ନିର୍ବାଚନକୁ ବାତିଲ କରାଯାଉ ଏବଂ ଏସ୍ଆଇଆର ପ୍ରକ୍ରିୟାର ସମୀକ୍ଷା କରାଯାଉ। ଏହାସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ୨୦୨୫ର ଭୋଟର ତାଲିକା ସ୍ଥିତିକୁ ଫେରାଇ ନେବା ସହିତ ଏସ୍ଆଇଆର୍ ସମ୍ପର୍କିତ ଫାଇଲ୍‌ଗୁଡ଼ିକୁ ସୁପ୍ରିମକୋର୍ଟ ନେତୃତ୍ୱାଧୀନ କମିଟି ହେପାଜତରେ ରଖାଯାଉ। ▶ପୃଷ୍ଠା-୭



## ମହାଭିଯୋଗ ପାଇଁ ବିରୋଧୀଙ୍କ ପ୍ରସ୍ତୁତି

**ଆଜି ନିର୍ବାଚନ କମିସନ ଅଫିସ ଘେରାଉ କରିବ କଂଗ୍ରେସ**

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ସଂସଦରେ ପୁଣି ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଅଣ୍ଟା ଭିଡ଼ିଛି। ସଂସଦର ଉଭୟ ଗୃହରେ ଏହି ନୋଟିସ ଆଗାମୀ ଏକରୁ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରାଯାଇପାରେ ବୋଲି ସୂତ୍ରରୁ ପ୍ରକାଶ ପାଇଛି। ମତଦାତା ତାଲିକାର ଏସ୍ଆଇଆର୍ ଏବଂ ଫର୍ମ ୬ ପରିବର୍ତ୍ତନକୁ ନେଇ ନିର୍ବାଚନ ଆୟୋଗର ଅନ୍ୟ ଦୁଇ କମିସନର ସୁଖବୀର ସିଂ ସନ୍ଧୁ ଏବଂ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ଅନ୍ତତଃ ୧୪ ଥର ଆପତ୍ତି ଉଠାଇଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି। ଏହାପରେ ଦେଶରେ ରାଜନୈତିକ ବିବାଦ ତୀବ୍ର ହୋଇଛି। ଏହାକୁ ଆଧାର କରି ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି। ଏହାପୂର୍ବରୁ ଜ୍ଞାନେଶଙ୍କ ବିରୋଧରେ ଦୁଇଥର ମହାଭିଯୋଗ ନୋଟିସ ଦିଆଯାଇଥିଲା। ନିର୍ବାଚନ କମିସନ ଇତିହାସରେ କୌଣସି କମିସନରଙ୍କ ବିରୋଧରେ ମହାଭିଯୋଗ ଆଣିବାରେ ଏହା ଥିଲା ପ୍ରଥମ ଘଟଣା। ଲୋକସଭାର ୧୩୦ ଏବଂ ରାଜ୍ୟସଭାର ୬୩ ଜଣ ସାଂସଦଙ୍କ ଦସ୍ତଖତରେ ▶ପୃଷ୍ଠା-୭

### ଭୋଟ ଚୋରିରେ ନିର୍ବାଚନ କମିଶନ ମୁଖ୍ୟ ଅଭିଯୁକ୍ତ: ରାହୁଲ

## ଦେଶଦ୍ରୋହୀଙ୍କୁ ସଜା ମିଳିବ

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିର୍ବାଚନ କମିସନରେ ମତଭେଦକୁ ନେଇ କେନ୍ଦ୍ର ସରକାର ଓ ମୁଖ୍ୟ ନିର୍ବାଚନ କମିସନରଙ୍କ ଉପରେ ବର୍ଷିଛନ୍ତି ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଏସ୍ଆଇଆର୍ ପ୍ରକ୍ରିୟାରେ ଅନିୟମିତତା ହେଉଛି ବୋଲି ଦୁଇ ଜଣ ନିର୍ବାଚନ କମିସନର ଆପତ୍ତି କରିବା ସତ୍ତ୍ୱେ ଏହାକୁ ଖାତିର ନକରି ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ କମିସନ ଏସ୍ଆଇଆର୍‌କୁ ଅସ୍ତ୍ର କରି ନିର୍ବାଚନ କରାଇଛନ୍ତି। ଏଭଳି ବେଆଇନ ପ୍ରକ୍ରିୟାର ଯେଉଁମାନେ



ସଂସଦକୁ ନିର୍ବାଚିତ ହେଉଛନ୍ତି, ସେମାନଙ୍କ ଦ୍ୱାରା ପ୍ରଣିତ ଆଇନ ମଧ ବେଆଇନ। ଭୋଟ ଚୋରି ପରେ କାନୁନ ଚୋରି। ଏହି ସମଗ୍ର ଘଟଣା ପାଇଁ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଦାୟୀ ▶ପୃଷ୍ଠା-୭

### ଏମ୍‌ଡିଆର୍ ଶୁଳ୍କକୁ ବିରୋଧ

## ଅକ୍ଟୋବର ୨ରେ ‘ନୋ ୟୁପିଆଇ ଡେ’

■ ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାରରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ବା ବାଣିଜ୍ୟ ରିହାତି ହାର(ଏମ୍‌ଡିଆର୍) ଲାଗୁକୁ ନେଇ ସାରା ଦେଶରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏବେ ଦେଶର ବ୍ୟବସାୟୀମାନେ ଏହାକୁ ନେଇ ମୁହଁ ଖୋଲିଛନ୍ତି। ବାଣିଜ୍ୟ ସଂଗଠନଗୁଡ଼ିକ ଅକ୍ଟୋବର ୨କୁ ‘ନୋ ୟୁପିଆଇ ଡେ’ ଭାବରେ ପାଳନ କରିବାକୁ ଯାଉଛନ୍ତି। ଏହି ଦିନ ସାରା ଦେଶରେ କୌଣସି ବି ଦୋକାନୀ ବା ବ୍ୟବସାୟୀ ଗ୍ରାହକଙ୍କଠାରୁ ୟୁପିଆଇରେ ଟଙ୍କା ଗ୍ରହଣ କରିବେନାହିଁ। ବ୍ୟବସାୟୀମାନେ ୟୁପିଆଇ ସ୍କାନର, କ୍ୟୁଆର୍ କୋଡ୍, ସାଉଣ୍ଡ ବାକ୍ସ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଉପକରଣଗୁଡ଼ିକୁ କଳା କପଡାରେ ଘୋଡାଇ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କିଛି ଉଚ୍ଚ-ମୂଲ୍ୟର ୟୁପିଆଇ କାରବାର ଉପରେ ପ୍ରସ୍ତାବିତ ଏମ୍‌ଡିଆର୍ ଶୁଳ୍କ ବିରୁଦ୍ଧରେ ବ୍ୟବସାୟୀମାନେ ଏହି ପ୍ରତିବାଦ କରୁଛନ୍ତି। ବ୍ୟବସାୟୀମାନେ ଗାନ୍ଧୀ ଜୟନ୍ତୀ ରେ ଏପରି ବଡ଼ ଧରଣର ବିରୋଧ କରିବେ।




**‘କ୍ୟୁଆର୍ କୋଡ୍’ରେ ଘୋଡ଼ାଯିବ କଳା କପଡ଼ା**

ନୂଆ ଏମ୍‌ଡିଆର୍ ନିୟମରେ ସରକାର ଅକ୍ଟୋବର ୧୫ରୁ ୨,୦୦୦ ଟଙ୍କାରୁ ଅଧିକ ଯୋଗ୍ୟ ୟୁପିଆଇ ପେମେଣ୍ଟ ଉପରେ ବ୍ୟବସାୟୀଙ୍କଠାରୁ ୦.୪ ପ୍ରତିଶତ ଶୁଳ୍କ ଆଦାୟ କରିବେ। ହେଲେ ସରକାରଙ୍କ ଏହି ନୂଆ ନିୟମକୁ ବ୍ୟବସାୟୀମାନେ ତୀବ୍ର ବିରୋଧ କରୁଛନ୍ତି ଏବଂ ଏହି ଶୁଳ୍କକୁ ତୁରନ୍ତ ହଟାଇବା ପାଇଁ ଦାବି କରୁଛନ୍ତି। ମହାରାଷ୍ଟ୍ର ଚାମ୍ବର ଅଫ୍ କମର୍ସ, ଇଣ୍ଡଷ୍ଟ୍ରି ଆଣ୍ଡ ଏଗ୍ରିକଲଚର (ଏମ୍‌ଏସିସିଆଇଏ) ର ସଭାପତି ରବୀନ୍ଦ୍ର ମଙ୍ଗୱେଙ୍କ ସୂଚନା ଅନୁସାରେ, ଏହି ▶ପୃଷ୍ଠା-୭

### ଏମ୍‌ଏମ୍‌ଡିଆର୍ ଆଇନ ସଂଶୋଧନକୁ ବିଜେଡିର ତୀବ୍ର ବିରୋଧ

## ୨୮ ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ; ଯୋଗଦେବେ ନବୀନ

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡିଆର ସଂଶୋଧନ ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହେବା ପରେ ଏହାକୁ ବିଜେଡି ତୀବ୍ର ବିରୋଧ କରି ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ବିରୋଧରେ ସମାବେଶ ଅନୁଷ୍ଠିତ ହେଉଛି। ଏହିକ୍ରମରେ ଆସନ୍ତା ୨୮ ତାରିଖରେ ଦଳ ପକ୍ଷରୁ ଲୋୟର ପିଏମଜିରେ ଏକ ବିଶାଳ ଗଣ ବିକ୍ଷୋଭ ସଭା କାର୍ଯ୍ୟକ୍ରମ ଆୟୋଜିତ ହେବ ଓ ଏଥିରେ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ । ଶଙ୍ଖ ଭବନରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଧାୟକ ଡ. ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ପିଏସି ସଦସ୍ୟ ସୁଦାମ ମାର୍ଣ୍ଡି ଓ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ ଏମଏମଡିଆର ▶ପୃଷ୍ଠା-୭



**କଳା ଆଇନ ପ୍ରତ୍ୟାହାର ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ**

**ଆଦିବାସୀଙ୍କ ଜୀବନଜୀବିକାକୁ ନର୍କ କରିଦେବ ନୂଆ ଆଇନ**

## ସରକାରଙ୍କୁ ଅଡୁଆରେ ପକାଇଲେ ଖଣିମନ୍ତ୍ରୀ

**ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ ଦ୍ୱାରା ଲାଭ-କ୍ଷତିର ଆକଳନ ହୋଇନାହିଁ: ବିଭୂତି**

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡ଼ିଆର୍ ସଂଶୋଧନ ଅର୍ଥାତ୍ ସଂସଦରେ ଗୃହୀତ ସଂଶୋଧିତ ଖଣି ଆଇନରେ ଓଡ଼ିଶାର କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢ଼ୁଥିବା ବିଜେପି ନେତା ଓ ସାଂସଦମାନଙ୍କୁ ବିଧାନସଭାରେ ମିଛୁଆ ପ୍ରମାଣିତ କରିଛନ୍ତି ରାଜ୍ୟ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା । ପ୍ରକାଶ ସୋରେନ୍ ଓ ଗଣେଶ୍ୱର ବେହେରାଙ୍କ ଦୁଇଟି ଭିନ୍ନଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଖଣି ଆଇନ ପ୍ରସଙ୍ଗରେ ତାଙ୍କ ଦଳ ଓ ସରକାରଙ୍କ ଆଭିମୁଖ୍ୟରେ ଥିବା ବିଭ୍ରାନ୍ତିକୁ ସ୍ପଷ୍ଟ କରିଦେଇଛନ୍ତି । ଏମଏଡିଆର ସଂଶୋଧିତ ଆଇନର ଆର୍ଥିକ ପ୍ରଭାବ ସମ୍ପର୍କରେ ଲାଭ ବା କ୍ଷତି ସମ୍ପର୍କରେ ସରକାର ଆକଳନ କରିନାହାନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମ ସମ୍ବନ୍ଧୀତ ସର୍ତ୍ତାବଳୀ ପ୍ରଣୟନ ପରେ ଏହାର ଆର୍ଥିକ ପ୍ରଭାବକୁ ସରକାର ନିରୀକ୍ଷଣ କରିବେ । ଅନୁରୂପ ଭାବରେ ଆଡ୍‌ଭୋକେଟ ଜେନେରାଲ ସୁପ୍ରିମକୋର୍ଟରେ କ’ଣ ଯୁକ୍ତି ରଖିଥିଲେ; ତାହାର ତଥ୍ୟ ସରକାରଙ୍କ ନିକଟରେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ବିଧାନସଭାରେ ଉତ୍ତର ରଖିଛନ୍ତି। ▶ପୃଷ୍ଠା-୭

### ଓଲଟ ପାଲଟ



ଲାଞ୍ଛୁଆ ପେଞ୍ଛୁଆ ଧଳା ହାତୀ ପାଇଁ
ଟଙ୍କା ଗୁଡା ଗୋଡି ମାଟି,
ଫାଇଲି କାମରେ ଟେବୁଲ ତଳରେ
ଲାଞ୍ଚ ପାଇଁ ଛାଟି ପିଟି !
କାମରେ ମାରନ୍ତି ବଟି
କୋଟି ପତି ମାରି ପଟି !
ଗୁଇନ୍ଦା ହାତରେ ଧରା ପଡି ବାବୁ
ଯାଆନ୍ତି ମାମୁଁ ଘରଟି !!

-ଯାଯାବର

**ବର୍ଷା ଅଜାଡ଼ିଲା ଗଭୀର ଅବପାତ**

# ଦକ୍ଷିଣ ଓଡ଼ିଶା ଉବୁଟୁବୁ

■ ଭୁବନେଶ୍ୱର, ୨୪।୯ (ସମିସ): ଆନ୍ଧ୍ର ପ୍ରଦେଶର କଳିଙ୍ଗପଟ୍ଟନମ୍‌ରେ ସ୍ଥଳ ଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୧୦ କିମି ବେଗରେ ଆଗକୁ ବଢୁଛି ଗଭୀର ଅବପାତ। ୨୩ ସେପ୍ଟେମ୍ବର ରାତି ୧୧ଟାରୁ ୨୪ ସେପ୍ଟେମ୍ବର ରାତି ୧ଟା ମଧ୍ୟରେ କଳିଙ୍ଗପଟ୍ଟନମର ଦକ୍ଷିଣ-ପଶ୍ଚିମ ନିକଟବର୍ତ୍ତୀ ଅଞ୍ଚଳ ଦେଇ ଏହା ଉପକୂଳ ଅତିକ୍ରମ କରିଛି। ଏହି ସମୟରେ ଏହାର ସର୍ବାଧିକ ପବନ ବେଗ ଘଣ୍ଟାପ୍ରତି ୫୫-୬୫ କିମି ଥିବାବେଳେ ଝଟକା ପବନର ବେଗ ଘଣ୍ଟାପ୍ରତି ୭୫ କିମି ପର୍ଯ୍ୟନ୍ତ ରହିଛି। ଏବେ ଏହି ଅବପାତ ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ଏବଂ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପରେ ସକ୍ରିୟ ରହିଛି। ଧୀରେ ଧୀରେ ଏହା ଦୁର୍ବଳ ହୋଇ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି।

ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଭୀଷଣ ବର୍ଷା ଅନୁଭୂତ ହୋଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ ଆଗକୁ କେନ୍ଦ୍ରୀୟ ଓ ଛତିଶଗଡ଼କୁ ଲାଗି ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ବଢ଼ିବ ବୋଲି ଆକଳନ କରାଯାଇଛି। ଗତ ୨୪ ଘଣ୍ଟାରେ ଏକାଧିକ ବ୍ଲକରେ ୧୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସିମିଳିଗୁଡ଼ାରେ ସର୍ବାଧିକ ୧୯୩.୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚିତ୍ରକୋଣ୍ଡାରେ ୧୬୮.୮ ମିମି, ଖୋର୍ଦ୍ଧାର ଟାଙ୍ଗୀରେ ୧୪୨.୦ ମିମି, ବଡ଼ମ୍ବାରେ ୧୩୪.୦ ମିମି, ଜି ଉଦୟଗିରିରେ ୧୨୫.୪ ମିମି, ପାରଳାଖେମୁଣ୍ଡିରେ ୧୨୧.୪ ମିମି ଏବଂ ଗଜପତିର ଗୋଷାଣୀରେ ୧୨୦.୦ ମିମି ବର୍ଷା ରେକର୍ଡ ହୋଇଛି। ▶ପୃଷ୍ଠା-୭

**ଉତ୍ତରରେ ବର୍ଷା ବିପ୍ଳାତ**

## ବିପଦ ସଙ୍କେତ ଉପରେ ଜଳକା



■ ବସ୍ତା ବ୍ଲକ, ୨୪।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀ ପୁଣି ଫୁଲି ବିପଦ ସଙ୍କେତ ଟପିଛି। ଯାହା ଫଳରେ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ଗତ ଅଗଷ୍ଟ ମାସ ରେ ଜଳକା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ମଥାନୀଠାରେ ଜଳକାର ବିପଦ ସଙ୍କେତ ୬.୫୦ ମିଟର ଥିବା ବେଳେ ଗୁରୁବାର ଜଳକା ୬.୫୭ ମିଟରରେ ପ୍ରବାହିତ ହେଉଥିଲା। ଖବର ଲେଖା ହେବା ବେଳକୁ ଜଳକାର ଜଳସ୍ତର ବୃଦ୍ଧି ପାଉଥିବା ମଥାନୀ ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜଳକାର ବନ୍ୟା ଫଳରେ ବସ୍ତା ବ୍ଲକର ପତ୍ରଝଡା, ସଦାନନ୍ଦପୁର, ବାହାର୍ଦ୍ଦା, କୁଡ଼ିଆ, ମଥାନୀ, ଦୁଧ ହଂସା, ବରୁଣ ଗଡ଼ିଆ, ଦରଡ଼ା, ମୁକୁଲିଶି, ସାହାଡ଼ା, ବାସୁ ଚକୁରିର ବ୍ୟାପକ ଅଞ୍ଚଳ ଓ ଚାଷ ଜମି ଜଳମଗ୍ନ ହୋଇଛି। ବାରମ୍ବାର ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚଳିତ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ନଦୀର ▶ପୃଷ୍ଠା-୭

### ସଂଶୋଧିତ ଖଣି ଆଇନକୁ ତୀବ୍ର ବିରୋଧ

## ବିଧାନସଭା ଅଚଳ; କମ୍ପିଲା ଗୃହ

■ ଭୁବନେଶ୍ୱର, ୨୪।୯ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ଆଜି ମିଳିତ ଭାବେ ବିଧାନସଭା ଅଚଳ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଫଳରେ ଲଗାତାର ତୃତୀୟ ଦିନ ପାଇଁ ବିଧାନସଭା କାର୍ଯ୍ୟ ଧୋଇଯାଇଛି। ଉଭୟ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ଉଭୟ ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧକୁ ମିଶାଇ ମାତ୍ର ୧୭ ମିନିଟ ଗୃହ ଚାଲିପାରିଥିଲା। ଏହି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଗୃହ ଚଲାଇ ଦିଆଯିବ ନାହିଁ ବିରୋଧୀ ଦଳର ନେତା ଗୃହ ବାହାରେ ରୋକଠୋକ୍ ଶୁଣାଇବା ପରେ ସରକାର ସମାଧାନର ବାଟ କିପରି ବାହାରିବ ବୋଲି ଚିନ୍ତାରେ ପଡ଼ିଛନ୍ତି । ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ। ବିଧାୟକ ଧ୍ରୁବଚରଣ ସାହୁ, ସୁଦର୍ଶନ ହରିପାଲ, ତାରା ପ୍ରସାଦ ବାହିନୀପତି, ଯୋଗେଶ ସିଂ ଓ ମଙ୍ଗୁ ଖିଲ ରିପୋର୍ଟର୍ସ ଟେବୁଲ ଉପରେ ▶ପୃଷ୍ଠା-୭

**ଟେବୁଲ ଉପରେ ଚଢ଼ି ଦେଖାଇଲେ ପୋଷ୍ଟର**

**ଓଏମ୍‌ସି କାର୍ଯ୍ୟାଳୟ ଘେରିଲେ ବିଜେଡି ସଦସ୍ୟ**

**ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସ ବିଧାୟକଙ୍କ ଧାରଣା**

# ୪ ଡକାୟତ କୋର୍ଟ ଚାଲାଣ

କୁଆଖିଆ,୨୪।୯ (ସମିସ): କୁଆଖିଆ ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖ ରାତି ୨ ଟା ସମୟରେ କୁଆଖିଆ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଏହି ଥାନା ଅନ୍ତର୍ଗତ ହରିପୁରସ୍ଥିତ ନରସିଂହପୁର କଚେରି ପଡ଼ିଆରେ କିଛି ଯୁବକ ସନ୍ଦେହଜନକ ଭାବେ ବୁଲୁଥିବା ନେଇ ସ୍ଥାନୀୟ ଏଏସ୍‌ଆଇ ମନୋଜ କୁମାର ପରିଡ଼ାଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଏଏସ୍‌ଆଇ ଶ୍ରୀ ପରିଡ଼ା ପୁଲିସ ଟିମ ସହ ପହଞ୍ଚି ସେମାନଙ୍କୁ କାବୁ କରିବା ସହିତ ତାଙ୍କ ଠାରୁ ଏକ ଚାପଡ଼, କଟୁରି, ବାଙ୍କ କଟୁରି, ରଡ୍ ଏବଂ ୪ ପ୍ୟାକେଟ୍ ଲଙ୍କା ଗୁଣ୍ଡ ଜବତ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ଫେରାର ହୋଇଯାଇଥିବା ବେଳେ ୪ ଜଣଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ଯାଜପୁର ରୋଡ଼ ଶୋବରା ଅଞ୍ଚଳର ରବୀନ୍ଦ୍ର ମୁଦୁଲିଙ୍କ ପୁଅ ଫୁନ୍‌କୁନ ମୁଦୁଲି (୩୦), ମଧୁସୂଦନ ବେହେରାଙ୍କ ପୁଅ ଚକ୍ରଧର ବେହେରା (ଚକରା) (୩୦), କୋରେଇ ଚାନ୍ଦମା ଅଞ୍ଚଳ ହାଡ଼ିସାହିର ଲକ୍ଷ୍ମଣ ମୁର୍ମୁଙ୍କ ପୁଅ ଦଶରଥ ମୁର୍ମୁ (୩୦), ଏବଂ ରମେଶ ମୁଣ୍ଡା ଙ୍କ ପୁଅ ବବୁଲ ମୁଣ୍ଡା ( ୨୨) ବୋଲି ଜଣାପଡିଛି। ଏମାନଙ୍କ ନାମରେ ପେସାଦାର ଅପରାଧୀ ଭାବରେ ବିଭିନ୍ନ ମାମଲା ଥିବାବେଳେ ସେମାନଙ୍କ ବିରୁଦ୍ଧରେ କେସ ନଂ ୩୯୪/୨୬, ଅଣ୍ଡର ସେକ୍ସନ ୩୧୦(୪)୩୧୦(୫) ବିଏନ୍‌ଏସ୍ ଆଣ୍ଡ ଆର୍ମ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଏସ୍‌ଡିପି ଓ ଶରତ ଚନ୍ଦ୍ର ପାତ୍ର ଏକ ପ୍ରେସ ବିବୃତିରେ ସୂଚନା ଦେଇଥିବାବେଳେ ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ, ଏସ ଆଇ ସୂର୍ଯ୍ୟ ନାରାୟଣ ସାହୁ ପ୍ରମୁଖ ଥାନା କର୍ମଚାରୀ ମାନେ ଉପସ୍ଥିତ ଥିଲେ।

■ ସୁଗମତା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ

# ସୁଗମତା ଆକ୍ସନ ପ୍ଲାନ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଯାଜପୁର,୨୪।୯ (ସମିସ): ଦିବ୍ୟାଙ୍ଗଜନଙ୍କ ପାଇଁ ଜିଲ୍ଲାରେ ସୁଗମ ଓ ସମାବେଶୀ ପରିବେଶ ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜିଲ୍ଲାର ସରକାରୀ ଓ ସର୍ବସାଧାରଣ ଭବନଗୁଡ଼ିକୁ ସୁଗମ କରିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ସହିତ ଜିଲ୍ଲାସ୍ତରୀୟ ସୁଗମତା ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଛନ୍ତି। ପତ୍ର ନମ୍ବର ୮୮୯୦, ତାରିଖ- ୨୩/୦୯/୨୦୨୬ରେ ପୁଲିସ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ, ଏଲଡିଏମ, ସମସ୍ତ ବିଡିଓ, ତହସିଲଦାର, ସମସ୍ତ ବିଭାଗର ମୂଖ୍ୟ ଅଧିକାରୀ ଓ ସମସ୍ତ ଅଧୀକ୍ଷକ ଯନ୍ତ୍ରୀଙ୍କୁ ମିଳିତ ଭାବରେ ଦିବ୍ୟାଙ୍ଗଜନଙ୍କ ସୁଗମତା ନିମନ୍ତେ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆକ୍ସନ ପ୍ଲାନ ଅଧୀନରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା, ବ୍ୟାଙ୍କ, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ବଜାର ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରେ ସୁଗମତାର ସ୍ଥିତି ଯାଞ୍ଚ କରାଯିବ। କେଉଁଠି ସୁଗମତା ଅଛି ଏବଂ କେଉଁଠି ଅଭାବ ରହିଛି, ତାହା ଚିହ୍ନଟ କରି ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନିଆଯିବ। ରାମ୍ପ, ହ୍ୟାଣ୍ଡରେଲ୍, ସୁଗମ ଶୌଚାଳୟ, ଟ୍ୟାକ୍ଟାଇଲ୍ ପାଥ୍, ସାଇନେଜ୍, ଲିଫ୍ଟ, ସୁଗମ ପ୍ରବେଶପଥ ଓ ପାର୍କିଂ ବ୍ୟବସ୍ଥା ଭଳି ମୌଳିକ ସୁଗମତା ମାନଦଣ୍ଡକୁ ଗୁରୁତ୍ୱ ଦିଆଯିବ। ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗଜନଙ୍କ ଆବଶ୍ୟକତାକୁ ଆଧାର କରି ସୁଗମତା ବ୍ୟବସ୍ଥାର ମୂଲ୍ୟାଙ୍କନ କରାଯିବ। ତତସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କ ଅଧକ୍ଷତାର ଏକ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟାସ୍କଫୋର୍ସ ବିଭିନ୍ନ ବିଭାଗ ସହ ସମନ୍ୱୟ କରି ସୁଗମତା ଅଡିଟ୍, ସମସ୍ୟା ଚିହ୍ନଟ, ବିଭାଗୱାରୀ ଦାୟିତ୍ୱ ନିର୍ଦ୍ଧାରଣ, ସମୟସୀମା ଧାର୍ଯ୍ୟ ଏବଂ କାର୍ଯ୍ୟାନ୍ୱୟନର ନିରୀକ୍ଷଣ କରିବ। ଏହା ଦ୍ୱାରା ସୁଗମତା କେବଳ କାଗଜପତ୍ରରେ ସୀମିତ ନରହି ବାସ୍ତବରେ କାର୍ଯ୍ୟକାରୀ ହୋଇପାରିବ। ସୁଗମ ଓଡ଼ିଶା ଅଭିଯାନର ରାଜ୍ୟ ମୁଖ୍ୟ ମଣ୍ଟୁଦାସ ଦୀର୍ଘଦିନ ଧରି ଯାଜପୁର ଜିଲ୍ଲାର ବିଭିନ୍ନ ସର୍ବସାଧାରଣ ଭବନର ସୁଗମତା ନେଇ ଦାବି ଓ ସଚେତନତା ସୃଷ୍ଟି କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ ଏହି ଅଭିଯାନ ଜୁନ୍‌୩ ରୁ ଡିସେମ୍ବର ୩ ଯାଏଁ ଚାଲୁରହିବ। ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପକୁ ସେ ସ୍ୱାଗତ କରିବା ସହିତ ସୁଗମତା ଆକ୍ସନ ପ୍ଲାନକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଜଣାଇଛନ୍ତି।

# ପିକ୍‌ଅପ୍ ଚୋରି ନେଇ ଥାନାରେ ଏତଲା

ବରୁଆଁ,୨୪।୯ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁରସ୍ଥିତ ସଞ୍ଜୟ କୁମାର ନାୟକଙ୍କ ଏକ ପିକ୍ ଅପ୍ ଗାଡ଼ି ନିଜର ବାଦାମ ମିଲ୍ ସମ୍ମୁଖରୁ କେହି ଚୋରି କରି ନେଇଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସିସିଟିଭି କ୍ୟାମେରା ଯାଞ୍ଚ କରିଛି। କ୍ୟାମେରା ଫୁଟେଜ୍ ତଥ୍ୟ ଅନୁଯାୟୀ ରାତି ୧୨ଟା ସମୟରେ ପ୍ରବଳ ବର୍ଷା ହେଉଥିବାବେଳେ ଏକ ମଟର ସାଇକଲରେ ଦୁଇଜଣ ଦୁର୍ବୃତ୍ତ ଆସି ଗାଡିଟି ନେଇଯାଇଛନ୍ତି। ଗାଡ଼ି ଚୋରି ହେବାର ୩ ଦିନ ବିତିଥିଲା ବେଳେ ସଦର ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତଥାପି ଗାଡ଼ି କିମ୍ବା ଚୋରିରେ ସମ୍ପୃକ୍ତ ବ୍ୟକ୍ତିଙ୍କର କୌଣସି ସୂଚନା ମିଳିପାରିନାହିଁ। ସଦର ଥାନା ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ପୁଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଏମ୍‌ଏମ୍‌ଡିଆର୍‌କୁ ବିରୋଧ କରି ଓଜେସିର ବିକ୍ଷୋଭ





**କୋରେଇ,୨୪।୯ (ସମିସ):**

ଆଜି କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଡିଆର୍ ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କୋରେଇ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏକ ମଟର ସାଇକଲ ଶୋଭାଯାତ୍ରାରେ ଶତାଧିକ କର୍ମୀ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କୁ ଧନେଶ୍ୱର ଛକଠାରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ। କୋରେଇ ବ୍ଲକ ସମ୍ମୁଖରେ ପ୍ରତିବାଦସଭା ବିଚିତ୍ର କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାସଭାପତି ଶ୍ରୀ ମହାନ୍ତି ମୋଦି ସରକାର ସଂସଦରେ ବିନା ଆଲୋଚନାରେ ଏଭଳି ଏକ କଳା ଆଇନକୁ ପାରିତ କରିବା ଦ୍ୱାରା ଦେଶର ଲକ୍ଷ ଲକ୍ଷ କୋଟି ଟଙ୍କା ରାଜସ୍ୱ ହାନି ଚିନ୍ତାର ବିଷୟ ବୋଲି ଶ୍ରୀ ମହାନ୍ତି ଦୃଢ଼ ସମାଲୋଚନା କରିଥିଲେ। ଏପରିକି ପ୍ରାଚୁର୍ଯ୍ୟ ଭରା ଓଡ଼ିଶା ବାର୍ଷିକ ୨୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇବା ସହିତ ଖଣି ମାଫିଆମାନଙ୍କ ଉପରେ ଥିବା ବକେୟା ଏକଲକ୍ଷ ୩୮ ହଜାର କୋଟି ଟଙ୍କା ଛାଡ଼ କରିବା ରାଜ୍ୟର ସ୍ୱାର୍ଥ ବିରୋଧୀ ବୋଲି ବକ୍ତାମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ ଅବଦୁଲ ମହମ୍ମଦ , ପ୍ରଦୀପ କୁମାର ସେଠୀ, ପ୍ରତାପ କୁମାର ଦାସ, ଚୈତନ୍ୟ ପରିଡ଼ା, ପ୍ରମୋଦ ମହାନ୍ତି, ସୁଦାମ ମଲିକ, ଏସ୍‌କେ କମାଲ ପ୍ରମୁଖ ଏ ଆନ୍ଦୋଳନ ଗାଁଠାରୁ ସହର ପର୍ଯ୍ୟନ୍ତ ବ୍ୟାପିବ ବୋଲି ବିଜେପି ସରକାରଙ୍କୁ ଚେତାବନୀ ଦେଇଥିଲେ। ଶେଷରେ କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକପତ୍ର ଦିଆଯାଇଥିଲା।

**ବ୍ୟାସନଗର**

ଯାଜପୁର ଜିଲ୍ଲା ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏମ୍‌ଏମ୍‌ଡିଆର୍ ଆଇନ ୨୦୨୬ ଭଳି କଳା ଆଇନକୁ ବିରୋଧ କରି ଆଜିଠାରୁ ଜିଲ୍ଲାରେ ଦାବି ଦିବସ ଭାବେ ପାଳନ କରାଯାଉଛି। ଏହାକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର ଦାବିରେ ଚୋରଦା ବାଇପାସ ଛକଠାରୁ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଯୁବକ ମୋଟର ସାଇକଲ ଶୋଭାଯାତ୍ରାରେ ଯାଇ ସ୍ଥାନୀୟ ତହସିଲ ଅଫିସ ପରିସରରେ ଏକ ପ୍ରତିବାଦ ସଭା ମାଧବ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଜେସି, ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି କେନ୍ଦ୍ରର ବିଜେପି, ସରକାର ଶିଳ୍ପପତିଙ୍କ ହାତବାରିସୀ ସାଜି ସୁପ୍ରିମକୋର୍ଟଙ୍କ ଆଦେଶକୁ ଅମାନ୍ୟ କରି ସଂସଦରେ ବିନା ବିତର୍କରେ ଅଧ୍ୟାଦେଶ ଜରିଆରେ ଏହି କଳାଆଇନ ପାରିତ କଲେ ଯାହା ଦେଶର ଖଣିଜ ସମ୍ପଦ ଓ ଜଙ୍ଗଲ ଜମିକୁ ଆଦାନୀ, ଅମ୍ବାନୀ ହାତରେ ଟେକି ଦେଉଛନ୍ତି ବୋଲି ଶ୍ରୀ ମହାନ୍ତି ଦୃଢ଼ ସମାଲୋଚନା କରିଥିଲେ। ବିଶେଷ କରି ଯାଜପୁର ଜିଲ୍ଲାରେ ଭରପୁରଥିବା ଖଣିଜସମ୍ପଦରୁ ପାଉଥିବା ରାଜସ୍ୱ ହରାଇବା ସହିତ ଡିଏମ୍‌ଏଫ ଅର୍ଥ ଦ୍ୱାରା ହେଉଥିବା ବିକାଶ କାର୍ଯ୍ୟ ଠପ୍ ହେଇଯିବ ବୋଲି ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ର ରଣା, ପ୍ରତାପ କୁମାର ଦାସ, ସେକ ଅବଦୁଲ, ପ୍ରଦୀପ କୁମାର ସେଠୀ ମିନକେତନ ମହାନ୍ତି ବିଦ୍ୟାଧର ଜେନା, ଶତ୍ରୁଘ୍ନ ମଲିକ ରାକେଶ କୁମାର ପ୍ରମୁଖ ଏ ଆନ୍ଦୋଳନ ପଲ୍ଲୀରୁ ଦିଲ୍ଲୀ କରାଯିବାକୁ ରାଜ୍ୟ ସଭାପତି ଇଂ ମହମ୍ମଦ ମୋକିମଙ୍କ ଆହ୍ୱାନକୁ ସମଗ୍ର ଜିଲ୍ଲାରେ ପ୍ରତିଫଳିତ କରିବାକୁ ଘୋଷଣା କରିଥିଲେ। ଶେଷରେ ଏକ ମାନପତ୍ର ସ୍ଥାନୀୟ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା।

# 'ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ' ସମୀକ୍ଷା ବୈଠକ




ଯାଜପୁର,୨୪।୯ (ସମିସ): ଯାଜପୁର ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଯାଜପୁର ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରାଙ୍କ ମିଳିତ ଅଧ୍ୟକ୍ଷତାରେ "ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ'ର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ଯକ୍ଷ୍ମା ନିରାକରଣ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାକୁ ୨୦୩୦ ସୁଦ୍ଧା ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକରେ ଯକ୍ଷ୍ମା ରୋଗୀଙ୍କ ସକ୍ରିୟ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା, ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ପୋଷଣ ଯୋଜନାର ସୁବିଧା ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସକ୍ରିୟ ଚିହ୍ନଟ ରୋଗ ନିରୂପଣ, ନିୟମିତ ଚିକିତ୍ସା ଓ ଔଷଧ ଯୋଗାଣ, ଔଷଧ ପ୍ରତିରୋଧୀ ଯକ୍ଷ୍ମା ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଏବଂ ଆବଶ୍ୟକୀୟ ପୋଷଣ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଘରୋଇ ଓ ସମ୍ପ୍ରଦାୟସ୍ତରରେ ସଚେତନତା ସୃଷ୍ଟି, ଯକ୍ଷ୍ମା ସମ୍ପର୍କିତ ଭ୍ରାନ୍ତ ଧାରଣା ଦୂରୀକରଣ, ପୋଷଣ ସହାୟତା ସମେତ ଯକ୍ଷ୍ମା ନିରାକରଣରେ ପ୍ରଭାବ ପକାଉଥିବା ସାମାଜିକ ନିର୍ଣ୍ଣାୟକଗୁଡ଼ିକର ସମାଧାନ ଏବଂ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ର ଜିଲ୍ଲାରେ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ବର୍ତ୍ତମାନ ସ୍ଥିତି, ଯକ୍ଷ୍ମା ରୋଗୀ ଚିହ୍ନଟ, ପରୀକ୍ଷା, ଚିକିତ୍ସା ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।"ଯକ୍ଷ୍ମା ରୋଗୀ ଚିହ୍ନଟ ପ୍ରକ୍ରିୟାରେ ଅଧିକ ବିପଦପ୍ରବଣ ବର୍ଗର ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ନେଇ ଆଲୋଚନା ହୋଇଥିଲା। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ଏଚ୍‌ଆଇଭି ପଜିଟିଭ୍ ବ୍ୟକ୍ତି, ମଧୁମେହ ତଥା ଅନ୍ୟାନ୍ୟ ଅଣସଂକ୍ରାମକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ନିକଟରେ ଯକ୍ଷ୍ମା ଚିହ୍ନଟ ଓ ସ୍କ୍ରିନିଂକୁ ଅଧିକ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଦ୍ୱାର-ଦ୍ୱାର ଅଭିଯାନ ମାଧ୍ୟମରେ ୧୬ ଟି ପାରାମିଟର ଆଧାରରେ ବ୍ୟକ୍ତିବିଶେଷଙ୍କ ସ୍କ୍ରିନିଂ, ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପ୍ରଦାନ ଏବଂ ସ୍ୱତନ୍ତ୍ର ପରିଚୟ ସଂଖ୍ୟା ଜରିଆରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ଉପଲବ୍ଧ କରାଇବା ଉପରେ ଆଲୋଚନା ହୋଇଥିଲା। ଯାଜପୁର ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସାଧିକାରୀ, ସମ୍ପୃକ୍ତ ବିଭାଗ ଏବଂ ସମୁଦାୟର ସମନ୍ୱିତ ପ୍ରୟାସକୁ ଆହୁରି ସୁଦୃଢ଼ କରି ଜାରି ରଖିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଏଡିପିଏଚ୍‌ଓ (ଟିବି) ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଏଡିପିଏଚ୍‌ଓ (ଡିସି) ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡିଏମ୍‌ଓ-କମ୍-ଏମ୍‌ଏସ୍ ଡା. ମନୋଜ କୁମାର ସେନାପତି, ଡିପିଏମ୍ ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲ୍ଲାର ସମସ୍ତ ମେଡିକାଲ ଅଫିସର, ଏସ୍‌ଟିଏସ୍, ଏସ୍‌ଟିଏଲ୍‌ଏସ୍, ଜିଲ୍ଲାସ୍ତରୀୟ କର୍ମଚାରୀ ଏବଂ ସମ୍ପୃକ୍ତ ୱିଙ୍ଗ୍ ଅଫିସରମାନେ ବୈଠକରେ ଯୋଗଦେଇଥିଲେ।

# କୋଭିଡ୍ ଯୋଦ୍ଧାଙ୍କ ପରିବାରଙ୍କୁ ପେନସନ ଓ ସହାୟତା ରାଶି ପ୍ରଦାନରେ ବିଳମ୍ବ

ଯାଜପୁର,୨୪।୯ (ସମିସ): ଗତ କୋଭିଡ୍ ମହାମାରୀ ସମୟରେ ମୃତ୍ୟୁବରଣ କରିଥିବା ସ୍ୱାସ୍ଥ୍ୟକର୍ମୀ ଲୋକେଶ କୁମାର ମଣ୍ଡାଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ଓ ପେନସନ ମିଳିନାହିଁ। ଯାହାର ପ୍ରତିବାଦ କରି ମୃତକ କୋଭିଡ୍ ଯୋଦ୍ଧାଙ୍କ ପରିବାର ବର୍ଗ ପକ୍ଷରୁ ବାରମ୍ବାର ଏ ଅଫସରୁ ସେ ଅଫିସ ଦୌଡୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ।

ସୂଚନା ମୁତାବକ ସ୍ୱର୍ଗତ ଲୋକେଶ କୁମାର ପଣ୍ଡା ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକରୁଥିଲେ। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଯାଜପୁର ମ୍ୟୁନିସିପାଲିଟି ଅଞ୍ଚଳରେ ଡ୍ୟୁଟି କରୁଥିବାବେଳେ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ୨୦୨୦ ମସିହା ଅକ୍ଟୋବର ୨୫ ତାରିଖରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ମୋନାଲିସା ନିଜ ବାପା ମା'ଙ୍କ ସହିତ ରହୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କୋଭିଡ୍ ଯୋଦ୍ଧାଙ୍କ ମୃତ୍ୟୁ ପାଇଁ ସରକାର ଘୋଷଣା କରିଥିବା କ୍ଷତିପୂରଣ ରାଶି କିମ୍ବା ପେନସନ ମିଳିପାରିନାହିଁ। ସେଥିପାଇଁ ପରିବାର ଲୋକେ ଏ ଅଫିସରୁ ସେ ଅଫିସକୁ ଦୌଡ଼ି ଦୌଡ଼ି ହତାଶ ହୋଇପଡ଼ିଲେଣି। ଏପରିକି ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯିବାକୁ ମଧ୍ୟ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ଦୀର୍ଘବର୍ଷ ଧରି ସରକାରୀ ସହାୟତା ଓ ପ୍ରାପ୍ୟ ଅଭାବରୁ ଏହି ପରିବାର ନାନା ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ତେଣୁ ତୁରନ୍ତ ସ୍ୱର୍ଗତ ଲୋକେଶଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ପରିବାର ଲୋକେ ଦାବି ଜଣାଇଛନ୍ତି।

# ଗଜରାଜ ସଂଗ୍ରହ କେନ୍ଦ୍ରରେ ବିରଳ ପ୍ରାଚୀନ ପିତ୍ତଳ ସାମଗ୍ରୀ





**ଧର୍ମଶାଳା,୨୪।୯ (ସମିସ):**

ଧର୍ମଶାଳା ବ୍ଲକ୍ କାଏମାସ୍ଥିତ ଗଜରାଜ ସଂଗ୍ରହ କେନ୍ଦ୍ର ରାଜ୍ୟର ଏକ ପ୍ରମୁଖ ସଂଗ୍ରହ କେନ୍ଦ୍ରର ମାନ୍ୟତା ଲାଭ କରିଛି। ଏହି ସଂଗ୍ରହ କେନ୍ଦ୍ରକୁ ବିଶିଷ୍ଟ ଗବେଷକ ତଥା ସଂଗ୍ରାହକ ସ୍ୱର୍ଗତ ଡକ୍ଟର ନୃସିଂହ ଚରଣ ସାହୁ ୪୦ ବର୍ଷ ତଳେ ପ୍ରତିଷ୍ଠା କରିଥିଲେ। ଅନ୍ୟ ସଂଗ୍ରହ କେନ୍ଦ୍ର ଅପେକ୍ଷା ଏହି ସଂଗ୍ରହ କେନ୍ଦ୍ରରେ ଯଥେଷ୍ଟ ଅଧିକ ପ୍ରକାରର ବିରଳ ବୌଦ୍ଧ କୀର୍ତ୍ତିରାଜି ସହିତ ଅନେକ ପ୍ରାଚୀନ ସାମଗ୍ରୀ ରହିଥିବା ସଂଗ୍ରହ କେନ୍ଦ୍ରର ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ଦେଶ ବିଦେଶରୁ ପର୍ଯ୍ୟଟକ ଓ ଗବେଷକମାନେ ଏହି କେନ୍ଦ୍ରକୁ ପରିଦର୍ଶନରେ ଆସି ସଂଗୃହୀତ ବିରଳ ସକ୍ଷମଗ୍ରୀଗୁଡ଼ିକ ଦେଖି ଅଭିଭୂତ ହୋଇଥାଆନ୍ତି। ଏଠାରେ ସଂଗୃହୀତ ପ୍ରାଚୀନ ଟେରାକୋଟା ସାମଗ୍ରୀ, ଡାକ ଟିକଟ, ପୁରୁଣା ନୋଟ ଓ ମୁଦ୍ରା, ପ୍ରସ୍ତର ଖୋଦେଇ ଶିଳାଲେଖ, ଭୂଜପତ୍ର ଓ ତାଳପତ୍ର ପୋଥି, ବ୍ରିଟିଶ ଓ ରାଜା ରାଜୁଡ଼ା ସମୟର ଜମି ପଟ୍ଟା ଓ ଦଲିଲ, ଜମିଦାରଙ୍କ ସମୟର ବ୍ୟବହୃତ ଜମିଜମା ରେକର୍ଡ ଓ ଦସ୍ତାବିଜ, ଆଦିବାସୀ ଅଳଙ୍କାର, ମହାପୁରୁଷ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ହସ୍ତଲେଖା, ବିଭିନ୍ନ କିସମର ଧାନ, ବିଶିଷ୍ଟ କ୍ରୀଡ଼ାବିତ୍‌ଙ୍କ ସ୍ୱାକ୍ଷରସମ୍ବଳିତ ସାମଗ୍ରୀ, ବିଭିନ୍ନ ବାଦ୍ୟଯନ୍ତ୍ର, ଭାସମାନ ପଥର, ଉଲ୍‌କାପିଣ୍ଡ, କାରିଗରଙ୍କ ଦ୍ୱାରା ନିର୍ମିତ କଳାକୃତି, ପିତଳ, ମାଟି, ବ୍ରୋଞ୍ଜ, ତମ୍ବାର ଅନେକ ସାମଗ୍ରୀ, ପତ୍ର-ପତ୍ରିକା, ଖବର କାଗଜ ଓ ଫଟୋ ଚିତ୍ର ସମ୍ବଳିତ ଅନେକ ସାମଗ୍ରୀ ଗଚ୍ଛିତ ରହିଛି। ସେଥିମଧ୍ୟରୁ ପୂର୍ବରୁ ଘର କରଣା ସାମଗ୍ରୀ ଭାବରେ ବ୍ୟବହୃତ ହେଉଥିବା ପିତଳ ସାମଗ୍ରୀଗୁଡ଼ିକ ଏହି ସଂଗ୍ରହାଳୟରେ ବହୁ ପରିମାଣରେ ସଂଗୃହୀତ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ସେହି ପିତ୍ତଳ ସାମଗ୍ରୀ ଗୁଡିକ ହେଲା- ପ୍ରାଚୀନ ପିତ୍ତଳ ସିନ୍ଦୁକ, ପାନବଟା, କଜଳପାତି, ଧୂପଦାନି, ଝୁଣା ଦାନି, କଟରା , ତସଲା, ଭୋଗ ଥାଳି, ଦୀପ, କଖାରୁ କୋରାଣା, ଚା କେଟିଲ, ଡିବିରି, ଟ୍ରଚ, ପାତ୍ରୀ, ଅଳତା ଗିନା, ଟଙ୍କା ବାକ୍ସ, କୋଲପ, ବାଘ ନଖି, କଙ୍ଗି (ପାନିଆ), ଅତର ପାତ୍ର, ଶିରସ୍ତ୍ରାଣ, ନହୁରୁନି, ଢାଙ୍କୁଣି, ଚନ୍ଦନ ପେଡ଼ି, ହୁକା, ଚିଲିମ, ଢାଲ, ଚାମଚ, କଲମ ଓ ବାଲ୍‌ଟି ଇତ୍ୟାଦି ଅନେକ ସାମଗ୍ରୀ ସଂଗୃହୀତ ହୋଇରହିଛି। ଏହି ସଂଗ୍ରହାଳୟ ପର୍ଯ୍ୟଟକ, ଗବେଷକ ଓ ସଂଗ୍ରାହକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଧର୍ମଶାଳାର ବୌଦ୍ଧ କୀର୍ତ୍ତିରାଜି ବିଶ୍ୱ ପ୍ରସାରୀ ହୋଇଥିବାରୁ ଏଠାକୁ ଅନେକ ସମୟରେ ଦେଶ ବିଦେଶରୁ ପର୍ଯ୍ୟଟକ ଓ ଗବେଷକ ପରିଦର୍ଶନରେ ଆସି ବୁଲି ଦେଖିବା ପରେ ସେମାନେ ଗଜରାଜ ସଂଗ୍ରହ କେନ୍ଦ୍ର ବୁଲି ଦେଖିବାକୁ ଆସିଥାନ୍ତି। ସେହି ଦୃଷ୍ଟିରୁ ଗଜରାଜ ସଂଗ୍ରହ କେନ୍ଦ୍ର ବହୁତ ଗୁରୁତ୍ୱ ବହନ କରେ। ଯାଜପୁର ଜିଲ୍ଲାର ବୃହତ ସଂଗ୍ରହ କେନ୍ଦ୍ରର ମାନ୍ୟତା ବହନ କରୁଥିବା ଗଜରାଜ ସଂଗ୍ରହ କେନ୍ଦ୍ର ଆଗାମୀ ଦିନରେ ବିଦେଶୀ ପର୍ଯ୍ୟଟକ, ଗବେଷକ, ବିଦ୍ୟାର୍ଥୀ ଓ ଜିଜ୍ଞାଶୁ ମାନଙ୍କ ପାଇଁ ମୁଖ୍ୟ ଗବେଷଣା କେନ୍ଦ୍ର ହେବ ଏଥିରେ ସନ୍ଦେହ ନାହିଁ।

# ହିନ୍ଦୀ ଶିକ୍ଷକ ସଂଘ ତରଫରୁ ହିନ୍ଦୀ ଦିବସ

ଯାଜପୁର,୨୪।୯ (ସମିସ): ଯାଜପୁର ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ଆନୁକୂଲ୍ୟରେ ପିଏମ୍ ଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ ଯାଜପୁର ଟାଉନରେ ୪୭ ତମ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ସେନାପତି ହିନ୍ଦୀ ସଂଘର ପତାକା ଉତ୍ତୋଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂଘର ସଭାପତି ପ୍ରଭାକର ସାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ଶେଖ୍ ସୋଫିଆନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଘର ସମ୍ପାଦକ ଶରତ ଚନ୍ଦ୍ର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରି ହିନ୍ଦୀ ଦିବସର ସଫଳତା କାମନା କରିଥିଲେ। ସଭାରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହିନ୍ଦୀ ଭାଷା ଓ ହିନ୍ଦୀ ଶିକ୍ଷକଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ଶରତ ଚନ୍ଦ୍ର ପରିଡ଼ାଙ୍କ ଶୃଙ୍ଖଳିତ ଓ କର୍ତ୍ତବ୍ୟ ବୋଧର ପ୍ରଶଂସା କରିବା ସହ ହିନ୍ଦୀ ଶିକ୍ଷକଙ୍କ ସମସ୍ତ ସମସ୍ୟାର ସମାଧାନ ପାଇଁ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଜବାହର ନବୋଦୟ ବିଦ୍ୟାଳୟର ପ୍ରାଧାପକ ଡଃ. ଅରୁଣ କୁମାର ଦାସ ଯୋଗଦେଇ ହିନ୍ଦୀ ବିଶ୍ୱସ୍ତରରେ ଶ୍ରେଷ୍ଠ ଓ ପ୍ରମୁଖ ଭାଷା ଭାବରେ ପରିଗଣିତ ହେବାକୁ ଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ଉପ-ଶିକ୍ଷାଧିକାରୀ ସୁରମା ମହାପାତ୍ର ହିନ୍ଦୀ ଭାଷାକୁ ଅଧିକ ସଂଖ୍ୟକ ପିଲା ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରାଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ମଣ୍ଡଳ ଶିକ୍ଷାଧିକାରୀ ଅଭିମନ୍ୟୁ ସେଠୀ, ପୂର୍ବତନ ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘର ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୮ ଜଣ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୩ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାତୀ ସାମଲ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ସଫଳ କରିବାରେ ବିଞ୍ଝାରପୁର ବ୍ଲକ୍‌ର ହିନ୍ଦୀ ଶିକ୍ଷକ ସଂଘ ସମ୍ପାଦକ ହିମାଂଶୁ ଧଳ ଏବଂ ସଭାପତି ଶେଖ୍ ସୋଫିଆନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ଯାଜପୁର ଜିଲ୍ଲା ସ୍କୁଲର ସହକାରୀ ଶିକ୍ଷକ ରାଧାରମଣ ମହାରଣା, ସଂଘର ମାନସ ରଞ୍ଜନ ସାଇଁ, ମନୋଜ ସାହୁ, ଦେବାଶିଷ ରଣା ପ୍ରମୁଖ ପରିଚାଳନା କରିଥିଲେ। ଏତଦ୍ ବ୍ୟତୀତ ସଂଘର କର୍ମକର୍ତ୍ତା ବିଦ୍ୟାଧର କୁଣ୍ଡୁ, ଭରତ କୁମାର ନାୟକ, କାଦମ୍ବିନୀ ମିଶ୍ର, ମନୋରଞ୍ଜନ ସାହୁ, ଶାରଦାକାନ୍ତ ମହାପାତ୍ର, ଶରତ ସାମଲ, ସନ୍ତୋଷ ମିଶ୍ର, ଅଜୟ ସାହୁ, ଅକ୍ଷୟ ବଳ, ପିତାମ୍ବର ସେଠୀ, ସ୍ମୃତି ଯେନା, ରଶ୍ମିତା ଦାସ, ଗୀତାଞ୍ଜଳୀ ଯେନା, ଗୀତାଞ୍ଜଳୀ ମଲ୍ଲିକ, ଶାଶ୍ୱତୀ ମିଶ୍ର, ଅନୁରାଧା ବାରିକ, କାଳନ୍ଦୀ ସାହୁ ଏସ୍.କେ. ଅବଦୁଲ ହନାନ୍, ଜଇରୁଦ୍ଦିନ୍ ଖାନ୍ ଏବଂ ଜିଲ୍ଲା ସ୍କୁଲର ସମସ୍ତ କର୍ମଚାରୀ ବୃନ୍ଦଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଶଂସା କରାଯାଇଥିଲା।



# ଅବିଶ୍ରାନ୍ତ ବର୍ଷା; ଜନଜୀବନ ପ୍ରଭାବିତ, ଫସଲ ନଷ୍ଟ

ଧର୍ମଶାଳା,୨୪।୯ (ସମିସ):

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକରେ ଗତକାଲି ଠାରୁ ଅବିଶ୍ରାନ୍ତ ବର୍ଷା ଲାଗିରହିଛି। ସରକାରୀ ରିପୋର୍ଟ ଅନୁଯାୟୀ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକରେ ଆଜି ସର୍ବାଧିକ ୧୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ସର୍ବନିମ୍ନ ୧୯ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଧର୍ମଶାଳା ବ୍ଲକରେ ଗତବର୍ଷ ଠାରୁ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଧର୍ମଶାଳା ବ୍ଲକରେ ଗତ ବର୍ଷ ୨୦୨୫ ମସିହା ଜୁଲାଇ ମାସରେ ୧୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚଳିତ ୨୦୨୬ ମସିହା ଜୁଲାଇ ମାସରେ ୫୩୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ସେହିପରି ଧର୍ମଶାଳା ବ୍ଲକରେ ୨୦୨୫ ମସିହା ଅଗଷ୍ଟ ମାସରେ ୧୩୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଚଳିତ ୨୦୨୬ ମସିହା ଅଗଷ୍ଟ ମାସରେ ୨୯୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଚଳିତ ସେପ୍ଟେମ୍ବର ମାସ ଆରମ୍ଭରୁ ବର୍ଷା ପରିମାଣ କମିଯାଇଥିବା ବେଳେ ଲଘୁଚାପ ଯୋଗୁଁ ପୁଣି ବର୍ଷାର ପରିମାଣ ବୃଦ୍ଧି ପାଇଛି। ଏଭଳି ଅବସ୍ଥାରେ ଜିଲ୍ଲାର ବିଭିନ୍ନ ନଦୀ ଗୁଡିକରେ ବନ୍ୟାଜଳ ପ୍ରବାହିତ ହେବାର ଆଶଙ୍କା ଦେଖାଦେଇଛି। ଆଜି ସକାଳୁ ତୁହାକୁ ତୁହା ବର୍ଷା ଲଗିରହିବାରୁ ପିଲାମାନେ ସ୍କୁଲ ଯିବାରେ ବାଧାଉପୁଜିଥିଲା। ସେହିପରି ଦିନ ମଜୁରିଆମାନେ କାମକୁ ଯାଇ ନପାରି ଦିନ ତମାମ ଘରେ ରହିବାକୁ ବାଧ ହୋଇଥିଲେ। ଏହି ବର୍ଷା ଯୋଗୁଁ ଚାଷୀମାନଙ୍କ ବହୁଳ କ୍ଷତି ଘଟିଛି। ବିଶେଷ କରି ପନିପରିବା ଚାଷୀମାନେ ଅଧିକ ପ୍ରଭାବିତ ହୋଇଛନ୍ତି। ମାସ ଆରମ୍ଭରୁ ବର୍ଷା କମିଯାଇଥିବାରୁ ଚାଷୀ ନିଜ କ୍ଷେତକୁ ପ୍ରସ୍ତୁତ କରି ପନିପରିବା ଚାଷ ଆରମ୍ଭ କରିଦେଇଥିବା ବେଳେ ଲଘୁଚାପ ଜନିତ ଅବିଶ୍ରାନ୍ତ ବର୍ଷା ଲାଗିରହିବାରୁ କ୍ଷେତରେ ପାଣି ଜମିରହି ପନିପରିବା ଚାଷ ନଷ୍ଟ ହୋଇଛି।

## ରାସ୍ତାରେ ଉପୁଡ଼ିଲା ଗଛ




ଦଶରଥପୁର,୨୪।୯ (ସମିସ): ଅବପାତ ଜନିତ ଲଘୁଚାପ ବର୍ଷାରେ ଗତ ୨ଦିନ ହେବ ଦଶରଥପୁର ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିବା ଯୋଗୁଁ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଆଜି ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତ ବାଲିପଦା ଗ୍ରାମରେ ଅଭାବନୀୟ ଘଟଣା ଘଟିଥିବା ଜଣାଯାଇଛି। ଆଜି ପୂର୍ବାହ୍ନ ପ୍ରାୟ ସାଢେ ୯ଟା ସମୟରେ ବାଲିପଦା ଗ୍ରାମର ମୁଖ୍ୟ ରାସ୍ତା ପାଶ୍ୱର୍ ଦୁର୍ଗା ମନ୍ଦିର ନିକଟରେ ଥିବା ଏକ ବିରାଟକାୟ କଦମ୍ବ ଗଛ ଅତ୍ୟଧିକ ବର୍ଷା ଯୋଗୁଁ ଅଚାନକ ଉପୁଡି ପଡିଥିଲା। ସେହି ସମୟରେ ନିକଟରେ ଥିବା ବାଲିପଦା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯାଉଥିବା ୩ଜଣ ଛୋଟ ଛୋଟ ପିଲା ଅଳ୍ପକେ ବର୍ତ୍ତି ଯାଇଥିଲେ। ମାତ୍ର ଗଛ ଉପୁଡି ପଡ଼ିବାରୁ ଦୁର୍ଗା ମନ୍ଦିର ଛାତର କିଛି ଅଂଶ ଭାଙ୍ଗିଯିବା ସହିତ ମନ୍ଦିର କଡ଼ରେ ରହିଥିବା ଗୋଟିଏ ଟାଟା ମ୍ୟାଜିକ ଓ ଏକ ପିକଅପ ଭ୍ୟାନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ବିଦ୍ୟୁତ ତାର ଛିଣ୍ଡି ପଡିବାରୁ ସେହି ରାସ୍ତା ଦେଇ ଗ୍ରାମବାସୀ ଭୟରେ ଯାତାୟାତ ବନ୍ଦ କରିଦେଇଥିଲେ। ଖବର ପାଇ ବିଦ୍ୟୁତ ବିଭାଗ ଗ୍ରାମର ବିଦ୍ୟୁତ ସଂଯୋଗ ବିଛିନ୍ନ କରିବା ପରେ ଯାଜପୁର ଅଗ୍ନିଶମ ବାହିନୀ କଟର ମେସିନ ସାହାଯ୍ୟରେ ଉପୁଡି ଯାଇଥିବା ଗଛକୁ କଟାକଟି କରି ଗଛ ତଳେ ରହିଯାଇଥିବା ୨ଗାଡିକୁ ଉଦ୍ଧାର କରିବା ସହିତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଭୁଶୁଡ଼ି ପଡ଼ିଲା କଚ୍ଛାଘର

ସିଂହପୁର,୨୪।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ୮୫ ବର୍ଷୀୟା ବୃଦ୍ଧା ରାଧାରାଣୀ ବେହେରାଙ୍କ ଝାଟି ମାଟି ଛପର ଘରର କାନ୍ଥ ଲଗାଣ ବର୍ଷା ଯୋଗୁଁ ଭୁଶୁଡ଼ି ପଡ଼ିଛି। ମାତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି ବୃଦ୍ଧା ଜଣଙ୍କ। ରାଧାରାଣୀ କୌଣସି କାରଣରୁ ଘର ବାହାରକୁ ଯାଇଥିବାବେଳେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ରାଧାରାଣୀ ଏକା ରହୁଛନ୍ତି। ଏବେ ସେ ବାସହରା ହୋଇପଡ଼ିଥିବାରୁ ତୁରନ୍ତ ତାଙ୍କୁ ଏକ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘଦିନ ଧରି ଏହି ନିସହାୟ ବୃଦ୍ଧା ଜଣଙ୍କ ବିପଦ ସଂକୁଳ ଭାବେ ଝାଟିମାଟି ଘରେ ରହୁଥିଲେ ମଧ୍ୟ ତାଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ପାଲଟିଥିଲା। ଗତକାଲିଠାରୁ ଘର ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ଏଯାବତ ବିଞ୍ଝାରପୁର ତହସିଲ ପ୍ରଶାସନ ତାଙ୍କ ନିକଟରେ ପହଞ୍ଚିନାହିଁ। ଯାହାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ନିସହାୟ ବୃଦ୍ଧା ଜଣଙ୍କ ବର୍ଷ ବର୍ଷ ଧରି ବିପଦସଂକୁଳ ଘରେ ରହୁଥିଲେ ମଧ୍ୟ ପ୍ରଶାସନ ତାଙ୍କୁ କୌଣସି ସହାୟତା କିମ୍ବା ଗୃହ ଯୋଜନାରେ ଘର ଯୋଗାଇ ଦେବାରେ ପ୍ରଶାସନିକ ଅବହେଳାର ଚରମ ନମୁନା ବୋଲି ଲୋକେ କହିଛନ୍ତି।

## ମୋବାଇଲ ଫୋନ ସହ ଗାଡ଼ି ଇଞ୍ଜିନ ଚୋରି

କବାଟବନ୍ଧ,୨୪।୯ (ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ୨ଟି ଚୋରି ହୋଇଥିବା ଜଣାପଡ଼ିଛି। ଦୁଇଟି ଚୋରି ପୃଥକ ସ୍ଥାନରେ ହୋଇଥିଲେ ମଧ୍ୟ ଉଭୟ ଚୋରିରେ ସମାନ ଚୋରଙ୍କ ସମ୍ପୃକ୍ତି ଥାଇ ପାରେ ବୋଲି ଅନୁମାନ କରାଯାଉଛି। ସୂଚନା ଅନୁସାରେ ଜେନାପୁର ଥାନା ଅଧୀନ ରେଖିଦେଇପୁର ଛକ ନିକଟରେ ଏକ ମୋଟର ସାଇକଲ ଗ୍ୟାରେଜରୁ କେହି ଦୃର୍ବୃତ୍ତ ଏକ ବାଇକ ଇଞ୍ଜିନ ଚୋରି କରି ନେଇ ଯାଇଛନ୍ତି। ଗ୍ୟାରେଜ ମେକାନିକ ଇଞ୍ଜିନ କାମ କରିବାକୁ ଇଞ୍ଜିନ ଖୋଲି ଲେଦ୍ କାମ ପାଇଁ ପଠାଇବାକୁ ରଖିଥିଲେ। ମାତ୍ର କେହି ବିଳମ୍ବିତ ରାତିରେ ବର୍ଷା ଓ ଲାଇନ ନ ଥିବାର ସୁଯୋଗ ନେଇ ଚୋରି କରିନେଇଥିବା କୁହାଯାଉଛି। ସେହିପରି ଗାଁରେ ରହିଥିବା ଲକ୍ଷ୍ମୀ ମଣ୍ଡପ କୁଞ୍ଜ ନିକଟରେ ପ୍ରତିଦିନ ଭଳି ଶୋଇଥିବା ଦୁଇଜଣ ଯୁବକଙ୍କ ଦୁଇଟି ମୋବାଇଲ ଫୋନ ମଧ୍ୟ ଚୋରି ହୋଇଛି।

## ବାଇକ୍ ଦୁର୍ଘଟଣାରେ ୨ମୃତ

ସୁକିନ୍ଦା,୨୪।୯ (ସମିସ): ସୁକିନ୍ଦା ହାତୀବାରି ରାସ୍ତାର ଖରଡ଼ି ଛକ ନିକଟରେ ଦୁଇ ବାଇକ୍ ଦୁର୍ଘଟଣା ଘଟି ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଯୁବକଙ୍କ ମଧ୍ୟରୁ ଜଣେ ଖରଡ଼ି ଗ୍ରାମ ଗଦାଧର ସାହୁଙ୍କ ପୁଅ ସମୀର ସାହୁ(୫୨) ଓ ଅନ୍ୟଜଣେ ହରିପୁର ଜେମାଦେଇପୁର୍ ଗ୍ରାମ ଚୈତନ୍ୟ ଚରଣ ବାରିକଙ୍କ ପୁଅ ଗଦାଧର ବାରିକ(୪୫)। ଗୁରୁବାର ଅପରାହ୍ନରେ ଗଦାଧର ବାଇକ୍ ନେଇ କଳିଙ୍ଗନଗର ଅଞ୍ଚଳରୁ ଘରକୁ ଫେରିବା ସମୟରେ ଖରଡ଼ି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ସମୀର ସାହୁଙ୍କ ବାଇକ୍ ସହ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଗଦାଧରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସମୀର ସାହୁଙ୍କ ଗୁରୁତର ଆହତ ଅବସ୍ଥାରେ କଳିଙ୍ଗନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସମୀରକୁ ମୃତ୍ୟୁ ଘୋଷଣା କରିଥିଲେ। ସୂଚନା ପାଇ ସୁକିନ୍ଦା ପୋଲିସ ଉଭୟ ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିଶ୍ୱ ପର୍ଯ୍ୟଟନ ଦିବସରେ ପ୍ରୋମୋ ରନ୍ ପାଇଁ ପ୍ରସ୍ତୁତି ବୈଠକ



ଯାଜପୁର,୨୪।୯ (ସମିସ): ଆସନ୍ତା ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ, ସେପ୍ଟେମ୍ବର ୨୭, ୨୦୨୬ ତାରିଖ ଦିନ ଯାଜପୁର ଜିଲ୍ଲାରେ 'ଓଏମ୍‌ସି ପୁରୀ କୋଷ୍ଟାଲ୍ ମାରାଥନ୍' ଉଦ୍ଦେଶ୍ୟରେ ଏକ ଜିଲ୍ଲା ସ୍ତରୀୟ ପ୍ରୋମୋ ରନ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସେପ୍ଟେମ୍ବର ୨୪ ତାରିଖରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆଲୋଚନାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ରୋମୋ ରନ୍‌ର ମାର୍ଗ ଚୂଡ଼ାନ୍ତ ହୋଇଛି। ପ୍ରତିଯୋଗୀମାନେ ଯାଜପୁର ଟାଉନ୍ ଇନଡୋର୍ ଷ୍ଟାଡିୟମ୍‌ରୁ ବାହାରି ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ପ୍ରବେଶ ପଥ (ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟ) ପର୍ଯ୍ୟନ୍ତ ଯାଇ ପୁଣି ଷ୍ଟାଡିୟମ୍ କୁ ଫେରିବେ। ପ୍ରାୟ ୨୦୦ ଜଣ ପ୍ରତିଯୋଗୀ ଏହି ପ୍ରୋମୋ ରନ୍ ରେ ଅଂଶଗ୍ରହଣ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ ଯେ, ମୂଳ କାର୍ଯ୍ୟକ୍ରମ 'ଓଏମ୍‌ସି ପୁରୀ କୋଷ୍ଟାଲ୍ ମାରାଥନ୍ ୨୦୨୬' ଆସନ୍ତା ଡିସେମ୍ବର ୧୩, ୨୦୨୬ ତାରିଖ ଦିନ ପୁରୀ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ରସୁଲପୁର ବ୍ଲକ୍ ପରିସରରେ ଆଇନ୍ ସଚେତନତା ସଭା

କୁଆଖିଆ,୨୪।୯ (ସମିସ): ରସୁଲପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲା କାର୍ଯ୍ୟାଳୟ, ପିଏଲ୍‌ଭିମାନଙ୍କ କାର୍ଯ୍ୟ ସହିତ ଆଜିର ଆଇନ୍ ସଚେତନତା ପ୍ରସଙ୍ଗ ସମ୍ପର୍କରେ




ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଚିବ ବିନା ମୂଲ୍ୟରେ କେଉଁମାନେ ଆଇନ୍ ସେବା ପାଇପାରିବେ, କୋର୍ଟ ପରିସରରେ ଥିବା ସମ୍ମୁଖ ସୂଚନା ପ୍ରଦାନ କରିଥିଲେ। ଅତିଥି ଆଲୋଚକ ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟାନନ୍ଦ ଦାଶ, ଅନୁ ବିଭାଗୀୟ ଆରକ୍ଷୀ ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, ମହିଳା ଓ ଶିଶୁ ମଙ୍ଗଳ ଅଧିକାରିଣୀ ଗୀତା ଗାୟତ୍ରୀ ରଥ, ଆରକ୍ଷୀ ନିରୀକ୍ଷକ କୁଆଖିଆ ଥାନା ସୁଶାନ୍ତ କୁମାରୀ ସେଠୀ ପ୍ରମୁଖ ଯୋଗଦେଇ ୧୮ ବର୍ଷରୁ କମ୍ ଶିଶୁଙ୍କ ଯୌନ ଶୋଷଣ ଅପରାଧ ରୋକିବା ପାଇଁ ସଂଶୋଧିତ ସ୍ୱତନ୍ତ୍ର କଠୋର ଆଇନ୍ ୨୦୧୨, ଡାନିଆଲ୍ ଲତିଫ୍ ଓ ଅନ୍ୟାନ୍ୟ ବନାମ ଭାରତ ରାଷ୍ଟ୍ର ସଂଘ , ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଉତ୍ତର ପ୍ରଦେଶ ରାଜ୍ୟ ବନାମ ଅପରାଧିକ ଆବେଦନ ସଂଖ୍ୟା ୧୩୨ ଓ ୧୩୩, ପାରିବାରିକ ହିଂସା ବାଲ୍ୟବିବାହ ନିରୋଧ ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିବିଧ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମିଶନ ଶକ୍ତି ସଂଯୋଜକ ସଞ୍ଜୟ ପାଠକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା ସଭାରେ ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ସଂଘ କର୍ମକର୍ତ୍ତା ଅଙ୍ଗନବାଡ଼ି କର୍ମୀ ସାଧାରଣ ନାଗରିକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ପ୍ରାଧିକରଣ ଓ ବ୍ଲକ୍ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

## ମଦ ଜବତ, ଜଣେ ଅଟକ

କୟାଁଗୋଲା.୨୪।୯ (ସମିସ): ମଙ୍ଗଳପୁର ଥାନା ଅଞ୍ଚଳରେ ବେଆଇନ ବିଦେଶୀ ମଦ କାରବାର ବିରୋଧରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଜଣେ ବ୍ୟକ୍ତିଙ୍କୁ ଅଟକ କରାଯିବା ସହ ୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ମଙ୍ଗଳପୁର ଥାନାରେ ମାମଲା ନମ୍ବର ୨୩୨/୨୬ ରୁଜୁ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ମଦ ଚୋରା କାରବାର ସମ୍ପର୍କରେ ସୂଚନା ପାଇ ଥାନା ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ୬ ଲିଟର ବିଦେଶୀ ମଦ ଜବତ ହୋଇଥିବାବେଳେ ଏହି ଘଟଣାରେ ଅରୁଣ ମଲ୍ଲିକଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରିଛି। "ମଙ୍ଗଳପୁର ଥାନା ଅଞ୍ଚଳରେ ବେଆଇନ ମଦ କାରବାର ଉପରେ ପୁଲିସ ପକ୍ଷରୁ ନଜରଦାରି ବଢ଼ାଯାଇଥିବା ସୂଚନା ମିଳିଛି। ଆଇନ ଉଲ୍ଲଂଘନ କରି ମଦ ବିକ୍ରି କିମ୍ବା ପରିବହନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଗକୁ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।ଏ ଏସ ଆଇ ଘନଶ୍ୟାମ ନାୟକ, ପ୍ଲାଲ ମହାପାତ୍ର ଚଢ଼ଉ କରିଥିଲେ।ମାମଲାର ତଦନ୍ତ ଅଧିକାରୀ ଯଟାଧାରୀ ଦାସ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

କବାଟବନ୍ଧ,୨୪।୯ (ସମିସ): ଲଗାଣ ବର୍ଷାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକ ମାନେ ପ୍ରଭାବିତ ହେଉଥିବା ବେଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଏବଂ କବାଟବନ୍ଧ ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଜନଜୀବନ ପ୍ରଭାବିତ ହେଉଛନ୍ତି। ବୁଧବାର ରାତି ବର୍ଷା ଲାଗି ରହିଛି। ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ଠାରୁ ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ବର୍ଷା ଯୋଗୁଁ ପ୍ରଭାବିତ। ଜେନାପୁର ଓ କବାଟବନ୍ଧ ଅଞ୍ଚଳରେ ବୁଧବାର ରାତି ୮.୩୦ ରୁ ଗୁରୁବାର ରାତି ୮.୩୦ ପର୍ଯ୍ୟନ୍ତ ସର୍ବାଧିକ ୯୨.୮ ମିମି ବର୍ଷା ରେକଡର୍ କରାଯାଇଛି। ବର୍ଷା ଲାଗି ରହିବାରୁ ବିଭିନ୍ନ ସ୍ଥାନରେ ଡ୍ରେନେଜ ସୁବିଧା ନ ଥିବାରୁ ଗାଁ ଗାଁରେ ପାଣି ଜମି ରହୁଛି। ଅନେକ ସ୍ଥାନରେ ମୁଖ୍ୟ ରାସ୍ତାରେ ମଧ୍ୟ ବହୁ ପରିମାଣର ପାଣି ଜମି ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ବର୍ଷା ଓ ବଜ୍ରପାତ ପାଇଁ ବିଦ୍ୟୁତ ସରବରାହ ମଧ୍ୟ ବାଧାପ୍ରାପ୍ତ ହେଉଛି। କରେଣ୍ଟ ସମସ୍ୟା କାରଣରୁ ମୋବାଇଲ ନେଟୱର୍କ ମଧ୍ୟ ଭଲ ଭାବରେ ଉପଲବ୍ଧ ହେଉନାହିଁ।

## ନଦୀକୁ ଡେଇଁପଡ଼ିଲେ ମହିଳା



ବିଞ୍ଝାରପୁର,୨୪।୯ (ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଧୀନ ଖରସ୍ରୋତା ସେତୁ ଉପରୁ ଜଣେ ମହିଳା ନଦୀକୁ ଡେଇଁଥିବା ନେଇ ଗୁରୁବାର ସୂଚନା ମିଳିଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖରସ୍ରୋତା ନଦୀରେ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ନଦୀରେ ପାଣିର ସ୍ରୋତ ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ସେତୁ ଉପରେ ମହିଳାଙ୍କ ଚପଲ ଓ ଏକ ଛତା ପଡ଼ିଥିବା ଦେଖାଯାଇଛି। ତେବେ ମହିଳାଙ୍କ ପରିଚୟ, ସେ କେଉଁ ଅଞ୍ଚଳର ବାସିନ୍ଦା ଏବଂ କେଉଁ ପରିସ୍ଥିତିରେ ନଦୀକୁ ଡେଇଁଥିଲେ, ସେ ନେଇ ଏଯାଏଁ ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିବା ବେଳେ ପୁଲିସ ମଧ୍ୟ ଘଟଣାର ତଦନ୍ତ ସହ ମହିଳାଙ୍କ ପରିଚୟ ଜାଣିବାକୁ ତଥ୍ୟ ସଂଗ୍ରହ କରୁଛି। ଅଗ୍ନିଶମ ବାହିନୀର ସନ୍ଧାନ ଓ ଉଦ୍ଧାର ଅଭିଯାନ ଜାରି ରହିଛି।

## ତୁରନ୍ତ ରିଲିଫ ଚାଉଳ ବଣ୍ଟନ ସାରିବାକୁ ଯୋଗାଣ ଅଧିକାରୀଙ୍କ ତାଗିଦ

ବିଞ୍ଝାରପୁର,୨୪।୯ (ସମସ) : ବିଞ୍ଝାରପୁର ବ୍ଲକ ଅଞ୍ଚଳର ବନ୍ୟା ପ୍ରଭାବିତ ୧୩ଟି ପଞ୍ଚାୟତ ପାଇଁ ରିଲିଫ୍ ଚାଉଳ ଆସିଥିଲେ ମଧ୍ୟ ଏଯାବତ୍ ସମସ୍ତ ବିପନ୍ନଙ୍କ ନିକଟରେ ଏହା ପହଞ୍ଚି ପାରିନାହିଁ। କେତେକ ପଞ୍ଚାୟତରେ ରିଲିଫ ଚାଉଳ ବଣ୍ଟନକୁ ନେଇ ଅଭିଯୋଗ ଥାନାରେ ପହଞ୍ଚିଥିବା ଜଣାପଡ଼ିଛି। କେତେକ ସ୍ଥାନରେ ବଣ୍ଟନ ହୋଇଥିବାବେଳେ ଅନେକ ସ୍ଥାନରେ ବିପନ୍ନମାନେ ଚାଉଳ ପାଇନଥିବା ଅଭିଯୋଗ ହୋଇଛି। ଚଳିତ ବନ୍ୟାରେ ବ୍ଲକର ନୂଆମାହାରା ନିକଟରେ ଖରସ୍ରୋତା ନଦୀରେ ଘାଇ ସୃଷ୍ଟି ହେବା ଯୋଗୁଁ ବ୍ଲକର ପ୍ରଭାବିତ ୧୩ଟି ପଞ୍ଚାୟତର ବିପନ୍ନଙ୍କୁ ରିଲିଫ ପ୍ରଦାନ ପାଇଁ ଘୋଷଣା କରାଯାଇଛି। ହଳଦୀଡ଼ିହ, ଜରୀ,ବାଙ୍ଗରା, ସିଂହପୁର, ଓଳେଇଚନ୍ଦନପୁର, ରଣପୁର, ଚନ୍ଦ୍ରମୁ, କଲ୍ୟାଣପୁର, କପିଳା, ଅଳକୁଣ୍ଡ, ପ୍ରୀତିପୁର, ଆଡଁରୀ ଓ ଟିଣା ପଞ୍ଚାୟତ ଏଥିରେ ସାମିଲ ରହିଛି।ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ, ବନ୍ୟା ପ୍ରଭାବିତ ବୟସ୍କଙ୍କୁ ମୁଣ୍ଡପିଛା ୧ କିଲୋ ଚାଉଳ ଏବଂ ଛୋଟ ପିଲାଙ୍କୁ ୫୦୦ ଗ୍ରାମ ଚାଉଳ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୧୩ଟି ପଞ୍ଚାୟତର ବିପନ୍ନଙ୍କ ପାଇଁ ମୋଟ ୩୫୩୦ କୁଇଣ୍ଟାଲ ରିଲିଫ ଚାଉଳ ଆସିଛି। ଯୋଗାଣ ବିଭାଗ ପକ୍ଷରୁ ୭୦ ପ୍ରତିଶତ ଚାଉଳ ବିଭିନ୍ନ ପଞ୍ଚାୟତକୁ ପଠାଯାଇଥିବାବେଳେ ପ୍ରାୟ ୪୦ ପ୍ରତିଶତ ଚାଉଳ ବିପନ୍ନଙ୍କୁ ବଣ୍ଟନ କରାଯାଇଥିବା ଯୋଗାଣ ଅଧିକାରୀ ରଶ୍ମିପ୍ରଭା ସାହୁ ପ୍ରକାଶ କରିଛନ୍ତି ।ଅବଶିଷ୍ଟ ରିଲିଫ ଚାଉଳ ତୁରନ୍ତ ବିପନ୍ନଙ୍କ ମଧ୍ୟରେ ବଣ୍ଟନ କରିବାକୁ ଯୋଗାଣ ଅଧିକାରୀ ପଞ୍ଚାୟତ ସ୍ତରୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି ।ଅନ୍ୟପକ୍ଷରେ ରିଲିଫ ଚାଉଳ ବଣ୍ଟନ ଦାୟିତ୍ୱ ପିଇଓ, ଏଡିଓମାନଙ୍କ ଉପରେ ରହିଥିବାବେଳେ ସେମାନେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ଥିବାରୁ ବଣ୍ଟନରେ କିଛିଟା ବିଳମ୍ବ ହେଉଥିବା ଯୋଗାଣ ଅଧିକାରୀ କହିଛନ୍ତି।

## ପୋଲ ତଳକୁ ଖସିଲା ଡିଜେ ଗାଡ଼ି

ଦାନଗଦି,୨୪।୯ (ସମିସ) : ଡୁବୁରୀ-ଦାନଗଦି ରାସ୍ତାର ନୀଳାଚଳ କାରଖାନା ନିକଟରେ ଡୁବୁରୀ ପଟୁ ଦାନଗଦି ଆଡକୁ ଆସୁଥିବା ଏକ ଡିଜେ ଗାଡ଼ି ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଥିଲା ।ଖବର ପାଇ ସ୍ଥାନୀୟ ଦମକଳ ବାହିନୀ ଘଟଣାସ୍ଥଳରେ ପହଁଞ୍ଚି ଗାଡ଼ିରେ ଥିବା ୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ପରେ ହାଇଡ୍ରା ଗାଡ଼ି ଆସି ଗାଡ଼ିଟିକୁ ଉପରକୁ ଉଠାଇଥିଲା।

## ● ବେଧଡ଼କ ଚାଲିଛି ଦେଶୀ ମଦ ବିକ୍ରି
## ଦୋକାନ ସ୍ଥାନାନ୍ତର ଦାବିରେ ଗ୍ରାମବାସୀଙ୍କ ମେଳି

ବ୍ରହ୍ମବରଦା,୨୪।୯ (ସମିସ): ବ୍ରହ୍ମବରଦା ଅଞ୍ଚଳରେ ଥିବା ସରକାରୀ ଦେଶୀ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରୀ ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ରହିଥିଲେ ମଧ୍ୟ ଏଠାରେ ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ଅଭିଯୋଗ ଅନୁଯାୟୀ, ବଡ଼ି ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବେଆଇନ ଭାବେ ମଦ ବିକ୍ରି ଚାଲିଛି। ସକାଳୁ ରାତି ଯାଏଁ ଦୋକାନ ଆଗରେ ମଦୁଆଙ୍କ ଭିଡ଼ ଜମୁଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ମଦ ପିଇ ଅସାମାଜିକ ଯୁବକ ଗାଳିଗୁଲଜ ଓ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ମହିଳା, ଛାତ୍ରଛାତ୍ରୀ ଓ ବୟସ୍କ ନାଗରିକମାନେ ଏହି ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ନିର୍ଦ୍ଧାରିତ ସମୟସୀମାକୁ କଡ଼ାକଡ଼ି ଲାଗୁ କରିବା ଏବଂ ଦୋକାନକୁ ଜନବସତିଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ସଚେତନତା ଶିବିର

ବରୀ,୨୪।୯ (ସମିସ) : ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସାମାଜିକ ସେବା ତରଫରୁ ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବିକଶିତ ଭାରତ ଯୁବନେତୃତ୍ୱ ତର୍କ ପ୍ରତିଯୋଗିତା-୨୦୨୭ରେ ଭାଗ ନେବାପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ୍‌ର ସଂଯୋଜିକା ଅଧ୍ୟାପିକା ସୁଧାଂଶୁବାଳା ସ୍ୱାଇଁ, ଅଧ୍ୟାପିକା ଅନାମିକା ମିଶ୍ର, ଅଧ୍ୟାପକ ଡ. ଦାମୋଦର ସାହୁ, ଅଧ୍ୟାପିକା ସୁଶ୍ରୀ ସଂଗୀତା ଜେନା, ଅଧ୍ୟାପକ ହିମାଂଶୁ ଶେଖର ପ୍ରଧାନ ଓ ରଶ୍ମୀରଞ୍ଜନ ଜେନା ପ୍ରମୁଖ ଭାଗନେଇ ଛାତ୍ରଛାତ୍ରୀଙ୍କୁ ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ପର୍କରେ ସଚେତନତା କରାଇଥିଲେ।

# ନିୟନ୍ତ୍ରଣ ବାହାରେ ଡିଜେ ଶବ୍ଦ ପ୍ରଦୂଷଣ; ଲୋକେ ପ୍ରଭାବିତ

ଯଖପୁରା,୨୪।୯ (ସମିସ):



ପାର୍ବଣ ଋତୁ ଆରମ୍ଭ ହୋଇସାରିଥିବା ବେଳେ ଏହାର ବିସର୍ଜନ ବା ଭସାଣ ପାଇଁ ଆବଶ୍ୟକ ପଡୁଛି ଡିଜେ। କଳିଙ୍ଗନଗର ଅଞ୍ଚଳରେ ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଓ ଖୁଦୁରୁକୁଣି ପୂଜା ମେଢ଼ ବିସର୍ଜନ କରାଯାଉଛି। ବିଭିନ୍ନ ପୂଜାକମିଟି ଓ ଗ୍ରାମମାନଙ୍କରେ କରାଯାଉଥିବା ପୂଜାର ଭସାଣ ପାଇଁ ପ୍ରତିଦ୍ୱନ୍ଦ୍ୱିତା ମୂଳକ ଭାବେ ଡିଜେ ବ୍ୟବହାର କରାଯାଉଛି। ଯାହାର ଡିଜେ ଯେତେ ଅଧିକ ଶବ୍ଦ କରିପାରିବ ତାଙ୍କ ଭସାଣ ସେତେ ବଡ଼ ବୋଲି ଧରାଯାଉଛି। ଶବ୍ଦ ପ୍ରଦୂଷଣକୁ ଖାତିର ନ କରି ମନଇଚ୍ଛା ବଡ଼ ବଡ଼ ଶବ୍ଦ ସୃଷ୍ଟି କରୁଥିବା ଡିଜେ ବ୍ୟବହାର କରାଯାଉଛି। ପୁଲିସ ପ୍ରଶାସନ ପକ୍ଷରୁ ଡିଜେକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଇଥିବା ବେଳେ ଏହାକୁ ଭ୍ରୂକ୍ଷେପ ନକରି ଅଧିକରୁ ଅଧିକ ଶବ୍ଦ ପ୍ରଦୂଷଣ କରୁଥିବା ଭଳି ଡିଜେ ବ୍ୟବହାର କରାଯାଉଛି। ପାର୍ବଣରେ ବ୍ୟବହାର ହେଉଥିବା ଡିଜେ ଶବ୍ଦର ତୀବ୍ରତା ୬୫ ଡେସିବେଲରୁ କମ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା କରାଯାଇଛି। ମାତ୍ର ଶବ୍ଦର ତୀବ୍ରତା ମାପିବା ପାଇଁ ଥାନା ପାଖରେ ଏହାର କୌଣସି ନିର୍ଦ୍ଦିଷ୍ଟ ମେସିନ ନାହିଁ। ଯାହାଫଳରେ ଡିଜେ ସାଉଣ୍ଡ ମେସିନର ଶବ୍ଦସୀମା ନିରୂପଣ କରିବା ପୁଲିସ ପକ୍ଷରେ ସମ୍ଭବ ହୋଇପାରୁନାହିଁ। ଯାହାର ସୁଯୋଗ ନେଇ ପୂଜା କମିଟି ପକ୍ଷରୁ ନିୟମ ଉଲ୍ଲଙ୍ଘନ କଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ।

ପୂଜା ମଣ୍ଡପ ପକ୍ଷରୁ ପୁଲିସ ପ୍ରଶାସନ ଠାରୁ ଅନୁମତି ପାଇସାରିବା ପରେ ଶବ୍ଦ ପ୍ରଦୂଷଣ ସମ୍ପର୍କିତ ନିର୍ଦ୍ଧାରିତ ସୀମାକୁ ଅନେକ ସ୍ଥାନରେ ଅଣଦେଖା କରାଯାଉଥିବାର ଦେଖିବାକୁ ମିଳୁଛି। ପୁଲିସ ଠାରୁ ଅନୁମତି ପତ୍ର ଆଣିବା ପରେ ପୂଜାମଣ୍ଡପ ଗୁଡ଼ିକରେ ଉଚ୍ଚସ୍ୱରରେ ଡିଜେ ବାଜିବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଚ୍ଚଶବ୍ଦ ଜାରିରହୁଛି। ଏହାଫଳରେ ବୟସ୍କ, ଅସୁସ୍ଥ ବ୍ୟକ୍ତି, ଛୋଟ ଛୋଟ ପିଲା ମାନଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବା ନେଇ ଅଭିଯୋଗ ହେଉଛି। ପୂଜା ମଣ୍ଡପ ପକ୍ଷରୁ ଥାନା ମାନଙ୍କଠାରୁ ଅନୁମତି ମିଳିବା ପରେ ସେହି ଅନୁମତି ରେ ଥିବା ସର୍ତ୍ତ ଓ ଶବ୍ଦର ନିର୍ଦ୍ଧାରିତ ସୀମାକୁ ପାଳନ ହେଉଛି କି ନାହିଁ ତାହାର ତଦାରଖ ନିତ୍ୟାନ୍ତ ଆବଶ୍ୟକ। ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ନିୟମ ରହିଥିଲେ ମଧ୍ୟ ତାହାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠୁଛି। ପୁଲିସ ପକ୍ଷରୁ ମୂର୍ତ୍ତି ବିସର୍ଜନ କରିବା ପାଇଁ ସମୟ ଧାର୍ଯ୍ୟ କରିବା ନିହାତି ଜରୁରୀ। ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ଉପରେ ନଜର ରଖିବା ସହ ଭଷଣ ଶୋଭାଯାତ୍ରା ସମୟରେ ନିର୍ଦ୍ଧାରିତ ଶବ୍ଦସୀମା ଓ ସମୟସୀମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସାଧାରଣରେ ଦାବି ହେଉଛି। ପୂଜା ଓ ଭସାଣ ଉତ୍ସବ ଲୋକଙ୍କ ଧାର୍ମିକ ଭାବନା ସହ ଜଡିତ ଥିବାରୁ ଏହି ଉତ୍ସବ ଆନନ୍ଦର ସହ ପାଳନ କରିବା ସ୍ୱାଭାବିକ। ମାତ୍ର ଏହା ସହିତ ସାଧାରଣ ଲୋକଙ୍କ ଶାନ୍ତି ଓ ସ୍ୱାସ୍ଥ୍ୟ ଯେପରି ପ୍ରଭାବିତ ନହୁଏ ସେଥିପ୍ରତି ପୂଜା କମିଟି ଗୁଡିକ ସଚେତନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ଓ ନିର୍ଦ୍ଧାରିତ ଶବ୍ଦସୀମା ମଧ୍ୟରେ ପୂଜାର୍ଚ୍ଚନା ଓ ଭସାଣ କରିବା ପାଇଁ ସମସ୍ତ ପୂଜା ମଣ୍ଡପ କୁ ଅବଗତ କରାଇବା ସହ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଖରସ୍ରୋତା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

ସିଂହପୁର,୨୪।୯ (ସମିସ): ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଏନ୍ ଏସ ଏସ ଦିବସ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ ସୁଧାଂଶୁ କୁମାର ଦାସ କ ସଭାପତି ତୁ କରି ସ୍ୱେଚ୍ଛାସେବୀ ମାନକୁ ସେବା ଧର୍ମର ବ୍ରତୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ଯୋଜନା ଅଧିକାରିଣୀ ଅଧ୍ୟାପିକା ଅର୍ପିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଶୃତ ବିଭାଗର ମୁଖ୍ୟ ଅଧ୍ୟାପକ ପୁର୍ଣ୍ଣଚନ୍ଦ୍ର ସାମଲ ଦିବସର ମହତ୍ୱ ପ୍ରତିପାଦନ କରିବା ସହ ମାନବ ସେବା ହିଁ ମାଧବ ସେବା ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବିଜୟ କୁମାର ପତି, ସୁବାସ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ମିଶ୍ର, ଅରୁଣ କୁମାର ସାମଲ, ଗଗନ ବିହାରୀ ବେହେରା, ଅମ୍ବିକା ପ୍ରସାଦ ଜେନା, ଦୀପ୍ତି ରଞ୍ଜନ ସେନାପତି, ନୀଳମଣି ମଲ୍ଲିକ, ସତ୍ୟବ୍ରତ ସେଠୀ, ସତ୍ୟନାରାୟଣ ଗୁପ୍ତା, ଶରତ ଚନ୍ଦ୍ର ରାଉଳ, ବିବେକ ମେହେର, କମଳ କୁମାର ସେଠୀ, ଚିତ୍ତରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଯୋଜନା ଅଧିକାରୀ ଚନ୍ଦନ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବଞ୍ଚିବା ପାଇଁ ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ଜଳ ସମସ୍ତଙ୍କର ମୌଳିକ ଅଧିକାର।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ଶିଶୁ ଅଧିକାରର ଦ୍ୱନ୍ଦ୍ୱ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଶିଶୁ ଅଧିକାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ କେନ୍ଦ୍ର ସରକାରଙ୍କଠାରୁ ଜବାବ ତଲବ କରିଛନ୍ତି। ଏହି ମାମଲାରେ ଯୁକ୍ତି କରାଯାଇଛି ଯେ ଯଦିଓ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଆଇନଗତ ଭାବେ କୌଣସି ଚୁକ୍ତିନାମା କରିପାରିବେ ନାହିଁ, ତଥାପି ସେମାନଙ୍କୁ ସ୍ୱାଧୀନ ଭାବରେ ଅନ୍‌ଲାଇନ୍ ଆକାଉଣ୍ଟ ଖୋଲିବାକୁ ଅନୁମତି ଦିଆଯାଉଛି; ଯାହା ପାଇଁ ପ୍ରାୟତଃ ସେବା ସର୍ତ୍ତାବଳୀ ଓ ନୀତିର ଉଲ୍ଲଘଂନ ହେଉଛି। 'ଜଷ୍ଟ ରାଇଟ୍ସ ଫର୍ ଚିଲ୍‌ଡ୍ରେନ୍ ଆଲାଏନ୍ସ' ଦ୍ୱାରା ଦାଖଲ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ଯୁକ୍ତି ଅନୁଯାୟୀ ଆଇନଗତ ବ୍ୟବସ୍ଥାରେ ଥିବା ଏହି ତ୍ରୁଟି ଯୋଗୁଁ ପିଲାମାନେ 'ଅନ୍‌ଲାଇନ୍ ଗ୍ରୁମିଂ(ପ୍ରଲୋଭନ) ଓ ମାନବ ଚାଲାଣଠାରୁ ଆରମ୍ଭ କରି ସାଇବର-ବୁଲିଂ (ଅନ୍‌ଲାଇନ୍ ଉତ୍ପୀଡ଼ନ) ଏବଂ ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର ଭଳି ବିପଦର ସମ୍ମୁଖୀନ ହେଉଛନ୍ତି। ଏଥିରେ ସର୍ବୋଚ୍ଚ ନ୍ୟାୟାଳଙ୍କୁ ଅନୁରୋଧ କରାଯାଇଛି ଯେ କେନ୍ଦ୍ର ସରକାରଙ୍କୁ ଏଭଳି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଯାହା ନିଶ୍ଚିତ କରିବ ଯେ ନାବାଳକମାନେ ଅଭିଭାବକଙ୍କ ଯାଞ୍ଚ ଯୋଗ୍ୟ ସହମତି ବିନା କୌଣସି ପ୍ଲାଟଫର୍ମ ଚୁକ୍ତିନାମାରେ ସାମିଲ ହେବେ ନାହିଁ।

ଭାରତୀୟ ଚୁକ୍ତି ଆଇନ, ୧୮୭୨ର ଧାରା ୧୧ ରେ ନାବାଳକଙ୍କୁ ଚୁକ୍ତି କରିବାରୁ ବାରଣ କରାଯାଇଛି। ଏଥିରେ କୁହାଯାଇଛି ଯେ, 'ଯେଉଁ ବ୍ୟକ୍ତି ନିଜ ଉପରେ ଲାଗୁ ହେଉଥିବା ଆଇନ ଅନୁଯାୟୀ ସାବାଳକ (ପୂର୍ଣ୍ଣ ବୟସ୍କ) ଏବଂ ସୁସ୍ଥ ମସ୍ତିଷ୍କର ଅଧିକାରୀ, କେବଳ ସେହି ବ୍ୟକ୍ତି ହିଁ ଚୁକ୍ତି କରିବାକୁ ଯୋଗ୍ୟ ଅଟନ୍ତି।' ଜଣେ ନାବାଳକଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ଚୁକ୍ତିନାମା କିମ୍ବା ବୁଝାମଣାକୁ ଆରମ୍ଭରୁ ହିଁ ଅବୈଧ ବୋଲି ବିବେଚନା କରାଯିବ। ଏହି ଆଇନଗତ ବ୍ୟବସ୍ଥା ସତ୍ତ୍ୱେ, ଭାରତରେ କାର୍ଯ୍ୟ କରୁଥିବା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ କିଶୋରମାନଙ୍କୁ (ପ୍ରାୟତଃ ୧୩ ବର୍ଷ ବୟସରୁ କମ୍) କେବଳ ସେମାନଙ୍କ ବୟସ କିମ୍ବା ଜନ୍ମ ତାରିଖ ଘୋଷଣା କରିବାରେ ସର୍ତ୍ତାବଳୀକୁ ସୀମିତ ରଖିଛନ୍ତି, ଯାହା ଆଇନର ବିରୁଦ୍ଧାଚରଣ କରୁଛି। ଭାରତୀୟ ଆଇନ ନାବାଳକମାନଙ୍କୁ ସ୍ୱାଧୀନ ଭାବରେ ଅନ୍‌ଲାଇନ୍ ଆକାଉଣ୍ଟ ଖୋଲିବା ଉପରେ ନିୟନ୍ତ୍ରଣ ଜାରି କରିପାରୁନାହିଁ। ତେଣୁ ଏବେ ଆଇନ ସଂଶୋଧନର ଆବଶ୍ୟକତା ଉପରେ ମତ ପ୍ରକାଶ ପାଉଛି।

ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ ୨୦୨୩(ଡିପିଡିପି) ଅନୁଯାୟୀ, କୌଣସି ଶିଶୁର ବ୍ୟକ୍ତିଗତ ତଥ୍ୟ ପ୍ରକ୍ରିୟାକରଣ କରାଯିବା ପୂର୍ବରୁ ପିତାମାତାଙ୍କ ଅନୁମତି ଆବଶ୍ୟକ। କିନ୍ତୁ ଡିପିଡିପି ଆଇନ କିମ୍ବା ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀ ୧୮ ବର୍ଷରୁ କମ୍ ବୟସର ବ୍ୟବହାରକାରୀଙ୍କୁ ଡିଜିଟାଲ୍ ପ୍ଲାଟଫର୍ମରେ ସ୍ୱାଧୀନ ଭାବରେ ଆକାଉଣ୍ଟ ଖୋଲିବା କିମ୍ବା ପରିଚାଳନା କରିବାରୁ ବାରଣ କରିବା ବିଷୟରେ ଅସ୍ପଷ୍ଟ। ସାମାଜିକ ଗଣମାଧ୍ୟମ ମଞ୍ଚରେ ନାବାଳକମାନଙ୍କର ସ୍ୱାଧୀନ ଭାବରେ ପଞ୍ଜୀକରଣକୁ ଯାଞ୍ଚ କିମ୍ବା ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଆଇଟି ଆଇନ ଅଧୀନରେ ପ୍ରସ୍ତୁତ 'ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥ ନିୟମାବଳୀ ଏବଂ ଡିଜିଟାଲ୍ ମିଡିଆ ନୈତିକତା ସଂହିତା) ନିୟମାବଳୀ, ୨୦୨୧'ରେ ନାବାଳକର ଚୁକ୍ତିନାମା ସମ୍ପାଦନ କରିବାର କ୍ଷମତା ବିଷୟରେ ସମ୍ପୂର୍ଣ୍ଣ ନୀରବ ରହିଛି ଏବଂ ଏଥିରେ ବୟସର ପ୍ରକୃତ ଯାଞ୍ଚ, ପିତାମାତାଙ୍କ ପ୍ରମାଣୀକରଣ କିମ୍ବା ବୟସ-ନିୟନ୍ତ୍ରଣ ଓ ନିର୍ଦ୍ଧାରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥା 'କେବଳ ନାମକୁ ମାତ୍ର ବୟସ ସୀମା ବ୍ୟବସ୍ଥା' ଭଳି ହୋଇଛି। କାରଣ କେବଳ ଜନ୍ମତାରିଖ ଦାଖଲ କରିବା ଏକ ପ୍ରଭାବଶାଳୀ ସୁରକ୍ଷା ପଦକ୍ଷେପ ନୁହେଁ। ତେଣୁ ଏକ ସ୍ୱଚ୍ଛ ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ବ୍ୟବସ୍ଥା ଏବଂ ପ୍ରଭାବଶାଳୀ ଯାଞ୍ଚଯୋଗ୍ୟ ବୟସ-ନିଶ୍ଚିତକରଣ ଓ ବୟସ-ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ଜନସ୍ୱାର୍ଥ ମାମଲାରେ ଅନୁରୋଧ କରାଯାଇଛି।

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆ ଓ ୟୁକେର ପଦାଙ୍କ ଅନୁସରଣ କରି ଭାରତରେ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହି ସରକାରୀ ନିଷ୍ପତ୍ତି ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାରଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ। କିନ୍ତୁ ମୋବାଇଲ୍ ଫୋନ୍ ବ୍ୟବହାରକାରୀଙ୍କ ବୟସ କିଭଳି ନିର୍ଣ୍ଣୟ କରାଯାଇପାରିବ ସେ ନେଇ ପ୍ରଶ୍ନ ଉଠିଛି। ତେଣୁ ଉପରୋକ୍ତ ଜନସ୍ୱାର୍ଥ ମାମଲା ସେ ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ।

## ବିଶ୍ୱାସର କାଠଗଡ଼ାରେ ନିର୍ବାଚନ କମିଶନ

**ରଞ୍ଜିତ୍ ମହାନ୍ତି**

ଭାରତୀୟ ଗଣତନ୍ତ୍ରରେ ଭୋଟ କେବଳ ଏକ ଅଧିକାର ନୁହେଁ, ଏହା ନାଗରିକଙ୍କ ସାର୍ବଭୌମ ସ୍ୱର। ଜଣେ ନାଗରିକଙ୍କ ମତଦାନର ମୌଳିକ ଅଧିକାର ହିଁ ଗଣତନ୍ତ୍ରର ମୂଳ ଭିତ୍ତି। ସେହି କାରଣରୁ ଭୋଟର ତାଲିକାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ; ମୃତ, ଅଯୋଗ୍ୟ ଓ ଦ୍ୱୈତ ନାମକୁ ବାଦ ଦେବା ମଧ୍ୟ ସେତିକି ଆବଶ୍ୟକ। କିନ୍ତୁ ଏହି ଦୁଇ ପ୍ରକ୍ରିୟା ମଧ୍ୟରେ ସନ୍ତୁଳନ, ସ୍ୱଚ୍ଛତା ଓ ଆଇନଗତ ସୁରକ୍ଷାକୁ ନେଇ ଉଠିଥିବା ପ୍ରଶ୍ନ ସାରାଦେଶରେ ନୂଆ ବିବାଦ ସୃଷ୍ଟି କରିଛି। ସାମ୍ପ୍ରତିକ ଏସ୍‌ଆଇଆର୍ (ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ)କୁ ନେଇ ସୃଷ୍ଟ ବିବାଦ କେବଳ ଭୋଟର ତାଲିକାରେ ସୀମିତ ନାହିଁ; ଦେଶର ନିର୍ବାଚନ ପରିଚାଳନାର ସର୍ବୋଚ୍ଚ ସଂସ୍ଥା ନିର୍ବାଚନ କମିଶନର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ମଧ୍ୟ ପ୍ରଶ୍ନ ଓ ବିଶ୍ୱାସର କାଠଗଡ଼ାରେ ଠିଆ ହୋଇଛି।

'ଦ ଇଣ୍ଡିଆନ୍ ଏକ୍ସପ୍ରେସ'ର ରିପୋର୍ଟ ଅନୁସାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କେତେକ ନିଷ୍ପତ୍ତି ଓ ପଦକ୍ଷେପକୁ ନେଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସରେ ଅନ୍ତତଃ ୧୪ ଥର ଲିଖିତ ଆପତ୍ତି ଜଣାଇଛନ୍ତି। ଏହି ଆପତ୍ତିଗୁଡ଼ିକର କେନ୍ଦ୍ରରେ ରହିଛି ନୂଆ ଭୋଟର ପଞ୍ଜୀକରଣ, ନାମ ବାଦ ଓ ପୁନଃସାମିଲ, ଭୋଟର ଡାଟାବେସ୍‌ର ପରିଚାଳନା ଏବଂ ଡିଜିଟାଲ୍ ବ୍ୟବସ୍ଥାରେ ଅଧିକାରର କେନ୍ଦ୍ରୀକରଣ ଭଳି ସ୍ପର୍ଶକାତର ପ୍ରସଙ୍ଗ। ଯଦିଓ ଏହି ପ୍ରଶ୍ନ ଉଠିବା ପରେ ନିର୍ବାଚନ କମିଶନର ପକ୍ଷରୁ ଏକ ସ୍ପଷ୍ଟୀକରଣରେ ବହୁସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥାରେ ମତଭେଦ, ପ୍ରଶ୍ନ, ବୈଷୟିକ ପରାମର୍ଶ ଓ ଆଭ୍ୟନ୍ତରୀଣ ଯାଞ୍ଚ ସ୍ୱାଭାବିକ ପ୍ରକ୍ରିୟା ବୋଲି କୁହାଯାଇଛି। ଗତ ଏକବର୍ଷର ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିରେ ହୋଇଛି ଏବଂ ପ୍ରାୟ ୪୦ଟି ନୂଆ ପଦକ୍ଷେପ ଓ ନିର୍ବାଚନୀ ସଂସ୍କାର ଗ୍ରହଣ କରାଯାଇଛି ବୋଲି କମିଶନ ପକ୍ଷରୁ କୁହାଯାଇଛି। ମାତ୍ର କୌଣସି ପ୍ରସଙ୍ଗରେ ମତଭେଦ ଓ ଚୂଡ଼ାନ୍ତ ନିଷ୍ପତ୍ତି କଦାପି ଆପେକ୍ଷିକ ନୁହେଁ। ମତଭେଦ ସତ୍ତ୍ୱେ ନିଆଯାଇଥିବା ନିଷ୍ପତ୍ତି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେବାର ଆବଶ୍ୟକତା ଥିବା ବେଳେ ଏହାକୁ ମୁଖ୍ୟ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି ଓ ଏକଛତ୍ର ନୀତି ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି।

କୌତୂହଳର କଥା ହେଉଛି ବିବାଦର ଗଭୀରତା ଏତେ ଯେ ଏହାକୁ ଆକଳନ କରିବା କଷ୍ଟକର ବ୍ୟାପାର। ବିଶେଷକରି ଭୋଟର ଡାଟାବେସ୍‌ର କେନ୍ଦ୍ରୀକରଣ କରାଯିବା ନେଇ ଦୁଇ କମିଶନରଙ୍କ ଆପତ୍ତି ଏହି ବିତର୍କକୁ ଅଧିକ ଗୁରୁତର କରିଛି। ନିର୍ବାଚନ କମିଶନ ସଦସ୍ୟ ବିବେକ ଯୋଶୀ 'ଇଲେକ୍ଟୋରାଲ୍ ରୋଲ୍ ଡାଟାବେସ୍'ର କେନ୍ଦ୍ରୀକରଣ ନେଇ ଉଠାଇଥିବା ପ୍ରଶ୍ନ ଓ ସୁଖବୀର ସିଂହ ସାନ୍ଧୁ ରାଜ୍ୟସ୍ତରୀୟ ନିର୍ବାଚନ ଅଧିକାରୀମାନଙ୍କ ଡିଜିଟାଲ୍ ବ୍ୟବସ୍ଥାରେ ପୂର୍ଣ୍ଣ ପ୍ରବେଶ ନେଇ ଚିନ୍ତାପ୍ରକଟର ଉତ୍ତର ଏଯାଏଁ ମୁଖ୍ୟ ନିର୍ବାଚନ କମିଶନ ଦେଇନାହାନ୍ତି।

ଏଠାରେ ପ୍ରଶ୍ନ କେବଳ ସଫ୍ଟୱେରର ନୁହେଁ। ମୂଳ ପ୍ରଶ୍ନ ହେଉଛି - ଭୋଟର ତାଲିକାରେ ଜଣେ ନାଗରିକଙ୍କ ନାମ ଯୋଡ଼ିବା କିମ୍ବା କାଟିବାର ଅନ୍ତିମ ଦାୟିତ୍ୱ କାହାର? ସ୍ଥାନୀୟ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିଷ୍ପତ୍ତି ଯଦି ଏକ କେନ୍ଦ୍ରୀକୃତ ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ବଦଳିଯାଏ, ତେବେ ଏଥିପାଇଁ କିଏ ଉତ୍ତରଦାୟୀ ରହିବ? ଗଣତନ୍ତ୍ର ପ୍ରତି ଆସ୍ଥା ଓ ଗଣତନ୍ତ୍ରର ଆତ୍ମାର ସୁରକ୍ଷା ନିମନ୍ତେ ଏହାର ଉତ୍ତର ମୁଖ୍ୟ ନିର୍ବାଚନ କମିଶନ ପ୍ରଦାନ କରିବା ଏକାନ୍ତ ଜରୁରୀ।

ପଶ୍ଚିମବଙ୍ଗର ଏସ୍‌ଆଇଆର୍ ଏହି ବିତର୍କକୁ ଆହୁରି ଜଟିଳ କରିଛି। ପଶ୍ଚିମବଙ୍ଗରେ ପ୍ରାୟ ୫୮ ଲକ୍ଷ ଭୋଟରଙ୍କ ନାମ ଚିଠା ପ୍ରସ୍ତାବରେ ବାଦ ପଡ଼ିଥିଲା। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଚୂଡ଼ାନ୍ତ ପ୍ରକ୍ରିୟାରେ ପ୍ରାୟ ୨୭.୧୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଛି। କୌତୂହଳର କଥା ହେଉଛି ସେଥିରୁ ୨୨.୨୧ ଲକ୍ଷ ଭୋଟର ସେମାନଙ୍କ ନାମ ମତଦାତା ସୂଚୀରେ ପୁନଃସାମିଲ ପାଇଁ ଅପିଲ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯେଉଁମାନଙ୍କ ନାମ ବାଦ ଦିଆଯାଇଛି, ସେମାନେ କଦାପି ଅଯୋଗ୍ୟ ନ ଥିଲେ। ଯଦି ଅଯୋଗ୍ୟ ଥିଲେ, ସେମାନଙ୍କ ନାମ ପୁନର୍ବାର ମତଦାତା ସୂଚୀରେ ସାମିଲ ପାଇଁ ଆଇନଗତ ଲଢ଼େଇକୁ ବାହାରିଲେ କାହିଁକି? ମୃତକ, ସ୍ଥାନାନ୍ତରିତ, ଦ୍ୱୈତ ଭାବେ ପଞ୍ଜିକୃତ ଓ ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ଆବଶ୍ୟକ। କିନ୍ତୁ ସେହି ପ୍ରକ୍ରିୟାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲବଶତଃ ବାଦ ପଡ଼ିଲେ ତାଙ୍କୁ ନୋଟିସ୍, ଉତ୍ତର ଦେବାର ସୁଯୋଗ, ପ୍ରମାଣ ଦାଖଲ ଓ ଆପିଲ୍‌ର ଅଧିକାର ଦେବା ହିଁ ନ୍ୟାୟସଙ୍ଗତ ପ୍ରକ୍ରିୟା।

ଦିଲ୍ଲୀର ଏସ୍‌ଆଇଆର୍ ନେଇ ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ଟିପ୍ପଣୀ ମଧ୍ୟ ଏହି ପ୍ରଶ୍ନକୁ ଆଗକୁ ଆଣିଛି। ୩୩ ଲକ୍ଷରୁ ଅଧିକ ଭୋଟରଙ୍କୁ ଦିଆଯାଇଥବା ନୋଟିସ ମଧ୍ୟରୁ ଏକ ବଡ଼ ଅଂଶ 'ମେକାନିକାଲ' ମନେ ହେବାର କାରଣକୁ ନେଇ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଭୋଟରମାନେ ହ୍ୱାଟ୍ସଆପ୍ କିମ୍ବା ଇମେଲ୍ ମାଧ୍ୟମରେ ଉତ୍ତର ଦେଇପାରିବେ କି ନାହିଁ, ସେ ସମ୍ପର୍କରେ ନିର୍ବାଚନ କମିଶନ ଚିନ୍ତା କରିବା ଆବଶ୍ୟକ ବୋଲି ମଧ୍ୟ ମତ ଦେଇଛନ୍ତି।

ଏହି ସମଗ୍ର ପରିସ୍ଥିତିରେ ଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ସବୁଠାରୁ ବଡ଼ ଦାୟିତ୍ୱ। ଆମ ସମ୍ବିଧାନ ନିର୍ବାଚନ କମିଶନଙ୍କ ଉପରେ ଏକ ବିଶାଳ ଗୁରୁଦାୟିତ୍ୱ ନ୍ୟସ୍ତ କରିଛି। ସମ୍ବିଧାନର ଧାରା ୩୨୪ରେ ନିର୍ବାଚନ ପରିଚାଳନା, ନିୟନ୍ତ୍ରଣ ଓ ଦାୟିତ୍ୱର ସୂଚାରୁ ସମ୍ପାଦନ ନିମନ୍ତେ ନିର୍ବାଚନ କମିଶନଙ୍କୁ କ୍ଷମତା ଦେଇଛି। ତେଣୁ କମିଶନର ପ୍ରତିଟି ପଦକ୍ଷେପ କେବଳ ଆଇନଗତ ଭାବେ ଠିକ୍ ହେବା ଯଥେଷ୍ଟ ନୁହେଁ; ଜନସାଧାରଣଙ୍କ ଦୃଷ୍ଟିରେ ମଧ୍ୟ ପାରଦର୍ଶୀ ଓ ବିଶ୍ୱସନୀୟ ହେବା ଦରକାର। ମାତ୍ର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ସମ୍ଭବତଃ ଏହାକୁ ବଜାୟ ରଖିବାରେ ଅକ୍ଷମ ହୋଇଛନ୍ତି। 'ସୁଖ' ଓ 'ବିବେକ' ଜ୍ଞାନେଶଙ୍କ ନିକଟରୁ ଦୂରେଇ ଯାଇଛନ୍ତି। ଦୁଇ ସହଯୋଗୀ ସୁଖବିନ୍ଦର ସିଂ ସାନ୍ଧୁ ଓ ବିବେକ ଯୋଶୀ ଏକାଧିକବାର ଉଠାଇଥିବା ପ୍ରଶ୍ନର ସ୍ୱଚ୍ଛ ଉତ୍ତରକୁ ଜ୍ଞାନେଶକୁମାର ସାର୍ବଜନୀନ କରିବା ଆବଶ୍ୟକ। ଗଣତନ୍ତ୍ରରେ ମତଭେଦ କଦାପି ଦୁର୍ବଳତା ନୁହେଁ; ଏହାର ପାରଦର୍ଶୀ ସମାଧାନ ହେଉଛି ଯେ କୌଣସି ପ୍ରତିଷ୍ଠାନର ଦାୟିତ୍ୱ।

ନିର୍ବାଚନୀ ସଂସ୍କାରର ଅର୍ଥ କେବଳ ନୂଆ ସଫ୍ଟୱେର୍, କେନ୍ଦ୍ରୀକୃତ ଡାଟାବେସ୍ ବା ଡିଜିଟାଲ୍ ପ୍ରଯୁକ୍ତି ନୁହେଁ। ପ୍ରଯୁକ୍ତିକୁ ଆଗକୁ ବଢ଼ାଇବା ସହିତ ମାନବୀୟ ଯାଞ୍ଚ, ଆଇନଗତ ସୁରକ୍ଷା ଓ ନାଗରିକଙ୍କ ଶୁଣାଣିର ଅଧିକାରର ମଧ୍ୟ ଦୃଢ଼ୀକରଣ ହେବା ଆବଶ୍ୟକ। କାହିଁକି ନା ଭୋଟର ତାଲିକା କେବଳ ସାଧାରଣ ଡ଼ାଟାବେସ୍ ନୁହେଁ, ଏହା ଦେଶର କୋଟି ନାଗରିକଙ୍କ ଗଣତାନ୍ତ୍ରିକ ଅସ୍ତିତ୍ୱର ଦସ୍ତାବିଜ୍। ଭୋଟର ତାଲିକାରେ ଯୋଗବିୟୋଗ ଏକ ସ୍ୱାଭାବିକ ଓ ନିରନ୍ତର ପ୍ରକ୍ରିୟା। ତେଣୁ ନିର୍ବାଚନ କମିଶନ ଯଦି ଏହି ଦୁଇ ଲକ୍ଷ୍ୟ ମଧ୍ୟରେ ସ୍ୱଚ୍ଛ ସନ୍ତୁଳନ ସ୍ଥାପନ କରିବାକୁ ସମର୍ଥ ହେଲେ ଦେଶବାସୀଙ୍କର ଆସ୍ଥା ପୁନର୍ଜୀବିତ ହେବ। ମାତ୍ର ନିର୍ବାଚନ କମିଶନ ଏ କ୍ଷେତ୍ରରେ 'ଚାପଗ୍ରସ୍ତ ପକ୍ଷଭୁକ୍ତ' ପରି ଆଚରଣ କରୁଛନ୍ତି। 'ସୁଖ' ଓ 'ବିବେକ'କୁ ଭୁଲି ଏକଦେଶଦର୍ଶୀ ନିଷ୍ପତ୍ତି ନେଉଥିବା ଅଭିଯୋଗ ହେଉଛି।

ଗତ ୨୦୨୪ ନିର୍ବାଚନ ସମୟରେ ଦେଶର ୮୭ଟି ସଂସଦୀୟ କ୍ଷେତ୍ରରେ ପଡ଼ିଥିବା ଭୋଟ ଓ ଗଣନା ହୋଇଥିବା ଭୋଟରେ ପାର୍ଥକ୍ୟ ସମ୍ପର୍କରେ ଏଯାଏଁ ସ୍ପଷ୍ଟୀକରଣ ଦେବାରେ ମୁଖ୍ୟ ନିର୍ବାଚନ କମିଶନ ଅସମର୍ଥ ହୋଇଛନ୍ତି। କେବଳ ଓଡ଼ିଶାରେ ମତଦାନ ସମୟ ଅତିକ୍ରମ ପରେ ପଡ଼ିଥିବା ୪୨ ଲକ୍ଷ ଭୋଟ ଓ ୩୦ରୁ ଊର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ଭୋଟ ଗଡ଼ବଡ଼ି ସଂକ୍ରାନ୍ତରେ ବିଜେଡିର ଆପତ୍ତିର ଉତ୍ତର ତଥ୍ୟ ନିର୍ବାଚନ କମିଶନ ପ୍ରଦାନ କରିନାହାନ୍ତି। କେବଳ ଓଡ଼ିଶା ନୁହେଁ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ, ବିହାର, ଦିଲ୍ଲୀ ଆଦି ରାଜ୍ୟରେ ମଧ୍ୟ ଏସ୍‌ଆଇଆର୍ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ଅସ୍ୱଚ୍ଛ ଓ ପକ୍ଷପାତ ଭୂମିକା ସଂକ୍ରାନ୍ତ ଅଭିଯୋଗକୁ ଏହି ପରିପ୍ରେକ୍ଷୀରେ ଅମୂଳକ ବୋଲି କୁହାଯାଇପାରୁନାହିଁ।

ଭୁବନେଶ୍ୱର, ମୋ: ୯୪୩୭୨୩୬୮୯୮

## ୟୁପିଆଇ ଶୁଳ୍କନୀତିର ପ୍ରଭାବ

**ମୋଜାଫର ଖାଁ**

ଆଜି ପର୍ଯ୍ୟନ୍ତ ସାଧାରଣ ଧାରଣା ରହିଥିଲା ଯେ 'ୟୁନିଫାଇଡ୍ ପେମେଣ୍ଟସ ଇଣ୍ଟରଫେସ'(ୟୁପିଆଇ) ମାଧ୍ୟମରେ କାରବାର କରିବା ସମ୍ପୂର୍ଣ୍ଣ ମାଗଣା ଏବଂ ଏହି ବ୍ୟବସ୍ଥା ଏମିତି ଚାଲୁ ରହିବ। ମାତ୍ର ଭାରତ ସରକାରଙ୍କ ନୂତନ ନିୟମାବଳୀ ପରେ ଏହି ସ୍ଥିତି ବଦଳିବାକୁ ଯାଉଛି।୧୫ ଅକ୍ଟୋବର ୨୦୨୬ ରୁ ସମସ୍ତ ବ୍ୟାବସାୟିକ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ ନାହିଁ। ଯଦିଓ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଆଦାନପ୍ରଦାନ ଉପରେ କୌଣସି ଶୁଳ୍କ ଲାଗିବ ନାହିଁ ଏବଂ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟାବସାୟିକ କାରବାର ମଧ୍ୟ ଶୁଳ୍କମୁକ୍ତ ରହିବ; କିନ୍ତୁ ଦୁଇ ହଜାର ଟଙ୍କାରୁ ଅଧିକ ବ୍ୟାବସାୟିକ କାରବାର ଉପରେ ଶୁଳ୍କ ଲାଗୁ ହେବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଶୁଳ୍କ ଗ୍ରାହକଙ୍କଠାରୁ ଅଲଗା ଭାବେ ନିଆଯିବ ନାହିଁ କିମ୍ବା ଏହାକୁ କଟାଯିବ ନାହିଁ। ତଥାପି ଏହି ନିଷ୍ପତ୍ତି ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି ଯେ, ଯେଉଁ ୟୁପିଆଇକୁ ଦେଶର ସବୁଠାରୁ ବଡ଼ ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ଭାବେ ଗଢ଼ାଯାଇଥିଲା, ତାହାର ପରିଚାଳନା ଖର୍ଚ୍ଚର ବୋଝ ଏବେ କାହା ଉପରେ ଓ କିପରି ପଡ଼ିବ? ସିଙ୍ଗାପୁର, ଫ୍ରାନ୍ସ, ୟୁଏଇ ଓ ଶ୍ରୀଲଙ୍କା ଭଳି ବିଶ୍ୱର ଅନେକ ଦେଶ ଆଜି ଭାରତର ୟୁପିଆଇକୁ ଆପଣେଇବାରେ ବ୍ୟସ୍ତ। କିନ୍ତୁ ପ୍ରଶ୍ନ ଉଠୁଛି, ଭାରତ ନିଜର ଏହି ସଫଳ ଡିଜିଟାଲ୍ ଆବିଷ୍କାରକୁ ଏକ ସୁଦୃଢ଼ କୂଟନୈତିକ ଏବଂ ଅର୍ଥନୈତିକ ନୀତିରେ ପରିଣତ କରିବାରେ ପୂର୍ଣ୍ଣ ସଫଳ ହୋଇପାରିଛି କି?

ୟୁପିଆଇ ହେଉଛି ସେହି ପରିବର୍ତ୍ତନର କାହାଣୀ, ଯାହା ଭାରତରେ କାରବାରର ଶୈଳୀକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ୧୧ ଏପ୍ରିଲ ୨୦୧୬ ରେ ୨୧ ଟି ବ୍ୟାଙ୍କ ସହ ୟୁପିଆଇର ଶୁଭାରମ୍ଭ ହୋଇଥିଲା। ଅଗଷ୍ଟ ୨୦୧୬ ରେ ପ୍ରାୟ ୯୦ ହଜାର ଟଙ୍କାର କାରବାର ହୋଇଥିଲା। ଆରମ୍ଭ ଅତି ସାଧାରଣ ଥିଲେ ମଧ୍ୟ ଘଟଣାବଳୀ ଅସାଧାରଣ ଗତି ଧରିଲା। ୮ ନଭେମ୍ବର ୨୦୧୬ ରେ ନୋଟବନ୍ଦୀରେ ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା ନୋଟ୍ ଅଚଳ ଘୋଷଣା କରାଗଲା। ଏହାପରେ କାଗଜ ନୋଟର ଉପଲବ୍ଧତା ହଠାତ୍ ସୀମିତ ହୋଇଗଲା ଏବଂ ଡିଜିଟାଲ କାରବାର ପାଇଁ ଏକ ବିଶାଳ ନୂଆ ବଜାର ପ୍ରସ୍ତୁତ ହେଲା। ପେଟିଏମ୍ ଭଳି ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ପ୍ରଚୁର ଅଭିବୃଦ୍ଧି ହାସଲ କଲେ। ସେତେବେଳେ ସେମାନେ ନିଜ କାରବାର ଓ ବ୍ୟବହାରକାରୀଙ୍କ ସଂଖ୍ୟାରେ ବହୁଗୁଣିତ ବୃଦ୍ଧି ଦାବି କରିଥିଲେ। ଡିଜିଟାଲ କାରବାର କେବଳ ସୁବିଧାର ବିକଳ୍ପ ନ ହୋଇ ଦୈନନ୍ଦିନ ଆର୍ଥିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ପରିଣତ ହେବାରେ ଲାଗିଲା। ଏହାପରେ ୟୁପିଆଇ କ୍ରମାଗତ ଭାବେ ନୂଆ ସଫଳତା ହାସଲ କରିବାକୁ ଲାଗିଲା। 'ଭାରତପେ' ସେ ସମୟରେ 'ୟୁପିଆଇ'କୁ ଆହୁରି ସହଜ ମାଧ୍ୟମରେ ବ୍ୟବହାରଯୋଗ୍ୟ କରିଥିଲା। ଅକ୍ଟୋବର ୨୦୧୯ ରେ ଗୋଟିଏ ମାସରେ ୧୦୦ କୋଟିରୁ ଅଧିକ କାରବାରର ଅଭିଲେଖ ସୃଷ୍ଟି ହେଲା। ଫେବୃଆରୀ ୨୦୨୦ ରେ ଏହା ପ୍ରାୟ ୧.୩୨ ବିଲିଅନରେ ପହଞ୍ଚିଲା। ତା'ପରେ କରୋନା ମହାମାରୀ ଓ ଦେଶବ୍ୟାପୀ ଲକଡାଉନ୍ ଲୋକଙ୍କ କାରବାର ଶୈଳୀକୁ ଆହୁରି ବଦଳାଇ ଦେଲା। ଏପ୍ରିଲ ୨୦୨୦ରେ ବି 'ୟୁପିଆଇ'ରେ ପାଖାପାଖି ୧ ବିଲିଅନ୍ କାରବାର ହୋଇଥିଲା। ଏହାପରେ ଅକ୍ଟୋବର ୨୦୨୦ ରେ ଏହି ସଂଖ୍ୟା ୨ ବିଲିଅନକୁ ଡେଇଁଗଲା। ୨୦୨୫ ରୁ ୨୦୨୬ ମଧ୍ୟରେ ଦେଶର ମୋଟ ଡିଜିଟାଲ କାରବାରରେ ୟୁପିଆଇର ଅଂଶଗ୍ରହଣ ୮୪ ପ୍ରତିଶତରେ ପହଞ୍ଚି ଯାଇଛି। ଜୁଲାଇ ୨୦୨୬ ରେ ହିଁ ୟୁପିଆଇ ମାଧ୍ୟମରେ ପ୍ରାୟ ୨୩.୬୬ ବିଲିଅନ କାରବାର ହୋଇଥିଲା ଯାହାର ମୋଟ ମୂଲ୍ୟ ୨୯.୮୮ ଲକ୍ଷ କୋଟି ଟଙ୍କା।

ୟୁପିଆଇ ବ୍ୟବହାରକାରୀଙ୍କ ପାଇଁ ଏବେ ବି ପ୍ରାୟ ମାଗଣା ଅଛି; କିନ୍ତୁ ଏହାକୁ ପରିଚାଳନା କରିବା ମାଗଣା ନୁହେଁ। ଏହା ପଛରେ ସର୍ଭର, ବୈଷୟିକ ଭିତ୍ତିଭୂମି, ସାଇବର ସୁରକ୍ଷା, ଠକେଇ ରୋକିବା ବ୍ୟବସ୍ଥା, ବ୍ୟାଙ୍କିଙ୍ଗ୍ ନେଟୱର୍କ, ଗ୍ରାହକ ସେବା ଏବଂ କ୍ରମାଗତ ବୃଦ୍ଧି ପାଉଥିବା କାରବାର ସମ୍ଭାଳିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ। ପାର୍ଲାମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ସମ୍ମୁଖରେ ରଖାଯାଇଥିବା ଆକଳନ ଅନୁସାରେ ୟୁପିଆଇ ପରିଚାଳନାର ଆନୁମାନିକ ବାର୍ଷିକ ଖର୍ଚ୍ଚ ପ୍ରାୟ ୨୦, ୭୦୦ କୋଟି ଟଙ୍କା, ଯେଉଁଠି ୨୦୨୬-୨୭ ପାଇଁ ସରକାର ପ୍ରାୟ ଦୁଇ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ୟୁପିଆଇର ଭିତ୍ତିଭୂମି ଭାରତ ତିଆରି କରିଛି, କିନ୍ତୁ ଏହାର ସବୁଠାରୁ ବଡ଼ ବଜାର ଘରୋଇ କମ୍ପାନୀଙ୍କ ହାତରେ ରହିଛି। ଆଜି ବିଦେଶୀ କମ୍ପାନୀଗୁଡ଼ିକ ଭାରତର ଡିଜିଟାଲ୍ କାରବାର ଦ୍ୱାରା ଲାଭାନ୍ୱିତ ହେଉଛନ୍ତି। ଏହାକୁ ନେଇ ପ୍ରଶ୍ନ ଉଠୁଛି। ସରକାର 'ଭୀମ୍' ଆପ୍ ତିଆରି କଲେ, ସାର୍ବଜନୀନ ବ୍ୟାଙ୍କଗୁଡ଼ିକ ପାଖରେ କୋଟି କୋଟି ଗ୍ରାହକ ଥିଲେ ଏବଂ ଏସବିଆଇ 'ୟୋନୋ'ଭଳି ମଞ୍ଚ ଛିଡ଼ା କଲା। ତଥାପି ସେଗୁଡ଼ିକ ପଛରେ ରହିଗଲେ। ବ୍ୟାଙ୍କ ଡିଜିଟାଲ କାରବାର ଦୌଡ଼ରେ ପଛରେ ପଡ଼ିଗଲା। ବିଦେଶୀ କମ୍ପାନୀଗୁଡ଼ିକ କ୍ୟାଶବାକ୍ ଦେଇ ଲୋକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିଲେ।

ସରକାରଙ୍କ ଅନୁସାରେ ପ୍ରାୟ ୯୬ ପ୍ରତିଶତ ବ୍ୟାବସାୟିକ ଆଦାନପ୍ରଦାନ ନୂଆ ନୀତି ଦ୍ୱାରା ପ୍ରଭାବିତ ହେବ ନାହିଁ। କିନ୍ତୁ ଦୁଇ ହଜାର ଟଙ୍କାରୁ ଅଧିକ କେତେକ ନିର୍ଦ୍ଧାରିତ ବ୍ୟାବସାୟିକ କାରବାର ଉପରେ ୦.୪ ପ୍ରତିଶତ ଶୁଳ୍କ ଲାଗିବ। ବ୍ୟବସାୟୀ ଏହି ଶୁଳ୍କ ସିଧାସଳଖ ଗ୍ରାହକଙ୍କଠାରୁ ଆଦାୟ କରିପାରିବେ ନାହିଁ। କିନ୍ତୁ ଆର୍ଥିକ ବ୍ୟବହାର ଏତେ ସହଜ ନୁହେଁ। ବ୍ୟବସାୟୀ ଏହି ଖର୍ଚ୍ଚକୁ ଅନ୍ୟ କୌଣସି ପରିଚାଳନା ଖର୍ଚ୍ଚ ସହ ସାମିଲ କରିପାରନ୍ତି କିମ୍ବା ଭବିଷ୍ୟତରେ ମୂଲ୍ୟ ବୃଦ୍ଧି କରିବାକୁ ବିଚାର କରିପାରନ୍ତି। ଯଦିଓ ଏବେଠାରୁ କହିବା ଭୁଲ୍ ହେବ ଯେ ଏହାଦ୍ୱାରା ମୁଦ୍ରାସ୍ଫୀତି ବଢ଼ିବ, କିନ୍ତୁ ଏହି ପ୍ରଶ୍ନ ନିଶ୍ଚିତ ଯେ କ୍ରମାଗତ ବୃଦ୍ଧି ପାଉଥିବା ଡିଜିଟାଲ କାରବାର ଖର୍ଚ୍ଚର ଅନ୍ତିମ ଆର୍ଥିକ ବୋଝ କାହା ଉପରେ ପଡ଼ିବ। ଏହାଠାରୁ ବଡ଼ ପ୍ରଶ୍ନ ହେଉଛି, ଶୁଳ୍କ ଲାଗିବା ପରେ ବ୍ୟବସାୟୀମାନେ ଡିଜିଟାଲ କାରବାରକୁ ପୂର୍ବଭଳି ସହଜରେ ଆପଣେଇବେ ତ? ଯଦି କୌଣସି ପେମେଣ୍ଟ ମାଧ୍ୟମକୁ ବ୍ୟବସାୟୀ ଏକ ନିୟମିତ ଖର୍ଚ୍ଚ ଭାବେ ଦେଖିବେ ତେବେ ସେ ଅନ୍ୟ ମାଧ୍ୟମକୁ ପ୍ରାଥମିକତା ଦେବାକୁ ଚେଷ୍ଟା କରିବେ ନାହିଁ ତ? ଡର ଏହା ନୁହେଁ ଯେ ଗ୍ରାହକଙ୍କଠାରୁ ସିଧାସଳଖ ଶୁଳ୍କ ନିଆଯିବ, ଡର ଏହା ଯେ ବ୍ୟବସାୟୀଙ୍କ ବ୍ୟବହାରରେ ପରିବର୍ତ୍ତନ ଗ୍ରାହକଙ୍କ ବ୍ୟବହାରକୁ ବଦଳାଇ ନଦେଉ।

ତରିକୁନ୍ଦ (ଜଗତସିଂହପୁର), ମୋ: ୬୩୭୦୦୦୧୫୭୦

## ମାଛମୁଣ୍ଡରେ ବିଷ୍ଣୁତିଳକ

**ଓଜସ୍ୱିନୀ**

ପୂର୍ବପ୍ରକାଶିତ ଉତ୍ତାରୁ...

ମତ୍ସ୍ୟପୂଜନ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ଆଉ ଗୋଟିଏ ପବିତ୍ର ପୀଠ ହେଉଛି ମତ୍ସ୍ୟଗିରି ଲକ୍ଷ୍ମୀନୃସିଂହ ସ୍ୱାମୀ ମନ୍ଦିର। ତେଲେଙ୍ଗାନାର ଭଲିଗୋଣ୍ଡା ମଣ୍ଡଳର ଭେଙ୍କଟପୁରମ୍‌ରେ ଅବସ୍ଥିତ ଏକ ପାହାଡ଼କୁ ଭକ୍ତମାନେ ଶ୍ରୀବିଷ୍ଣୁଙ୍କ ମତ୍ସ୍ୟ ଅବତାର ଭାବେ ମାନ୍ୟତା ଦେଇଥିବାରୁ ଏହି ମନ୍ଦିରର ନାମ 'ମତ୍ସ୍ୟଗିରି' ଭାବେ ନାମିତ ହୋଇଛି। ପୂର୍ବରୁ ଏହି ସ୍ଥାନ 'ଭେମ୍ବୁଲ୍ଲ' ନାମରେ ପରିଚିତ ଥିଲା। କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନର ଶାନ୍ତସ୍ନିଗ୍ଧ ପରିବେଶରେ ଆକୃଷ୍ଟ ହୋଇ ଋଷିମୁନିମାନେ ତପସ୍ୟା ପାଇଁ ଆସିଥିଲେ। କିନ୍ତୁ କିଛିଦିନ ପରେ ଦୁଷ୍ଟଆତ୍ମାମାନେ ତପସ୍ୟାରେ ବିଘ୍ନ ସୃଷ୍ଟି କଲେ। ଏଥିରୁ ମୁକ୍ତି ପାଇଁ ମୁନିଋଷିମାନେ ନୃସିଂହ ସ୍ୱାମୀଙ୍କୁ ପ୍ରାର୍ଥନା କଲେ। ଶ୍ରୀବିଷ୍ଣୁ ନୃସିଂହ ସ୍ୱରୂପରେ ଦର୍ଶନ ଦେଇ ଦୁଷ୍ଟଆତ୍ମାଙ୍କ ବିନାଶ କଲେ ଏବଂ ତାଙ୍କ ପାଦରୁ କ୍ଷରଣ ହେଉଥିବା ପବିତ୍ର ଜଳରେ ପାହାଡ଼ର କୁଣ୍ଡ ଜଳମଗ୍ନ ହୋଇଥିଲା। ଏହାପରେ ସ୍ୱୟଂଭୂ ଶାଳଗ୍ରାମଙ୍କର ଦର୍ଶନ ମିଳିଥିଲା। କ୍ଷେତ୍ରରକ୍ଷକ ଭାବେ ଏଠାରେ ଶ୍ରୀବିଷ୍ଣୁଙ୍କୁ 'ଅଞ୍ଜନେୟ ସ୍ୱାମୀ' ଭାବେ ପୂଜା କରାଯାଉଛି। କୁଣ୍ଡର ନାମ ହେଉଛି 'ନାମୁଲ୍ଲ ଗୁଣ୍ଡମ'। ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ ଉପରେ ଥିବା ଏହି କୁଣ୍ଡର ଜଳ

### ବିଚିତ୍ର ବିଶ୍ୱାସ

କେବେ ମଧ୍ୟ ଶୁଖେନାହିଁ, ଯାହାକି ବେଶ୍ ରହସ୍ୟମୟ। ଅଭିଷେକ, ପୂଜା ଏବଂ ତୀର୍ଥ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଥମେ ଏହି କୁଣ୍ଡରେ ଥିବା ମାଛମାନଙ୍କୁ ଦର୍ଶନ କରିଥା'ନ୍ତି, ଯାହାକୁ 'ଭେମ୍ବୁଲାକୋଣ୍ଡା' କୁହାଯାଏ। ବିଶ୍ୱାସ ରହିଛି ଯେ, ଏହି ମାଛମାନେ ସ୍ୱୟଂ ନାରାୟଣଙ୍କ ସ୍ୱରୂପ ଭାବେ ଏଠାରେ ରହିଛନ୍ତି। ଅଲୌକିକ ଭାବେ ପ୍ରତ୍ୟେକ ମାଛର ମୁଣ୍ଡରେ ବିଷ୍ଣୁତିଳକ ବା ଊର୍ଦ୍ଧ୍ୱପୁଣ୍ଡ୍ରର ଚିହ୍ନ ରହିଛି। ତେଣୁ ଏହି ମାଛମାନଙ୍କୁ 'ବିଷ୍ଣୁ ମାଛ' ବୋଲି କୁହାଯାଏ। କୁଣ୍ଡ ନିକଟରେ ହିଁ ମନ୍ଦିରଟି ଅଛି। ତେଣୁ ଶ୍ରୀବିଷ୍ଣୁ ଏଠାରେ ଉଭୟ ନୃସିଂହ ଓ ମତ୍ସ୍ୟ ଅବତାରରେ ପୂଜା ପାଇ ଆସୁଛନ୍ତି।

ମନ୍ଦିର ପରିସରରେ ଥିବା ଗୋଟିଏ ଆମ୍ବଗଛକୁ 'ଅକ୍ଷୟବୃକ୍ଷ' ବୋଲି କୁହାଯାଉଛି। ବିଶ୍ୱାସ ରହିଛି ଯେ, ପୁଷ୍କରିଣୀରେ ସ୍ନାନ କରି ମନ୍ଦିରରେ ବିଧିବିଧାନର ସହ ପୂଜାର୍ଚ୍ଚନା କରିବା ଏବଂ ବିଷ୍ଣୁମାଛକୁ ଦର୍ଶନ କରିବା ପରେ ଅକ୍ଷୟବୃକ୍ଷରେ ସମ୍ପୂର୍ଣ୍ଣ କତା ଛଡ଼ା ଯାଇଥିବା ନଡ଼ିଆକୁ ଭାଙ୍ଗିବା ଦ୍ୱାରା ନିଃସନ୍ତାନ ଦମ୍ପତି ଉତ୍ତମ ସନ୍ତାନ ପ୍ରାପ୍ତ କରିଥା'ନ୍ତି। ଏହାବ୍ୟତୀତ ଶ୍ରାବଣ, ଭାଦ୍ରବ ଓ କାର୍ତ୍ତିକ ମାସରେ ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଥିବାରୁ ଏଠାରେ ଅଧିକ ଜନଗହଳି ଦେଖାଯାଏ। ସାଧାରଣ ଦିନ ଅପେକ୍ଷା ଶନିବାର, ରବିବାର, ପଞ୍ଚମୀ, ସପ୍ତମୀ ଓ ଦଶମୀ ତିଥିରେ ମନ୍ଦିରକୁ ଅଧିକ ଭକ୍ତ ଆସିଥା'ନ୍ତି। ଏହି ଦିନମାନଙ୍କରେ ଲକ୍ଷ୍ମୀ-ନୃସିଂହ ସ୍ୱାମୀଙ୍କ ପୂଜାର୍ଚ୍ଚନା କଲେ ରୋଗବ୍ୟାଧି ଦୂର ହୁଏ, ଦୁଷ୍ଟଆତ୍ମା ଓ ଶତ୍ରୁ ସଂହାର ହୁଏ ଏବଂ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ। କୁଣ୍ଡର ଜଳ ଦୈବୀଶକ୍ତିରେ ପରିପୂର୍ଣ୍ଣ ହୋଇଥିବାରୁ ଏହାକୁ ସେବନ କରିବା ଦ୍ୱାରା ରୋଗବ୍ୟାଧି ଦୂର ହେବା ସହିତ ଜମିରେ କିଛିବୁନ୍ଦା ପକାଇବା ଦ୍ୱାରା ଭଲ ଫସଲ ଅମଳ ହୋଇଥାଏ ବୋଲି ଦୃଢ଼ ବିଶ୍ୱାସ ରହିଛି।

ଦକ୍ଷିଣ ବେଙ୍ଗାଲୁରୁର ରାଜରାଜେଶ୍ୱର ନଗର ନିକଟସ୍ଥ 'ଓଁକାର ହିଲ୍‌ସ'ରେ ଓଁକାର ଆଶ୍ରମ ପରିସରରେ ଅବସ୍ଥିତ 'ମତ୍ସ୍ୟ ନାରାୟଣ ସ୍ୱାମୀ' ମନ୍ଦିର ମଧ୍ୟ ମତ୍ସ୍ୟ ପୂଜନର ଅନନ୍ୟ ପବିତ୍ର ପୀଠ। କର୍ଣ୍ଣାଟକର ଏହି ଏକମାତ୍ର ବିଷ୍ଣୁମନ୍ଦିର ଭଗବାନ ଶ୍ରୀବିଷ୍ଣୁଙ୍କର ପ୍ରଥମ ଅବତାର(ମୀନ) ସ୍ୱରୂପକୁ ସମର୍ପିତ। ଏହି ମନ୍ଦିରରେ ପୂଜା ପାଉଥିବା ବିଷ୍ଣୁ ପ୍ରତିମାଙ୍କ ଊର୍ଦ୍ଧ୍ୱ ଶରୀର ଚତୁର୍ଭୁଜ ଏବଂ ନିମ୍ନ ଶରୀର ମୀନ ରୂପରେ ବିଦ୍ୟମାନ। ପ୍ରତିବର୍ଷ ଚୈତ୍ର ଶୁକ୍ଳ ପକ୍ଷ ତୃତୀୟା(ମାର୍ଚ୍ଚ-ଏପ୍ରିଲ୍)ରେ ପାଳନ କରାଯାଉଥିବା 'ମତ୍ସ୍ୟ ଜୟନ୍ତୀ' ମନ୍ଦିରର ମୁଖ୍ୟ ଉତ୍ସବ।

ମତ୍ସ୍ୟ ଅବତାରଙ୍କୁ ସମର୍ପିତ ଅନ୍ୟଏକ ମନ୍ଦିର ହେଉଛି ଚେନ୍ନାଇର ଉଠାଣ୍ଡି ସମୁଦ୍ର ତଟରେ ମଣିମୟ ସ୍ତମ୍ଭ ପରିବେଷ୍ଟିତ ସ୍ଥାନରେ ଅବସ୍ଥିତ 'ମୀନ ଅବତାର' ମନ୍ଦିର। ଦଶ ଏକର ପରିବ୍ୟାପ୍ତ ଏହି ମନ୍ଦିରଟି ଚିନ୍ମୟ ମିଶନ ଦ୍ୱାରା ୨୦୧୫ ମସିହାରେ ପ୍ରତିଷ୍ଠା କରାଯାଇଛି। ଆଚାର୍ଯ୍ୟ ଚିନ୍ମୟାନନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଗୁରୁ ତେଜୋମୟାନନ୍ଦ ଜୀ ଏହାର ଉଦଘାଟନ କରିଥିଲେ। ଏହି ସ୍ଥାନଟିରେ ଭଗବାନ ମୀନ ଅବତାରଙ୍କ ବିଗ୍ରହ ସ୍ଥାପନ କରି ପୂଜା କରାଯାଉଛି। ପ୍ରଳୟ ଜଳରୁ ବୈବସ୍ୱତ ମନ୍ୱନ୍ତରରେ ରାଜା ସତ୍ୟବ୍ରତ ଉଦ୍ଧାର କରିଥିବା ନୂତନ ସୃଷ୍ଟିର ବୀଜ ଉପାଦାନଗୁଡ଼ିକୁ ଏକ ନୌକାରେ ଧରି ଅସହାୟ ଭାବରେ ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀବିଷ୍ଣୁ ତାଙ୍କର ପ୍ରାର୍ଥନା ଶୁଣିବା ପରେ ମୀନ ଅବତାରରେ ପ୍ରକଟ ହୋଇ ତାଙ୍କୁ ପ୍ରଳୟ ଜଳରୁ ଉଦ୍ଧାର କରିଥିବାର କାହାଣୀ ଏହି ମନ୍ଦିର ସହିତ ଜଡ଼ିତ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଢେଙ୍କାନାଳରେ ଏଏନ୍‌ଟିଏଫ୍‌ର ଚଢ଼ଉ

## କାଜୁ ଜଙ୍ଗଲରେ ଗଞ୍ଜେଇ ଗୋଦାମ ଠାବ

### ଦୁଇଶହ କିଲୋ ଗଞ୍ଜେଇ ଜବତ

ଭୁବନେଶ୍ୱର, ୨୪।୯(ସମିସ): ଢେଙ୍କାନାଳରେ ଗଞ୍ଜେଇ ଗୋଦାମ ଠାବ କରିଛି ଆଣ୍ଟି-ନାର୍କୋଟିକ୍ସ ଟାସ୍କଫୋର୍ସ (ଏଏନ୍‌ଟିଏଫ୍)। କାଜୁ ଜଙ୍ଗଲରେ ଚଢ଼ଉ କରି ଦୁଇ ଶହ କିଲୋ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଡକାରିମୁଣ୍ଡାର ମଧୁସୂଦନ କହଁର (୨୮)। ସୂଚନା ଅନୁସାରେ, ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଗଞ୍ଜେଇ ଗଚ୍ଛିତ ଥିବା ନେଇ ଆଣ୍ଟି-ନାର୍କୋଟିକ୍ସ ଟାସ୍କଫୋର୍ସ (ଏଏନ୍‌ଟିଏଫ୍) ଖବର ପାଇଥିଲା।



ଏଏନ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ଢେଙ୍କାନାଳ ଜିଲ୍ଲା କାମଧେନୁ କୋଟାର ଗ୍ରାମାଞ୍ଚଳ ଶିଳ୍ପାଞ୍ଚଳ ପାର୍କ ନିକଟରେ ଚଢ଼ଉ କରିଥିଲା। ରାହି ଇନ୍‌ଫ୍ରାଟେକ୍ ସାମ୍ନାରୁ ୫ ବସ୍ତା ଗଞ୍ଜେଇ ଜବତ କରିବା ସହ ମଧୁସୂଦନକୁ ଅଟକ ରଖିଥିଲା। ପ୍ରତ୍ୟେକ ବସ୍ତାରେ ୪୦ କିଲୋ ଲେଖାଏଁ ଗଞ୍ଜେଇ ଥିବା ଓଜନ ପରେ ଜଣାପଡ଼ିଥିଲା। ମଧୁସୂଦନ ଗଞ୍ଜେଇ ଚାଲାଣକାରୀ ଭାବେ କାମ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଢେଙ୍କାନାଳ ଆଣି ଗଚ୍ଛିତ ରଖୁଥିଲା। ପରେ ଏଠାରୁ ଅନ୍ୟ ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିବା ବେଳେ ଏଏନ୍‌ଟିଏଫ୍ ମାଡ଼ି ବସିଥିଲା। ଏନେଇ ଏସଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ମଧୁସୂଦନକୁ ଗିରଫ କରିଛି। ଗଞ୍ଜେଇର ଉତ୍ସ, ପରିବହନ ରାସ୍ତା, ଚାଲାଣ ହେବାକୁ ଥିବା ସ୍ଥାନ ଓ କାରବାର ସହ ସମ୍ପୃକ୍ତ ଅନ୍ୟମାନଙ୍କ ବିଷୟରେ ତଦନ୍ତ ଚଳାଇଛି।

## ଅବଶିଷ୍ଟାଂଶ...

### ଜ୍ଞାନେଶଙ୍କୁ ୪୮ ଘଣ୍ଟାର...

ତୃତୀୟରେ ନିର୍ବାଚନ କମିଶନରଙ୍କ ନିଯୁକ୍ତି ସମ୍ପର୍କିତ ଆଇନକୁ ରଦ୍ଦ କରି ନୂଆ ଭରସାଯୋଗ୍ୟ ଆଇନ ପ୍ରଣୟନ କରାଯାଉ। ସେମାନେ ଅଭିଯୋଗ କରିଥିଲେ ଯେ ଜ୍ଞାନେଶ କୁମାର ଦାୟିତ୍ୱ ନେବାଠାରୁ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଜାଲିଆତି ହେଉଛି। ବିଜେପିର ଭୋଟ ହାର ବଢ଼ୁଛି। ନିର୍ବାଚନରେ ବିଜେପିର ପ୍ରକୃତ ଚେହେରା ଜ୍ଞାନେଶ କୁମାର ବୋଲି ସେମାନେ କହିଛନ୍ତି।

### ଦେଶଦ୍ରୋହୀଙ୍କୁ ସଜା...

କରି ରାହୁଲ ଜ୍ଞାନେଶଙ୍କ ଇସ୍ତଫା ଦାବି କରିବା ସହ ଦେଶଦ୍ରୋହୀମାନଙ୍କୁ ଉପଯୁକ୍ତ ସଜା ମିଳିବ ବୋଲି କହିଛନ୍ତି। ଗଣତନ୍ତ୍ରକୁ ଏଭଳି ଭାବେ ଧ୍ୱଂସ ପାଉଥିବା ବେଳେ କଂଗ୍ରେସ ନିରବ ହୋଇ ରହିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଜ୍ଞାନେଶ କୁମାର ଇସ୍ତଫା ଦେଇ ମକଦ୍ଦମାର ସମ୍ମୁଖୀନ ହୁଅନ୍ତୁ ଏବଂ ଏଥିରେ ସେ ସରକାରୀ ସାକ୍ଷୀ ମଧ୍ୟ ହୁଅନ୍ତୁ।

ଜ୍ଞାନେଶଙ୍କୁ ଇସ୍ତଫା ଦେବାଲାଗି କକ୍ରୋଚ ପାର୍ଟି ୪୮ ଘଣ୍ଟାର ସମୟ ଦେବାର କିଛି ଘଣ୍ଟା ପରେ ଦିଲ୍ଲୀରେ ଆଜି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରିଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଦେଶର ନିର୍ବାଚନୀ ଗଣତନ୍ତ୍ରକୁ ନଷ୍ଟ କରିବା ପାଇଁ ଏକ ଚକ୍ରାନ୍ତ ଚାଲିଛି। ସେ ଦର୍ଶାଇଛନ୍ତି ଯେ ଏସ୍‌ଆଇଆର୍ ପ୍ରକ୍ରିୟା, ଫର୍ମ-୬ରେ ପରିବର୍ତ୍ତନ ଏବଂ ଭୋଟର ତାଲିକାରୁ ନାମ କାଟିବାକୁ ନେଇ ଦୁଇଜଣ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ୧୦ ମାସ ମଧ୍ୟରେ ଅନ୍ତତଃ ୧୪ ଥର ଲିଖିତ ଆପତ୍ତି ଉଠାଇଥିଲେ। ଭୋଟ୍ ସୁରକ୍ଷା ନିଶ୍ଚିତ କରିବାରେ ନିର୍ବାଚନ ଆୟୋଗ ବିଫଳ ହୋଇଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଜ୍ଞାନେଶ କୁମାର ମିଶି ନିର୍ବାଚନ ହଡ଼ପ କରିବାକୁ ଷଡ଼ଯନ୍ତ୍ର ରଚିଛନ୍ତି। ଭୋଟ୍ ଅଧିକାର ଉପରେ ଏହି ଆକ୍ରମଣ ସମ୍ବିଧାନ, ଆଇନ ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରୁଛି। ୧୦୨୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ଦେଇଥିବା ମନ୍ତବ୍ୟ କଥା ଦୋହରାଇଛନ୍ତି ରାହୁଲ। ଏନଡିଏ ୪୦୦ରୁ ଅଧିକ ଆସନ ପାଇବ ଏବଂ ବିଜେପି ୩୦ ବର୍ଷ ଧରି କ୍ଷମତାରେ ରହିବ ବୋଲି ଏଡି ଦୁଇ ନେତା ଦେଇଥିବା ବୟାନ ଉପରେ ପ୍ରଶ୍ନ ଉଠାଇଛନ୍ତି ରାହୁଲ। ଗଣତନ୍ତ୍ରରେ କୌଣସି ନେତା ଏତେ ବିଶ୍ୱାସରେ କେମିତି କହିପାରୁଛି? ଏହା ଉପରେ ଯାଞ୍ଚ ଦରକାର। ୧୯ ୭୧ରେ ବାଂଲାଦେଶ ଯୁଦ୍ଧ ପରେ ଇନ୍ଦିରା ଗାନ୍ଧୀଙ୍କ ଲୋକପ୍ରିୟତା ଶୀର୍ଷ ଛୁଇଁଥିବା ବେଳେ ସେ ମଧ୍ୟ ଏଭଳି ଦାବି କରିନଥିଲେ। ସେ କହିଲେ ଲୋକସଭା ଏବଂ ବିଭିନ୍ନ ବିଧାନସଭା ନିର୍ବାଚନରେ ଶହେ ପ୍ରତିଶତ ଜାଲିଆତି (ରିଗିଂ) ହୋଇଛି। ଉଭୟ ମୋଦୀ ଏବଂ ଶାହ ଷଡ଼ଯନ୍ତ୍ରରେ ସାମିଲ ଥିବାରୁ ସେମାନଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯିବ ବୋଲି ରାହୁଲ କହିଛନ୍ତି।

### ମହାଭିଯୋଗ ପାଇଁ...

୧୦ ପୃଷ୍ଠା ବିଶିଷ୍ଟ ଅଭିଯୋଗପତ୍ର ସଂସଦରେ ଦିଆଯାଇଛି। ୨୦୨୯ ଜାନୁଆରୀରେ ଅବସର ନେବାକୁ ଯାଉଥିବା ଜ୍ଞାନେଶଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏତଦ୍‌ବ୍ୟତୀତ, ଆସନ୍ତାକାଲି (ସେପ୍ଟେମ୍ବର ୨୫) ରାଜ୍ୟ ନିର୍ବାଚନ କମିସନ କାର୍ଯ୍ୟାଳୟଗୁଡ଼ିକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ। ଦଳ ପକ୍ଷରୁ ଆଜି ଏହି ନିଷ୍ପତ୍ତି ନିଆଯାଇଛି। ଏସଂପର୍କରେ ଏଆଇସିସି ପକ୍ଷରୁ ଦଳର ସମସ୍ତ ରାଜ୍ୟ ଶାଖାକୁ ନିର୍ଦ୍ଦେଶ ଦିଆଯାଇଛି।

### ଅକ୍ଟୋବର ୨ରେ...

ଆନ୍ଦୋଳନ କେବଳ ଗୋଟିଏ ରାଜ୍ୟରେ ସୀମିତ ନାହିଁ ବରଂ ଦେଶର ୫୦୦ରୁ ଅଧିକ ପ୍ରମୁଖ ବ୍ୟବସାୟୀ ସଂଗଠନ ଏଥିରେ ସାମିଲ ହେଉଛନ୍ତି। ଏହି ଦିନରେ ବ୍ୟବସାୟୀମାନେ କୌଣସି ଅନଲାଇନ୍ ପେମେଣ୍ଟ ନ ନେବାକୁ ସ୍ଥିର କରିଛନ୍ତି।

ସରକାରଙ୍କ କହିବାନୁଯାୟୀ, ଏହି ଶୁଳ୍କ ଗ୍ରାହକଙ୍କ ପାଇଁ ନୁହେଁ, ବରଂ ବ୍ୟବସାୟୀଙ୍କ ପାଇଁ ଲାଗୁ ହେବ। ୟୁପିଆଇ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ପେମେଣ୍ଟ ମାଗଣା ରହିବ। ୟୁପିଆଇ ମାଧ୍ୟମରେ ପ୍ରତି ମାସରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ଛୋଟ ବିକ୍ରେତାମାନେ ୨୦୦୦ ଟଙ୍କାରୁ ଅଧିକ ବ୍ୟକ୍ତିଗତ କାରବାର ଉପରେ ଏମ୍‌ଡିଆର୍ ମୁକ୍ତ ରହିବେ। ଏହି ଛାଡ଼ ବିଶେଷ ଭାବରେ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳର ଛୋଟ ବ୍ୟବସାୟ ପାଇଁ ଡିଜାଇନ୍ କରାଯାଇଛି। ଅପରପକ୍ଷେ ବ୍ୟବସାୟୀଙ୍କ ଯୁକ୍ତି ହେଉଛି, ଏକ ଛୋଟ ଫି' ମଧ୍ୟ କମ୍ ଲାଭରେ ପରିଚାଳିତ ବ୍ୟବସାୟ ପାଇଁ ଖର୍ଚ୍ଚ ବୃଦ୍ଧି କରିପାରେ। ବାଣିଜ୍ୟ ସଂଗଠନଗୁଡ଼ିକର କହିଛନ୍ତି ଯେ ୟୁପିଆଇ ନଗଦ ଉପରେ ନିର୍ଭରଶୀଳତା ହ୍ରାସ କରି ବ୍ୟବସାୟିକ ପେମେଣ୍ଟକୁ ଅଧିକ ସ୍ୱଚ୍ଛ କରିଛି।

### ୨୮ ରେ ବିଧାନସଭା...

ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଥିଲେ ଯେ ଖଣି ଓ ଖଣି ଥିବା ଜମି ଉପରେ ଥିବା ରାଜ୍ୟମାନଙ୍କ ଅଧିକାରକୁ ଏମଏମଡିଆର ସଂଶୋଧନ ଆଇନ ମାଧ୍ୟମରେ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି, ଯାହା ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ। ଦେଶର ଗଚ୍ଛିତ ଥିବା ସମୁଦାୟ ଖଣିଜ ସମ୍ପଦ ମଧ୍ୟରୁ କେବଳ ଓଡ଼ିଶାରେ ଏହାର ୪୪ ପ୍ରତିଶତ ଖଣିଜ ସମ୍ପଦ ରହିଥିବାରୁ ଏହି ସଂଶୋଧିତ ଆଇନ ଯୋଗୁ ଓଡ଼ିଶା ସର୍ବାଧିକ କ୍ଷତି ସହିତ। ଦୁଃଖ ଓ ପରିତାପର ବିଷୟ ରାଜ୍ୟ ବିଜେପି ନେତା ମାନେ କ୍ଷତି ନୁହେଁ ବରଂ ଲାଭ ହେବ ବୋଲି ବିତଣ୍ଡା ଯୁକ୍ତି ବାଢୁଛନ୍ତି। ତେଣୁ ଏହାର ପ୍ରତ୍ୟାହାର ଦାବିରେ ବିଜେଡି ଆସନ୍ତା ୨୮ ତାରିଖରେ ଲୋୟର ପିଏମଜି ଠାରେ ଏକ ବିଶାଳ ଗଣବିକ୍ଷୋଭ ସଭା ଆୟୋଜିତ ହେବ, ଏଥିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଯୋଗଦେବେ। ପ୍ରତାପ ଜେନା କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ରାଜ୍ୟ ସ୍ୱାର୍ଥକୁ କୁଠାରଘାତ କରିଛି। ଖଣି ଓ ଖଣିଜ ଥିବା ଜମି ଉପରେ ରାଜ୍ୟ ସରକାର ଟିକସ ଓ ଲେଭି ଲଗାଇ ପାରିବେ ବୋଲି ୨୦୦୪ରେ ନବୀନ ପଟ୍ଟନାୟକ ଏକ ଆଇନ ଆଣିଥିଲେ। ଏହି ଆଇନକୁ କିଛି ଖଣି କମ୍ପାନୀ ଅଦାଲତରେ ଚ୍ୟାଲେଞ୍ଜ କରାଯିବା ଦ୍ୱାରା, ଦୀର୍ଘ ଦିନ ଧରି ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଥିଲା। ୨୫ ଜୁଲାଇ ୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ୯ ଜଣିଆ ଖଣ୍ଡପୀଠ ଖଣି ଓ ଖଣି ଉପରେ ରାଜ୍ୟ ସରକାର ମାନେ ଟିକସ ଓ ଲେଭି ଲଗାଇ ପାରିବେ ବୋଲି ଆଦେଶ ଦେଇଥିଲେ। ଏହାଦ୍ୱାରା ଓଡ଼ିଶା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣିରୁ ବାର୍ଷିକ ରାଜସ୍ୱ ବାବଦକୁ ୧୨, ୦୦୦ କୋଟି ଟଙ୍କାର ରାଜସ୍ୱ ପାଇବାର ସୁଯୋଗ ସୃଷ୍ଟି ହେଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଏମଏମଡିଆର ସଂଶୋଧନ ଆଇନ ଯୋଗୁ ଏହି ସୁଯୋଗ ହାତଛଡ଼ା ହୋଇଗଲା।

ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ସିଧାସଳଖ ଓଡ଼ିଶାକୁ ବିପୁଳ କ୍ଷତି ପହଞ୍ଚାଉ ଥିବା ବେଳେ ସଂସଦର ଲୋକସଭାରେ ଥିବା ବିଜେପିର ୨୦ ସାଂସଦ ଓ ରାଜ୍ୟସଭାରେ ଥିବା ୫ ସାଂସଦ ନିରବ ସମର୍ଥନ ଦେଇଥିଲେ। ଅପରପକ୍ଷରେ ଓଡ଼ିଶାର ବିଜେପି ସରକାର ମଧ୍ୟ କେନ୍ଦ୍ର ସରକାରଙ୍କର ଆଗରେ ହାତ ଟେକିଦେଲେ। ବିଜେଡି ଏହାକୁ ବିଧାନସଭା ଭିତରେ ଜୋରଦାର ବିରୋଧ କରିଛି। ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଓ ଅର୍ଥନୈତିକ ଅବରୋଧ କରାଯିବ। ସୁଦାମ ମାର୍ଣ୍ଡି କହିଥିଲେ ଯେ ଦେଶରେ ମହଜୁଦ ଥିବା ଅଧିକାଂଶ ଖଣି ଅଞ୍ଚଳ ଗୁଡିକରେ ମୁଖ୍ୟତଃ ଆଦିବାସୀ ମାନେ ବାସ କରିଥାନ୍ତି। ଜଳ, ଜଙ୍ଗଲ ଓ ଜମି ଆଦିବାସୀ ସଂସ୍କୃତି ସହିତ ଜଡିତ ହୋଇ ରହିଛି। ଯେଉଁଭଳି ଏକତରଫା ଭାବେ କେନ୍ଦ୍ର ସରକାର ଏହି ଆଇନ ସଂଶୋଧନ କଲେ, ତାହା ନିଶ୍ଚିତ ଭାବେ ଆଦିବାସୀଙ୍କ ଜୀବନ ଧାରା ଉପରେ ନକାରାତ୍ମକ ପ୍ରଭାବ ପକାଇବ। ତେଣୁ ଏହି ଆଇନ ପ୍ରତ୍ୟାହାର ପାଇଁ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ପ୍ରୀତି ରଞ୍ଜନ ଘଡାଇ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ରାଜ୍ୟ ସ୍ୱାର୍ଥର ବିରୋଧୀ ହୋଇ ଥିବାରୁ ବିଜେଡି ପ୍ରଥମ ଦିନରୁ ଏହାକୁ ବିରୋଧ କରି ଆସୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳର ନେତୃବୃନ୍ଦ ଓ ଅଗଣିତ କର୍ମୀ ଏହି କଳା ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ କରିବା ପାଇଁ ସଂକଳ୍ପବଦ୍ଧ। ତେଣୁ ୨୮ ସେପ୍ଟେମ୍ବର ଦିନ ହେବାକୁ ଯାଉଥିବା ଆନ୍ଦୋଳନରେ ରାଜ୍ୟବାସୀ ସମର୍ଥନ ଓ ସହଯୋଗ କରିବା ପାଇଁ ବିଜେଡି ପକ୍ଷରୁ ନିବେଦନ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ସରକାରଙ୍କୁ ଅଡୁଆରେ...

ମନ୍ତ୍ରୀ ଶ୍ରୀ ଜେନାଙ୍କ ଏହି ଦୁଇଟି ଉତ୍ତର ତାଙ୍କ ସରକାର ଓ ଦଳ ପାଇଁ ଅଧିକ ବିପଦ ଡ଼ାକି ଆଣିଛି। ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ପରେ ରାଜ୍ୟ ସରକାର ଲାଭକ୍ଷତିର ଆକଳନ କରି ନ ଥିବାବେଳେ ଏହାକୁ ନେଇ ରାଜ୍ୟ କ୍ଷତି ସହିବ ନାହିଁ ବୋଲି ଯୁକ୍ତି କରୁଥିବା ଓ ସ୍ତମ୍ଭ ଲେଖୁଥିବା ବିଜେପି ନେତା, ସାଂସଦଙ୍କୁ ପରୋକ୍ଷରେ ମନ୍ତ୍ରୀ ମିଛୁଆ କରିଦେଇଛନ୍ତି ଓ ନିଜ ସରକାରଙ୍କୁ ଅଡୁଆରେ ପକାଇ ଦେଇଛନ୍ତି।

ବିଧାନସଭାରେ ମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ବୁଦ୍ଧିଜୀବୀ, ରାଜନୈତିକ ବିଶେଷଜ୍ଞ ଓ ଖଣି ଅର୍ଥନୀତି ସହ ଜଡ଼ିତ ଅର୍ଥନୈତିଜ୍ଞ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ୨୦୨୪ରେ ସୁପ୍ରିମକୋର୍ଟ ବକେୟା ଖଣି ଟିକସ ଆଦାୟ ଅଧିକାର ରାଜ୍ୟକୁ ପ୍ରଦାନ କରିଥିଲେ। ଝାଡ଼ଖଣ୍ଡ ସରକାର ତତ୍‌କ୍ଷଣାତ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟର ଖଣି ଟିକସ ଲଗାଇ ଅଧିକ ରାଜସ୍ୱ ପାଇଲା, ମାତ୍ର ଓଡ଼ିଶା ଖଣି ମାଲିକଙ୍କ ସ୍ୱାର୍ଥ ପାଇଁ ତୁରନ୍ତ ଟିକସ ନ ଲଗାଇ କ୍ଷତି ସହିଲା। ଅନ୍ୟପକ୍ଷରେ ବକେୟା ଟିକସ ବାବଦରେ ଓଡ଼ିଶା ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ପାଇବ ବୋଲି ଆକଳନ ହୋଇଥିଲା। ରାଜ୍ୟ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ନିଜ ସରକାରଙ୍କ ପକ୍ଷ ରଖି ଏହି ଅର୍ଥର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଯଦି ଖଣି ଓ ଖଣି ଅଞ୍ଚଳ ଉପରେ ଟିକସ ବସାଇବାର ଅଧିକାର କାଢି ନିଆଯାଏ ତେବେ ଏହା ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ କୁପ୍ରଭାବ ପକାଇବ ବୋଲି ଯୁକ୍ତି ବାଢ଼ିଥିଲେ। ମାତ୍ର ରାଜ୍ୟ ସରକାର ଓ ଖଣି ବିଭାଗ ନିକଟରେ ଏ ବାବଦ ତଥ୍ୟ ନ ଥିବା ଅତି ସାଂଘାତିକ କଥା। ଆଡଭୋକେଟ ଜେନେରାଲ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏହି ମାମାଲା ଲଢ଼ିଥିଲେ। ଅତଏବ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଦଲିଲ୍ ଉପସ୍ଥାପନ କରିଥିଲେ, ତାହା ସରକାରଙ୍କ ସହ ପରାମର୍ଶ ପରେ କରିଥିବେ। ମାତ୍ର ଏ କଥା ଖଣି ବିଭାଗ, ବିଭାଗର ସଚିବ ବା ଖଣି ମନ୍ତ୍ରୀ ଜାଣି ପାରିଲେ ନାହିଁ କିପରି? ଖଣି ମନ୍ତ୍ରୀଙ୍କ ଉପରେ ଆଉ କେଉଁ ସୁପର ମନ୍ତ୍ରୀ ଅଛନ୍ତି ଯେ ତାଙ୍କ ସହ ଆଲୋଚନା ବା ପରାମର୍ଶ କରି ଆଡ଼ଭୋକେଟ ଜେନେରାଲି ସୁପ୍ରିମକୋଟ ଯାଇଥିଲେ? ପୁଣି କେଉଁ ଆଧାରରେ ଆଡ଼ଭୋକେଟ ଜେନେରାଲଙ୍କୁ ଯାତାୟତ, ଦିଲ୍ଲୀ ରହଣି ବାବଦ ଦେୟ ଖଣି ବିଭାଗ ଭରଣା କଲା ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଅଣରାଜସ୍ୱର ଏକ ସିଂହଭାଗ ଖଣିରୁ ଆସିଥାଏ। କେନ୍ଦ୍ର ସରକାର ଖଣି ଓ ଖଣିଜ ଅଞ୍ଚଳ ଉପରେ ଟିକସ ଅଧିକାର ରାଜ୍ୟଠାରୁ ଛଡ଼ାଇ ନେଲେ। ଏହାକୁ ନେଇ ସାରା ଦେଶରେ ତୁମ୍ବୀତୋଫାନ ଚାଲିଛି। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ନେଇ ରାଜ୍ୟକୁ ହୁଲସ୍ଥୁଲ କରୁଛନ୍ତି; ମାତ୍ର ରାଜ୍ୟ ସରକାର, ଖଣି ବିଭାଗ, ଅର୍ଥ ବିଭାଗ ଏ ସଂକ୍ରାନ୍ତରେ ନିଦାବିଷ୍ଟ। ରାଜ୍ୟର କ୍ଷତି ହେବ ନାହିଁ ବୋଲି ଶାସକ ଦଳର ସାଂସଦ ଓ ନେତାମାନେ ଯୁକ୍ତି ବାଢୁଥିବା ସମୟରେ ଏହି ଆଇନ ଦ୍ୱାରା ରାଜ୍ୟର ଲାଭ-କ୍ଷତିର ହିସାବ ବା ଆକଳନ ଏଯାଏ ଖଣି ବିଭାଗ ବା ଅର୍ଥ ବିଭାଗ ନ କରିବା ଉଭୟ ବିଭାଗର ଅପରିପକ୍ୱତା ଓ ଶାସକ ଦଳ ନେତାଙ୍କ ପାର୍ଟି ପ୍ରେମକୁ ସ୍ପଷ୍ଟ ଦର୍ଶାଉଛି ବୋଲି ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

### ଦକ୍ଷିଣ ଓଡ଼ିଶା...

୭ ଟି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ଓ ୫୮ ଟି ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ୫.୭ ମିମି ତୁଳନାରେ ରାଜ୍ୟରେ ବର୍ଷାର ପରିମାଣ ୪୧.୫ ମିମି ରହିଛି। ଏହା ସ୍ୱାଭାବିକଠାରୁ ୬୨୪ ପ୍ରତିଶତ ଅଧିକ ବର୍ଷା ବୋଲି ପାଣିପାଗ କେନ୍ଦ୍ର କହିଛି। ଯଦିଓ ଅବପାତ ଉପକୂଳ ଅତିକ୍ରମ କରିଛି, ତଥାପି କେତେକ ଜିଲ୍ଲା ପାଇଁ ପାଣିପାଗ ସତର୍କତା ଜାରି ରହିଛି। ଶୁକ୍ରବାର ନୂଆପଡ଼ାରେ ସର୍ବାଧିକ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ସହ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୬ ତାରିଖରେ ମଧ୍ୟ କିଛି ଜିଲ୍ଲାରେ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ଏହି ଗଭୀର ଅବପାତ ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ୍ୟ ସମୁଦ୍ର ମଧ୍ୟରେ ପବନର ବେଗ ୫୦-୬୦ କିମି ରହୁଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି।

### ବିପଦ ସଙ୍କେତ...

ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ଫଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହେଉଛି। ଗତ ବନ୍ୟା ରେ କ୍ଷୟ କ୍ଷତି ର ସରକାରୀ ଆକଳନ ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହୋଇ ନ ଥିବା ବେଳେ ପୁଣି ବନ୍ୟା ଲୋକଙ୍କ ଉପରେ ନୈରାଶ୍ୟ ଆଣି ଦେଇଛି। ତୁହାକୁ ତୁହା ବର୍ଷା ହେଉଥିବାରୁ ନଦୀର ବନ୍ୟା ପରିସ୍ଥିତି ଗମ୍ଭୀର ହେବା ଅନୁମାନ କରା ଯାଇଛି। ପୁଣି ବନ୍ୟା ଆସିବା ଫଳରେ ନଦୀ କୂଳିଆ ଓ ତଳିଆ ଅଞ୍ଚଳ ବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ବନ୍ୟାରେ ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ହୋଇ ଯାଇଥିବା ବେଳେ ବାଲିବସ୍ତା ପକାଇ କାମଚଳା ମରାମତି କରାଯାଇଥିଲା। ଚଳିତ ବନ୍ୟା ଦେଖି ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବାରମ୍ବାର ବନ୍ୟା ବସ୍ତା ବ୍ଲକରେ ଖରିଫ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଯାହା ଟିକେ ଥିଲା ବନ୍ୟା ପରିସ୍ଥିତି ଜଟିଳ ହେଲେ ସବୁ ଉଜାଡ଼ି ଦେବା ନେଇ ଅନୁମାନ କରାଯାଉଛି। ବାରମ୍ବାର ବନ୍ୟା ବସ୍ତା ବ୍ଲକ ବାସୀଙ୍କୁ ଦୋହଲାଇ ଦେଇଛି।

### ବିଧାନସଭା ଅଚଳ...

ଚଢ଼ି ନାରାବାଜି କରିବା ସହ ପୋଷ୍ଟର ପ୍ରଦର୍ଶନ କରିଥିଲେ। 'ଖଣିଜ ସମ୍ପଦ ଓଡ଼ିଶାର, ରାଜସ୍ୱ ଅଧିକାର', 'ବିଜେପି ବାଲା ଉତ୍ତର ଦିଅ', 'ମାଟି ଆଗ ନା ପାର୍ଟି ଆଗ', 'ସୁପ୍ରିମକୋର୍ଟଙ୍କ ରାୟ ପରେ, ନୂଆ ଆଇନ କାହା ଚାପରେ' ଆଦି ଲେଖାଥିବା ସ୍ଲୋଗାନ ପୋଷ୍ଟର ପ୍ରଦର୍ଶନ କରି ବିଜେଡି ବିଧାୟକମାନେ ପ୍ରବଳ ନାରାବାଜି କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ତାରକା ପ୍ରଶ୍ନର ଉତ୍ତର ରଖିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଏକ ତାରକା ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ବିରୋଧୀ ସଦସ୍ୟଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ଉପ ବାଚସ୍ପତି ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ବିଧାୟକ ଏହାକୁ ଭ୍ରୂକ୍ଷେପ କରିନଥିଲେ। ଫଳରେ ମାତ୍ର ୧୩ ମିନିଟ ଗୃହ ଚାଲିବା ପରେ ଉପ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ହେବା ପରେ କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ କରିଥିବା ବେଳେ ବିଜେଡି ବିଧାୟକମାନେ ଓଏମସି କାର୍ଯ୍ୟାଳୟ ଘେରାଉ କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଉଭୟ ବିରୋଧୀ ଅଧିକ ଶାଣିତ ଭାବରେ ପ୍ରତିବାଦ ଆରମ୍ଭ କରିଥିଲେ। ଏହି ସମୟ ମଧ୍ୟରେ ଓଡ଼ିଶା ଜନବିଶ୍ୱାସ ବିଲ୍, ୨୦୨୬ ଗୃହରେ ଉପସ୍ଥାପିତ ହୋଇଥିଲା। ମାତ୍ର ୪ ମିନିଟ ଚାଲିବା ପରେ ଉପ ବାଚସ୍ପତି ଗୃହକୁ ଆସନ୍ତାକାଲି ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ଚିଲିକାରେ ବୁଡ଼ି ଜଣେ ମୃତ

ବ୍ରହ୍ମଗିରି,୨୪।୯(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦରେ ବାତ୍ୟା 'ଅର୍ଣ୍ଣବ' ରଚିଲା ତାଣ୍ଡବ। ଗଭୀର ଅବପାତ ପ୍ରଭାବରେ ପ୍ରବଳ ତୋଫାନ ସାଙ୍ଗକୁ ଲଗାତର ବର୍ଷା ନଷ୍ଟ କରିଦେଇଛି ଧନ ଜୀବନ। ମାଛ ଧରିବାକୁ ଯାଇଥିବା ଅଁଳାକୁଦା ଗ୍ରାମର ମୂଳିରାମ ପରିଡ଼ା ଚିଲିକା ଜଳରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ସେହିଭଳି ମାଲୁଦ ଚିଲିକା ନୂଆସାହିରେ ଏକ ବିରାଟ ଗଛ ଉପୁଡ଼ି ଘର ଉପରେ ପଡ଼ିବାରୁ ବିଜୟ କୁମାର ସେଠୀ ଓ ପଞ୍ଚାନନ ସେଠୀଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି। ବିଜୟଙ୍କ ଘରେ ଗୋଟିଏ ବର ଗଛ ଓ ନଡ଼ିଆ ଗଛ ପଡ଼ି ଆଜ୍‌ବେଷ୍ଟସ ଭାଙ୍ଗି ଘରେ ନଡ଼ିଆ ପଡିଛି। ଖଟରେ ସ୍ୱାମୀ-ସ୍ତ୍ରୀ ଶୋଇଥିବାବେଳେ ଅଳ୍ପକେ ବଞ୍ଚିଯାଇଛନ୍ତି।

ଦୁଇ ଦିନ ହେବ ବର୍ଷା ପବନ ଲାଗାତର ଚାଲିଛି। ବର୍ଷା ପାଣିରେ କୃଷ୍ଣପ୍ରସାଦ ବ୍ଲକ୍ ଗିଲିନାସି ଗାଁ ଦାଣ୍ଡରେ ପାଣି ଭର୍ତ୍ତି ହୋଇ ଘରେ ପାଣି ପଶିଯାଇଛି। ଖବର ପାଇ ମାଲୁଦ ଦମକଳ ବାହିନୀ ପହଞ୍ଚି ପମ୍ପ ଦ୍ୱାରା ପାଣି ନିଷ୍କାସନ କରୁଡି। ଗିଲିନାସି ପାଣି ସମ୍ପୂର୍ଣ୍ଣ ନିଷ୍କାସନ ପରେ ମାଲୁଦ ଚିଲିକା ନୂଆସାହିର ଘରେ ପଡ଼ିଥିବା ଗଛକୁ କାଟି ବାହାର କରିବେ ବୋଲି ମୁଖ୍ୟ ଆଗ୍ନିକ କହିଛନ୍ତି। ସେହିଭଳି ଶ୍ରୀରାମପୁର ଚିଲିକାରେ ପାଣି ବୃଦ୍ଧି ହୋଇ ବିଦ୍ୟାଳୟ ଗୃହରେ ପାଣି ଲହଡ଼ି ମାରୁଥିବା ଜଣାଯାଇଛି। ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବା ଯୋଗୁଁ ମାଲୁଦ କରଣସାହି ଯିବା ରାସ୍ତା ଏବଂ ମାଲୁଦ ପ୍ରାଥମିକ ବିଦ୍ୟାଳୟ ରାସ୍ତାରେ ପାଣି ଲହଡ଼ି ମାରୁଛି।


**ହଜିଛି**

ମୁଁ ବିନୋଦିନୀ ବେହେରା, ସ୍ୱାମୀ : ସୁବାଷ ଚନ୍ଦ୍ର ବେହେରା, ଠିକଣା: ନାକଚି, ଖୋଲାଡାଙ୍ଗିଆନି, ଆଠମଲ୍ଲିକ, ଅନୁଗୋଳ, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଛି ଯେ ଆଠମଲ୍ଲିକରୁ ମୋର କାର୍ଯ୍ୟାଳୟ 'ସାନହୁଲ୍ଲା'କୁ ଦୁଇଚକିଆ ଗାଡ଼ିରେ ଆସିବା ସମୟରେ ତାରିଖ . ୦୯.୦୯.୨୦୨୬, ପୂର୍ବାହ୍ନ ୧୧:୩୦ ରୁ ମଧ୍ୟାହ୍ନ ୧୨:୦୦ ମଧ୍ୟରେ ମୋର ମୂଳ ଆଇନଗତ କାଗଜପତ୍ର, ଅର୍ଥାତ୍ ପଞ୍ଜୀକୃତ ବିକ୍ରୟ ଦଲିଲ୍ (ନଂ- ୧୦୦୨୧୧୦୦୬୦୦, SRO- ଆଠମଲ୍ଲିକ, ମୌଜା-ସାନହୁଲ୍ଲା, ତାରିଖ- ୧୭.୦୮.୨୦୧୧) ହଜିଯାଇଛି। ଏ ସମ୍ପର୍କରେ ମୁଁ ହାଣ୍ଡପା ଥାନାର ଆଇ.ଆଇ.ସି. (IIC) ଙ୍କୁ ଅବଗତ କରାଇଛି। ଯଦି କୌଣସି ବ୍ୟକ୍ତି ଏହି ହଜି ଯାଇଥିବା ଦଲିଲ୍ ପାଆନ୍ତି, ତେବେ ଦୟାକରି ମୋର ମୋବାଇଲ୍ ନମ୍ବର ୯୩୪୮୪୭୯୭୬ ଏବଂ ୯୭୭୮୧୩୧୬୪୦ ରେ ଜଣାଇବାକୁ ଅନୁରୋଧ।

**AFFIDAVIT**

By virtue of an affidavit (CF No. 32) sworn before The Executive Magistrate, Bhubaneswar. dated 23.09.2026. I, **Preetishree Dash,** D/o- Tribhuban Dash, permanent resident of At- Pratapsasan (C.T), Jageswari Colony, PO- Balakati, Dist- Khordha, Odisha, PIN- 752100 declare that I have changed my name from **Preeti Shree Dash** to **Preetishree Dash.** Henceforth, I shall be known as **Preetishree Dash** for all purposes.

**Preetishree Dash**

**AFFIDAVIT**

By virtue of an affidavit sworn before The Notary, Bhubaneswar on dated- 21/09/2026. I, **Urmila Mishra,** W/o Suryakanta Mishra, permanent resident of At- Braiman Sahi, Mathakargola, Oringa, Dist- Dhenkanal, Odisha, PIN- 759024 declare that, after marriage I have changed my surname from **Urmila Jena** to **Urmila Mishra.** Henceforth, I shall be known as **Urmila Mishra** (new name), W/o Suryakanta Mishra for all purposes.

**Urmila Mishra**

**AFFIDAVIT**

By virtue of an affidavit sworn before the executive magistrate Jajpur on dtd 21/09/2026. I Pravata kumar Samal, S/o-Purna Chandra Samal, Vill/P.o- Ranapur, P.s-Binjharpur, Dist- Jajpur, Odisha, Pin -755012 declare that I have changed my name from PRAVAT KU SAMAL (Old Name) to PRAVATA KUMAR SAMAL (New Name). Henceforth, I shall be known as **PRAVATA KUMAR SAMAL** for all future purposes

**AFFIDAVIT**

By virtue of an affidavit sworn before Executive Magistrate, Bargarh, I, Jagdish Kumbhar, S/o- Late Parameswar Kumbhar, resident of Vill.- Jampali, H/o- Gudesira, Po.- Gudesira, Ps./Dist.- Bargarh- 768028, Odisha state that, I have changed the name of my minor grand daughter Bilasini Deep to Chandrama Deep. Henceforth she will be knonw as Chandrama Deep for all future purposes.

Sd/- Jagdish Kumbhar

**ପଶ୍ଚିମ ରେଳବାଇ-ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

**ଇଞ୍ଜିନିୟରିଂ ବିଭାଗ**

ଇ-ଟେଣ୍ଡର ନଂ.: RTM-2026-27-97 • କାର୍ଯ୍ୟର ନାମ: ଇନ୍ଦୋରରେ Simhastha 2028 ସମ୍ବନ୍ଧରେ ୧୫ଟି ସୁଇଟ୍ ବିଶିଷ୍ଟ ଅଧିକାରୀ ବିଶ୍ରାମ ଗୃହ ନିର୍ମାଣ, ଯେଉଁଥିରେ ବିଦ୍ୟୁତ କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ। • ଆନୁମାନିକ ମୂଲ୍ୟ: ଟ. ୩,୪୩,୧୫,୪୯୨.୬୪/- • ଜମା କରିବାକୁ ଥିବା ବୟନା ରାଶି: ଟ. ୬,୮୬,୩୦୦.୦୦/- • କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ • ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୨.୦୯.୨୦୨୬ • ଟେଣ୍ଡର ଖୋଲିବା ତାରିଖ: ୧୫.୧୦.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ନିଲ୍ (NIL)। V/0268

Like us on: facebook.com/WesternRly

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: SBP-ELECT-2026-T-297S

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ସ୍ଥାପିତ ବିଭିନ୍ନ ଉଚ୍ଚତାର ହାଇ ମାଷ୍ଟ ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 48,70,057.01, EMD : ₹ 97,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଦୁଇ (02) ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.14.10.2026ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps. gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-461/R/26-27

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-AMC-EI-MEDHA-586, ତା.22.09.2026ରିଖ

କାର୍ଯ୍ୟର ନାମ : 36 (ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ବୁଢ଼ାପଙ୍କ (BDPK), ସୁକିନ୍ଦା ରୋଡ୍ (SKND), ଜଖପୁରା (JKPR), କେରେଜାଙ୍ଗ (KPJG), JSPL-A କ୍ୟାବିନ (JSPC), ଅନୁଗୁଳ (ANGL), ତାଳଚେର ରୋଡ୍ (TLHD), କେନ୍ଦ୍ରାପଡ଼ା (KENP), ବାଜିପଡ଼ା (BJPD), ଲଳିତଗିରି (LLTG), ରତ୍ନଗିରି (RTGR) ଏବଂ ଚଣ୍ଡିଖୋଲ ରୋଡ୍ (CIKR), ମେରାମଣ୍ଡଳୀ (MRDL), ତାପଙ୍ଗ (TAP), ବୈତରଣୀ ରୋଡ୍ (BTV) ଷ୍ଟେସନରେ MEDHA ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ସିଷ୍ଟମ ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ : ₹ 4,50,91,848.00, EMD : ₹ 3,75,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.30.09.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.10.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-459/R/26-27

**e-Procurement Notice for Building Works Identification No. 07/ SERW/JLS/2026-27**

| | | | |
|---|---|---|---|
| 1. | Procurement Officer | :- | Superintending Engineer Rural Works Division, Jaleshwar |
| 2. | Name of the Work | :- | Buildings |
| 3. | Total No. of Works | :- | 03 Nos |
| 4. | Estimated Cost | :- | Approx. Estimated Cost ₹.51.69 Lakh to ₹. 52.50 Lakh |
| 5. | Class of Contractor | :- | B Class |
| 6. | Time of Completion | :- | Nine Calender months (As per annexure) |
| 7. | Availability of tender On-line for bidding | :- | From 28.09.2026 at 10.00 A.M. to 08.10.2026 upto 05.00 P.M. |
| 8. | Last date & time of seeking tender clarification | :- | 07.10.2026 upto 05.00 P.M |
| 9. | Date & Time of Opening of tender in the office of the Superintending Engineer, R.W.Division, Jaleshwar | :- | Date & Time Opening of Technical & Financial bid - 09.10.2026 at 11.00 A.M. |

Further details can be seen from the web site- www.tendersodisha.gov.in

Executive Engineer
R.W.Division, Jaleshwar

OIPR-25001/25051/1/26-27/0007 25001/1193/2627

GOVT. OF ODISHA 25001/1200/2627

OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail:- eerw_anandapur@yahoo.co.in

NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE
On line-12 /EE/RW/AND/2026-27
Construction of Building work in the District of Keonjhar for the year 2026-27.

No.6916 Date: 23.09.2026

Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Building work through e-Procurement as per annexure in Single Cover system. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in: O/o the S. E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-On line 12/ SE/RW/AND/ 2026-27 | 29.09.2026 at 10.00 A.M. | 09.10.2026 up to 5.00 P.M. | 08.10.2026 up to 5.00 A.M. | 12.10.2026 at 11.30 A.M. |

Executive Engineer
R.W. Division, Anandapur

OIPR-25001/25055/1/26-27/0018

34001/856/2627

E-mail ID: eepwdjsg2014@gmail.com
Telephone: 06645-271242,
Kalimandir Road, Jharsuguda, 768202

GOVERNMENT OF ODISHA
OFFICE OF THE SUPERINTENDING ENGINEER,
JHARSUGUDA (R&B) DIVISION, JHARSUGUDA
"e"-Procurement Notice
Bid Identification No-SE-R&B-JSG-11 OF 2026-27.

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Double cover** system on ON-LINE mode from eligible contractors for Construction of **Road works as detailed in DTCN.** | | |
| 2. | Nature of Work | :- | Road works |
| 3. | Estimated cost | :- | Rs.97.62 Lakhs |
| 4. | No. of work. | :- | 01 (One) No |
| 5. | Tender Cost | :- | Rs. 10,000.00 (as per DTCN) |
| 6. | Class of Contractor | :- | Sl No- 1- B |
| 7. | Availability of bid document in the website | :- | **10.00 A.M. of 24.09.2026 to 05.00 P.M. of 05.10.2026** |
| 8. | Date of opening of Technical Bid (Cover-I) | :- | 11.00 AM on Dt. 06.10.2026 |
| 9. | The bidders have to participate in **ON-LINE** bidding only. Further details can be seen from the website https://tendersodisha.gov.in). Any addendum /corrigendum / cancellation of tender can also be seen in the said website . | | |

Superintending Engineer
Jharsuguda (R&B) Division

OIPR-34001/34094/1/26-27/0011

32001/920/2627

E-mail: mi2_exe.engr@yahoo.co.in
Ph.No. 0680-2290475

OFFICE OF THE SUPERINTENDING ENGINEER
MINORIRRIGATION DIVISION, GANJAM-II, BERHAMPUR.
GOVERNMENT OF ODISHA
e-PROCUREMENT NOTICE
BID IDENTIFICATION No: GMID-II/04/2026-27

Ltr No. 3536 Date : 21.09.2026

| | | | |
|---|---|---|---|
| 1. | Name of work | :- | Civil Construction Works |
| 2. | No. of works | :- | 4 (Four) Nos. |
| 3. | Estimated cost | :- | Rs. 27.43 lakh to Rs. 52.75 lakh. |
| 4. | Tender paper cost | :- | Rs 10,000.00 (for estimated cost above 50.00 Lakh) Rs 6,000.00 (for estimated cost below 50.00 Lakh) |
| 5. | Period of completion | :- | 06 (Six) calendar months. |
| 6. | Class of Contractor | :- | "C" & "B" |
| 7. | Availability of bid documents | :- | From 25.09.2026 at 10.00 AM to 08.10.2026 up to 5.00 PM in website (www.tendersorissa.gov.in) |
| 8. | Period of Receipt of bid through on Line | :- | From 25.09.2026 at 10.00 AM to 08.10.2026 up to 5.00 PM Through On- Line. |
| 9. | Mode of Payment | :- | Online. |
| 10. | Date of opening of bid documents | :- | 09.10.2026 at 11.30 AM (For double cover system Technical Bid shall be opened on dtd. 09.10.2026 & Financial Bid on dtd. 13.10.2026) |
| 11. | Digital signature certificate of Bidder | :- | The bidder must possess compatible digital signature Certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | | | |
|---|---|---|---|
| 12. | Name & Address of the OIT | :- | Superintending Engineer, M.I.Division, Ganjam-II In front of DepaulSchool, Engineering school road Berhampur, Dist-Ganjam PIN-760010. E-mail: mi2_exe.engr@yahoo.co.in |
| 13. | Further details can be seen from the E-Procurement market place. | :- | http://tendersorissa.gov.in |

Superintending Engineer
M.I.Division, Ganjam-II, Berhampur

OIPR-32001/32043/1/26-27/0007

### ମଙ୍ଗଳପୁର-ଝାଟିଆ ସାହି ରାସ୍ତା ମରଣଯନ୍ତା

# ଦିନ କେଇଟାରେ କୋଟି କୋଟି ଟଙ୍କାର ରାସ୍ତା ଖାଲଖମା

ଅସୁରାଳି,୨୪।୯ (ସମିସ)



ଧାମନଗର ବ୍ଲକ୍ ଝାଟିଆ ସାହିଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାଟି ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାଟି ବର୍ତ୍ତମାନ ଖାଲଖମାରେ ପରିପୂର୍ଣ୍ଣ ହୋଇ ଶୋଚନୀୟ ଅବସ୍ଥା ଧାରଣ କରିଛି। ନିମ୍ନମାନର କାମ ଯୋଗୁଁ ରାସ୍ତାର ସ୍ଥିତି ପୂର୍ବପରି ସାଂଘାତିକ ହୋଇପଡ଼ିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରା ଯୋଗୁଁ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ରାଜସ୍ୱ ଓ କର ଟଙ୍କାରେ ରାସ୍ତା ମରାମତି ହେଉଥିଲେ ହେଁ ତାହା ଜନହିତରେ ନ ଲାଗି ଠିକାଦାର ଓ ଭ୍ରଷ୍ଟ ଅଧିକାରୀଙ୍କ ପକେଟକୁ ଯାଉଥିବା ସାଧାରଣରେ ଆଲୋଚନା ହେଉଛି। ସେତୁର ଦୁଇ ମୁଣ୍ଡ ଦବିଯିବା ସହିତ ଯାତାୟାତ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି।

ବିଶେଷକରି ରେବ ନଦୀ ସେତୁର ଦୁଇ ପାର୍ଶ୍ୱ ପ୍ରାୟ ୨ ଫୁଟ୍ ପର୍ଯ୍ୟନ୍ତ ଦବି ଯାଇଥିବାବେଳେ ଏହାର ନିକଟବର୍ତ୍ତୀ ରାସ୍ତା ଓ କୋରୁଆ କେନାଲ ପାର୍ଶ୍ୱ ମଧ୍ୟ ଧସିଯାଇଛି। ଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରିବା ଏବେ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଖାରଜି କୋରୁଆଠାରୁ ମଙ୍ଗଳପୁର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ନ କହିବା ଭଲ। କେନାଲ ରାସ୍ତା ଦବିଯାଇ ବିପଦପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ଗୋବିନ୍ଦପୁର ବଜାର ଦାମ ଗାଲି ପାଖରେ ବଡ଼ ବଡ଼ ଗାତ ସୃଷ୍ଟି ହେବା ଫଳରେ ସାମାନ୍ୟ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟୁଛି। ରାସ୍ତାର ଶୋଚନୀୟ ସ୍ଥିତି ଯୋଗୁଁ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ବି ଗାଁ ଭିତରକୁ ଯାଇପାରୁନାହିଁ। ରାସ୍ତାରେ ଆମ୍ବୁଲାନ୍ସ ଆସିବାରେ ଅତ୍ୟଧିକ ବିଳମ୍ବ ହେଉଥିବାରୁ କିମ୍ବା ଆଦୌ ପହଞ୍ଚି ନ ପାରୁଥିବାରୁ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କ ଜୀବନ ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହେଉଛି। ରାସ୍ତା ସାରା ବଡ଼ ବଡ଼ ଗାତ ତଥା କଲ୍ୟାଣୀଠାରୁ ଝଟିଆ ସାହି ପର୍ଯ୍ୟନ୍ତ ବଡ଼ ବଡ଼ ପୋଖରୀ ସଦୃଶ ଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେଉଛନ୍ତି। ବିଶେଷ କରି ରାତି ସମୟରେ ବାଇକ୍ ଚାଳକମାନେ ଗାତ ସ୍ପଷ୍ଟ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ଫାଟି ପିଚୁ ଉଠିଯାଇଥିବାରୁ ଗାଡ଼ି ଚଳାଚଳ ସମୟରେ ପଥଚାରୀ, ଗାଡ଼ି ଚାଳକ ଏବଂ ରାସ୍ତାକଡ଼ରେ ଥିବା ବ୍ୟବସାୟୀ ପ୍ରତିଦିନ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବା ସହ ଲୋକମାନେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହେଲେଣି। ଏ ସମ୍ପର୍କରେ ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୃହ ବିଭାଗକୁ ଏହି ସମସ୍ୟା ବାବଦରେ ହସ୍ତାନ୍ତର କରାଯାଇଛି। ତେବେ ପ୍ରଶାସନ କେବେ ଏଥପ୍ରତି ଦୃଷ୍ଟି ଦେଉଛି ଏବଂ ଜନସାଧାରଣ ଏହି ସମସ୍ୟାରୁ ମୁକ୍ତି ପାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

### ▸▸ ଜାଲ୍ ଆପ୍‌ରେ ବୃଦ୍ଧଙ୍କୁ ଫସାଇଲେ ସାଇବର ଠକ

## ୯୦୦% ଲାଭର ଲୋଭ ଦେଖାଇ ୧୩ ଲକ୍ଷ ଠକେଇ

ଭଦ୍ରକ,୨୪।୯ (ସମିସ): ଶେୟାର ବଜାରରେ ୮୦୦ରୁ ୯୦୦ ପ୍ରତିଶତ ଲାଭର ଲୋଭ। ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ଯୋଗାଯୋଗ। ପରେ ଜାଲ୍ ଆପ୍ ଡାଉନ୍‌ଲୋଡ୍ କରାଇ ନିବେଶ ନାମରେ ପ୍ରାୟ ୧୩ ଲକ୍ଷ ଟଙ୍କା ନେଇଗଲେ ସାଇବର ଠକ। ଟଙ୍କା ଉଠାଇବାକୁ ଯିବାବେଳେ ଆକାଉଣ୍ଟ ବ୍ଲକ୍ ହେବାରୁ ଠକେଇର ଶିକାର ହୋଇଥିବା ଜାଣିପାରିଲେ ୬୭ ବର୍ଷୀୟ ରାମାବତାର ପ୍ରସାଦ ମୋରେ। ଚାନ୍ଦବାଲି ଉର୍ଦ୍ଦୁ ସ୍କୁଲ ନିକଟସ୍ଥ ମୋରେଙ୍କ ସହ ହ୍ୱାଟ୍‌ସଆପ୍ ଗ୍ରୁପ୍ ଜରିଆରେ ସାଇବର ଠକମାନେ ଯୋଗାଯୋଗ କରିଥିଲେ। ଶେୟାର ବଜାରରେ ନିବେଶ କଲେ ବିପୁଳ ଲାଭ ମିଳିବ ବୋଲି ପ୍ରଲୋଭିତ କରି 'ନାମ ଏମ୍‌ସି ଏଚ୍‌ଏନ୍‌ଡବ୍ଲ୍ୟୁ' ଓ 'ନାମ ଏଚ୍‌ସିକେ' ନାମକ ଆପ୍ ଡାଉନଲୋଡ୍ କରାଇଥିଲେ। ଆପ୍‌ରେ ଲାଭ ଦେଖାଯାଉଥିବାରୁ ମୋରେ ଠକଙ୍କ ଜାଲରେ ପଡ଼ି ଯାଇଥିଲେ। ବିଭିନ୍ନ କିସ୍ତିରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରାୟ ୧୩ ଲକ୍ଷ ଟଙ୍କା ଜମା କରିବା ପରେ ଲାଭ ଟଙ୍କା ଉଠାଇବାକୁ ଉଦ୍ୟମ କରିଥିଲେ। ହେଲେ ହଠାତ୍ ଆପ୍‌ରେ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ଟଙ୍କା ଉଠାଇବା ପାଇଁ ପୁଣି ୧୭ରୁ ୨୦ ଲକ୍ଷ ଟଙ୍କା ଦାବି କରାଯିବାରୁ ସନ୍ଦେହ ଘନୀଭୂତ ହୋଇଥିଲା। ଶେଷରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ମୋରେ ଜାତୀୟ ସାଇବର ଅପରାଧ ପୋର୍ଟାଲରେ ଅଭିଯୋଗ କରିବା ସହ ଭଦ୍ରକ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ ୧୮/୨୦୨୬ରେ ମାମଲା ରୁଜୁ ହୋଇଛି। ବିଏନ୍‌ଏସ୍ ଓ ଆଇଟି ଆକ୍ଟର ବିଭିନ୍ନ ଦଫାରେ ମାମଲା ରୁଜୁ କରି ଇନ୍ସପେକ୍ଟର ବିରଞ୍ଚି ନାରାୟଣ ଅମାନ୍ତ ତଦନ୍ତଭାର ନେଇଛନ୍ତି। ଠକେଇରେ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ସହ ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଠକେଇ ନେଟ୍‌ୱର୍କର ପର୍ଦ୍ଦାଫାସ୍ ପାଇଁ ତଦନ୍ତ ଜାରି ରହିଛି।

## ସତର୍କ ସଂକେତ ଉପରେ ବୈତରଣୀ ଜଳସ୍ତର



ବାରିକପୁର,୨୪।୯ (ସମିସ): ଗତ ୨ଦିନ ହେବ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା କାରଣରୁ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। ଯଦିଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ ତଥାପି ଉପର ମୁଣ୍ଡରେ ହୋଇଥିବା ବର୍ଷା ଓ ସ୍ଥାନୀୟ ବର୍ଷା ପ୍ରଭାବରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ନଦୀର ଆଖୁଆପଦା ଆନିକଟଠାରେ ସନ୍ଧ୍ୟା ୭ଟା ବେଳେ ୧୭.୯୪ ମିଟର ଉପରେ ଜଳ ପ୍ରବାହିତ ହେଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ଗୁରୁବାର ସକାଳୁ ଜଳସ୍ତର ବଢ଼ିବା ସହିତ ସନ୍ଧ୍ୟାରେ ଏହା ବିପଦ ସତର୍କ ସୂଚନା ଅତିକ୍ରମ କରିଥିଲା। ମିଳିଥିବା ସୂଚନା ମୁତାବକ, ନଦୀର ଉପରମୁଣ୍ଡ ଆନନ୍ଦପୁରଠାରେ ସର୍ବାଧିକ ୯୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ସ୍ୱାମପାଟଣାଠାରେ ୩୦.୮, କେନ୍ଦୁଝରଠାରେ ୨୮.୮, ଚମ୍ପୁଆଠାରେ ୧୪.୪ ଓ ଆଖୁଆପଦାଠାରେ ୭୧.୪ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ ଘଣ୍ଟା ଯାଏଁ ନଦୀରେ ବନ୍ୟା ଆଶଙ୍କା ନ ଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

### ▸▸ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ରିଲିଫ୍ ତାଲିକା ପ୍ରସ୍ତୁତ ଅଭିଯୋଗ

## ସାନି ଯାଞ୍ଚ ପରେ ରିଲିଫ୍ ବଣ୍ଟନ ହେବ: ବିଡିଓ

ଧାମନଗର,୨୪।୯ (ସମିସ): ବନ୍ୟା ବିପନ୍ନଙ୍କ ପାଇଁ ଆସିଥିବା ରିଲିଫ୍ ଚାଉଳ ବଣ୍ଟନ ତାଲିକା ଅନିୟମିତତାକୁ ନେଇ ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ଅଧୀନ ଅନହରପୁର ରାଜସ୍ୱ ଗ୍ରାମରେ ଅସନ୍ତୋଷ ତୀବ୍ର ହୋଇଛି। ପ୍ରକୃତ ବନ୍ୟା ପ୍ରଭାବିତ ପରିବାରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବା ଏବଂ ହିତାଧିକାରୀ ଚୟନରେ ପକ୍ଷପାତ ହୋଇଥିବା ଅଭିଯୋଗ ଉଠିବା ପରେ ଏହାକୁ ନେଇ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ସାନି ଯାଞ୍ଚ ହୋଇ ରିଲିଫ୍ ଚାଉଳ ବଣ୍ଟନ କରାଯିବ ବୋଲି ବିଡିଓ ବନବିହାରୀ ଦିନ୍ଦା, ଏବିଡିଓ ତଥା ସିଡିପିଓ ଶର୍ମିଷ୍ଠା ମଲ୍ଲିକ ଏବଂ ପିଇଓ ପ୍ରତିଶ୍ରୁତି ଦେଇଛନ୍ତି।



ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଧାମନଗର ବ୍ଲକ୍ ଅଧୀନ ଭଗବାନପୁର ପଞ୍ଚାୟତର ସମିତିସଭ୍ୟ ସୁଦୀପ୍ତ ଖଟୁଆଙ୍କ ତତ୍ତ୍ୱାବଧାନରେ ଅନହରପୁର ଗ୍ରାମବାସୀ ଚକ୍ରଧର ରାଉତ, ଜଗବନ୍ଧୁ ଜେନା, ରାମଚନ୍ଦ୍ର ସେଠୀ, ଖଗେଶ୍ୱର ଜେନା, ଶଶୀରେଖା ଜେନା, କବିତା ରାଉତ, ରତିକାନ୍ତ ରାଉତ, ବୁଦ୍ଧିରାମ ଜେନା, କନକଲତା ଦେହୁରୀ, କାଳନ୍ଦୀ ବେହେରା, ଚକ୍ରଧର ଦେହୁରୀ, ପର୍ଶୁରାମ ସାମଲ, ନାରାୟଣ ଦେହୁରୀ, ଶିବାନନ୍ଦ ବିଶ୍ୱାଳ, ମୋହନ ବେହେରା ଓ ଅଶୋକ ରାଉତଙ୍କ ସମେତ ବହୁ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ବନବିହାରି ଦିନ୍ଦା, ଭଗବାନପୁର ପଞ୍ଚାୟତ ପିଇଓ ଅନୀଲ ସେଠୀଙ୍କ ନିକଟରେ ମଧ୍ୟ ଅଭିଯୋଗ ଦିଆଯାଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ରିଲିଫ୍ ପାଇବାକୁ ଯୋଗ୍ୟ ଅନେକ ପରିବାରଙ୍କ ନାମ ତାଲିକାରୁ କଟିଯାଇଛି। ଏଥିରେ ରାଜନୈତିକ ଆକ୍ରୋଶର ପ୍ରଭାବ ରହିଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ମୂଳ ତାଲିକା ପ୍ରସ୍ତୁତ ହେବା ପରେ ତାହା କାହା ହସ୍ତକ୍ଷେପରେ ପରିବର୍ତ୍ତନ ହେଲା, ତାହାର ତଦନ୍ତ ଦାବି କରାଯାଇଛି। ଅନ୍ୟପକ୍ଷରେ ଅଙ୍ଗନବାଡ଼ି କେନ୍ଦ୍ର ଅଞ୍ଚଳର ମୁଖିଆ ଓ ତାଙ୍କ ପରିବାର ସମ୍ପର୍କିତ ତାଲିକା ଦେବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଅତି ସ୍ୱଳ୍ପ ସମୟ ଦିଆଯାଇଥିଲେ ମଧ୍ୟ ସେମାନଙ୍କ ପକ୍ଷରୁ ପ୍ରାୟ ସଠିକ୍ ତାଲିକା ଦିଆଯାଇଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ମୂଳ ତାଲିକା ଓ ପରବର୍ତ୍ତୀ ତାଲିକା ମଧ୍ୟରେ ଯଦି ପାର୍ଥକ୍ୟ ରହିଛି, ତେବେ ତାହା କିପରି ଓ କାହା ଦ୍ୱାରା ହେଲା ଏହା ଏବେ ମୁଖ୍ୟ ପ୍ରଶ୍ନ ପାଲଟିଛି। ଅଭିଯୋଗକାରୀମାନେ କେବଳ ଅନହରପୁର ନୁହେଁ, ସମଗ୍ର ପଞ୍ଚାୟତର ୧୫ଟି ୱାର୍ଡରେ ସାନି ଯାଞ୍ଚ କରି ପ୍ରକୃତ ବନ୍ୟା ପ୍ରଭାବିତ ପରିବାରଙ୍କୁ ଚିହ୍ନଟ କରିବାକୁ ଦାବି କରିଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କୁ ସାମିଲ୍ କରି ଘରେ ଘରେ ଯାଞ୍ଚ କରାଗଲେ ତାଲିକାର ସ୍ୱଚ୍ଛତା ନିଶ୍ଚିତ ହୋଇପାରିବ ବୋଲି ମଧ୍ୟ ଦାବି ହୋଇଛି। ରିଲିଫ୍ ଚାଉଳ ବଣ୍ଟନରେ କୌଣସି ପ୍ରକାର ପକ୍ଷପାତ କିମ୍ବା ରାଜନୈତିକ ପ୍ରଭାବ ରହିବା ଉଚିତ୍ ନୁହେଁ। ଯଦି ତାଲିକାରେ ପ୍ରକୃତ ହିତାଧିକାରୀଙ୍କ ନାମ କଟିଛି ଅଭିଯୋଗର ସାନି ତଦନ୍ତ ପରେ ରିଲିଫ୍ ଚାଉଳ ବଣ୍ଟନ କରାଯିବ ବୋଲି ବିଡିଓ ବନବିହାରୀ ଦିନ୍ଦା ଓ ଏବିଡିଓ ତଥା ସିଡିପିଓ ଶର୍ମିଷ୍ଠା ମଲ୍ଲିକ ଏବଂ ପିଇଓ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦିଆଯାଇଛି।

### ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ

## ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୨୪।୯ (ସମିସ): ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଭଦ୍ରକ ଜିଲ୍ଲାସ୍ତରୀୟ "ସ୍ୱପ୍ନର ଭାରତ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ, ବରଣ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୦୪୭ ମସିହା ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବାବସ୍ଥାରୁ ଏକ ବିକଶିତ ଭାରତର ସ୍ୱପ୍ନ ଦେଖିଲେ ତାହା ଭବିଷ୍ୟତରେ ବାସ୍ତବ ରୂପ ନିଏ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତେ ଅଙ୍ଗୀକାରବଦ୍ଧ ହେବ ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ତୃପ୍ତିମୟୀ ପାତ୍ର, ଭଦ୍ରକ ବ୍ଲକ୍ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ବନ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସଭାର ସଭାପତିତ୍ୱ କରିଥିଲେ। ଶିକ୍ଷକ ମନୋଜ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ "ସ୍ୱପ୍ନର ଭାରତ' କାର୍ଯ୍ୟକ୍ରମ ଅଧୀନରେ ଭଦ୍ରକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ବ୍ଲକ୍‌ସ୍ତରରେ "ବିକଶିତ ଭାରତ' ଓ "୨୫ ବର୍ଷର ସେବା' ପ୍ରସଙ୍ଗକୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗୁରୁବାର ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜ ସୃଜନଶୀଳତା ଓ ବକ୍ତୃତା ମାଧ୍ୟମରେ "ବିକଶିତ ଭାରତ'ର ସ୍ୱପ୍ନକୁ ପ୍ରକାଶ କରିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସେମାନଙ୍କ ପ୍ରତିଭାକୁ ଉତ୍ସାହିତ କରାଯାଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତିନୋଟି ବର୍ଗରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## ବର୍ଷାରେ ତଳିଆ ଅଞ୍ଚଳ ଜଳମଗ୍ନ

ବାରିକପୁର,୨୪।୯ (ସମିସ): ଗତ ବୁଧବାର ସକାଳଠାରୁ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି। ବିଶେଷକରି ଗୁରୁବାର ସକାଳଠାରୁ ବର୍ଷାର ପରିମାଣ ବଢ଼ିବାରେ ଲାଗିଛି। ଏହାଦ୍ୱାରା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜଳବନ୍ଦି ଅବସ୍ଥା ସୃଷ୍ଟି ହୋଇଛି। ରହଣିଆ ମଠ ପଡ଼ିଆ ଆଦିବାସୀ ସାହି ଚତୁଃପାର୍ଶ୍ୱରେ ବର୍ଷା ପାଣି ଘେରିଯିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସାହିକୁ ଯାଇଥିବା ମାଟି ରାସ୍ତାଟି ବର୍ଷା ପାଣିରେ ବୁଡ଼ି ଯାଇଛି। ବୟସ୍କ ଲୋକଙ୍କଠାରୁ ଆରମ୍ଭ କରି ଛୋଟ ଛୋଟ ପିଲା ମୁଖ୍ୟ ରାସ୍ତାକୁ ଆସିବା ପାଇଁ ଅନେକ କଷ୍ଟରେ ପଡ଼ିଛନ୍ତି। ସେହିପରି ଶାମପୁର, ଗିଲପଦୀ, ପରମାନନ୍ଦପୁର, ନେରଡା, କୁଶଗଡ଼ିଆ, ଡାହାଲା, ପର୍ବତୀ, ନିର୍ଗୁଣ୍ଡି, ଡଗରପଡ଼ା, ଅରେଇକଣା ପ୍ରମୁଖ ସ୍ଥାନରେ କିଛି ଗ୍ରାମ୍ୟ ରାସ୍ତା ଉପରେ ବର୍ଷା ପାଣି ପ୍ରବାହିତ ହେଉଛି। ଏହାଛଡ଼ା ଅନେକ ଚାଷ ଜମି ମଧ୍ୟ ଲଘୁଚାପ ବର୍ଷାରେ ବୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁଁ ସଦ୍ୟ ରୁଆ ଧାନ ଓ ସାର ପ୍ରୟୋଗ ହୋଇଥିବା ଚାଷଜମି ଏଥିରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।



## ବର୍ଷାରେ ଧୋଇଗଲା ନଦୀ ଗୋଡ଼ା

ବାରିକପୁର,୨୪।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନେରଡା କୁମ୍ଭାର ସାହିକୁ ବୈତରଣୀ ନଦୀ ବନ୍ଧରୁ ସଂଯୋଗ କରୁଥିବା ଗୋଡ଼ାଟି ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ଲଗାଣ ବର୍ଷା କାରଣରୁ ଗୋଡ଼ାଟିର ଅର୍ଦ୍ଧାଧିକ ଭାଗ ଧୋଇଯାଇଛି। ଚଳିତ ବର୍ଷ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଏଠାରେ ଗୋଡ଼ା ନିର୍ମାଣ ହୋଇଥିଲା। ସ୍ଥାନୀୟ ଠିକାଦାର ମାଟି ଓ ମୋରମ୍‌ରେ ଗୋଡ଼ା ନିର୍ମାଣ କରିଥିବାବେଳେ ଦିନ କେତେଟାରେ ଏହା ନଷ୍ଟ ହୋଇଛି। ଜୁଲାଇ ମାସଠାରୁ ବର୍ଷା ଲାଗି ରହିଥିବା ଗୋଡ଼ାରେ ନାଳ ସୃଷ୍ଟି ହୋଇଥିଲା। ଏବେ ୨ ଦିନ ହେବ ଲଘୁଚାପ ଜନିତ ବର୍ଷାରେ ମାଟି ଓ ମୋରମ୍ ଏକପ୍ରକାର ଧୋଇଯାଇଛି। ଏହି ବାଟରେ ସାହି ଲୋକମାନେ ସାଇକଲ ଓ ମୋଟରସାଇକଲ ଯୋଗେ ଯାତାୟାତ କରିବା କଷ୍ଟସାଧ ହେଉଛି। ତେଣୁ ଏଠାରେ ପକ୍କା ନିର୍ମିତ ଗୋଡ଼ା ନିର୍ମାଣ ପାଇଁ ଗ୍ରାମର କମଳାକାନ୍ତ ବେହେରା, ଜଗନ୍ନାଥ ବେହେରା, ନରେନ୍ଦ୍ର ବେହେରା, ଶୁକ ସାହୁ, ସୁଶାନ୍ତ ବେହେରା, ଦୀପକ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ରାକେଶ ବେହେରା ପ୍ରମୁଖ ଦାବି କରିଛନ୍ତି।



## ଭାଙ୍ଗିଲା ପୁରୁଣା ଅଶ୍ୱତ୍ଥ ବୃକ୍ଷ

ବାରିକପୁର,୨୪।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁ ବିନ୍ଧାଣି ସାହି ଛକ ନିକଟରେ ଥିବା ଏକ ପୁରାତନ ଅଶ୍ୱତ୍ଥ ବୃକ୍ଷ ମୂଳରୁ ଉପୁଡ଼ିଯାଇଛି। ଲଘୁଚାପ ଜନିତ ବର୍ଷା ଓ ପବନ କାରଣରୁ ଗତ ବୁଧବାର ବିଳମ୍ବିତ ରାତିରେ ଗଛଟି ମାଟିରେ ଲୋଟି ପଡ଼ିଥିବା ଗ୍ରାମବାସୀମାନେ ଗୁରୁବାର ସକାଳୁ ଦେଖିବାକୁ ପାଇଥିଲେ। ପାର୍ଶ୍ୱରେ ଥିବା ଏକ ଠାକୁର ଘର ଉପରେ ଗଛର କିଛି ଡାଳ ଭାଙ୍ଗି ପଡ଼ିଥିବାବେଳେ ଏଥିରେ ଆଂଶିକ କ୍ଷତି ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଦମକଳ ବାହିନୀ ଓ ବାସିନ୍ଦାମାନେ ରାସ୍ତା ଉପରୁ ଗଛର ଡାଳପତ୍ରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଛନ୍ତି। ଗଛଟି ଆନୁମାନିକ ଶହେ ବର୍ଷ ପାଖାପାଖି ହେବ ବୋଲି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କହିଛନ୍ତି। ସୃଷ୍ଟି ହୋଇଥିବା 'ଅର୍ଣ୍ଣବ' ବାତ୍ୟା ବ୍ଲକ୍ ଅଞ୍ଚଳରେ ସେମିତି କ୍ଷୟକ୍ଷତି କରି ନ ଥିବାବେଳେ କିଛି ସ୍ଥାନରେ କେବଳ ଛୋଟମୋଟ ଗଛ ଡାଳ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ସନ୍ଧ୍ୟା ଯାଏଁ ବର୍ଷା ଓ ହାଲୁକା ପବନ ଜାରି ରହିଥିବାବେଳେ ଶୁକ୍ରବାର ସକାଳୁ ସ୍ଥିତି ସ୍ପଷ୍ଟ ହେବ।



## ହନୁମାନ ମନ୍ଦିରରୁ ଗ୍ରିଲ୍ ଭାଙ୍ଗି ଚୋରି

ବେତାଳିଗାଁ,୨୪।୯ (ସମିସ): ଧାମନଗର ବ୍ଲକ୍ ରଇପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିକା ମାଆଳିସାହିସ୍ଥିତ ହନୁମାନ ମନ୍ଦିରରେ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ଗ୍ରିଲ୍ ଚାବି ଭାଙ୍ଗି ମାଇକ୍ ସେଟ୍ ସହିତ ଠାକୁରଙ୍କ ପୂଜାରେ ବ୍ୟବହୃତ କଂସା, ପିତଳ ବାସନ, ଘଣ୍ଟ, ଘଣ୍ଟି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିବା ଗ୍ରାମବାସୀଙ୍କ ପକ୍ଷରୁ ପୁଲିସ ନିକଟରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଭୋର୍ ସମୟରେ ଗ୍ରାମର କିଛି ଲୋକ ମନ୍ଦିରକୁ ପୂଜା କରିବାକୁ ଯାଇଥିବାବେଳେ ଗ୍ରିଲ୍ ଭଙ୍ଗାଯାଇଥିବା ଦେଖିଥିଲେ। ମନ୍ଦିର ଭିତରେ ଥିବା ବିଭିନ୍ନ ପୂଜା ସାମଗ୍ରୀ ଓ ମାଇକ୍ ସେଟ୍ ନ ଥିବା ଜାଣିବା ପରେ ସେମାନେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ପରେ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ କରି ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଧୂଷୁରୀ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



## ଗଛ ଉପୁଡ଼ି ରାସ୍ତା ନଷ୍ଟ; ୭୦ ପରିବାରଙ୍କ ଯାତାୟାତ ଠପ୍

### ସ୍କୁଲ ଗାଡ଼ି ଯାଇ ନ ପାରିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ

ବେତାଳିଗାଁ,୨୪।୯ (ସମିସ): ଲଗାଣ ବର୍ଷା ସାଙ୍ଗକୁ ପବନର ପ୍ରଭାବରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ରଇପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥବାଡ଼ି ଗ୍ରାମର ମୁଖ୍ୟ ଯାତାୟାତ ରାସ୍ତା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ରାସ୍ତାକଡ଼ରେ ଥିବା ଏକ ବିରାଟ ଓସ୍ତ ଗଛ ବିଳମ୍ବିତ ରାତିରେ ମୂଳ ସହ ଉପୁଡ଼ି ପଡ଼ିବାରୁ ରାସ୍ତାର ଏକ ବଡ଼ ଅଂଶ ଭାଙ୍ଗିଯିବା ସହ ଏଠାରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଜଗନ୍ନାଥବାଡ଼ି ଗ୍ରାମକୁ ଯାତାୟାତ ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ଗ୍ରାମରେ ପ୍ରାୟ ୭୦ଟି ପରିବାର ବସବାସ କରୁଥିବାରୁ ଦୈନନ୍ଦିନ ଯାତାୟାତ ନେଇ ଲୋକେ ବହୁ ସମସ୍ୟାରେ ପଡ଼ିଛନ୍ତି। ଏପରିକି ଛୋଟ ପିଲାମାନଙ୍କୁ ନେବାଆଣିବା କରୁଥିବା ସ୍କୁଲ ଗାଡ଼ି ମଧ୍ୟ ଗାଁ ଭିତରକୁ ଯାଇପାରୁ ନ ଥିବାରୁ ଅନେକ ପିଲା ସ୍କୁଲ ଯାଇପାରୁ ନାହାନ୍ତି। ଲଗାଣ ବର୍ଷା ଓ ପବନ ଯୋଗୁଁ ଘଟିଥିବା ଏହି ଘଟଣା ପରେ ରାସ୍ତାଟି ଶୀଘ୍ର ମରାମତି ନ ହେଲେ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ଆହୁରି ଦୁର୍ବିସହ ହେବାର ଆଶଙ୍କା ରହିଛି। ତେଣୁ ସମ୍ପୃକ୍ତ ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ଉପୁଡ଼ି ପଡ଼ିଥିବା ଗଛ ହଟାଇବା ସହ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



### ବଡ଼ ସରକାର ବାବାଙ୍କ ୧୨ତମ ଫାତେହା ଓ ମୁଶାଏରା ସମାରୋହ

# ପ୍ରତିକୂଳ ବର୍ଷା ପାଗ ସତ୍ତ୍ୱେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ଭଦ୍ରକ,୨୪।୯ (ସମିସ): ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାରନଗର ଖାନ୍‌କାହାଠାରେ ଗୁରୁବାର ବିଶିଷ୍ଟ ଧର୍ମଗୁରୁ ସୁଫି ହଜରତ ସୈୟଦ ଶାହା ନସିମ୍ ଅଖ୍ତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ୧୨ତମ ବାର୍ଷିକ ଫାତେହା ଓ ମୁଶାଏରା ପାଳିତ ହୋଇଯାଇଛି। ପ୍ରତିକୂଳ ପାଗ ଓ ପ୍ରବଳ ବର୍ଷାକୁ ଖାତିର୍ ନ କରି ଲକ୍ଷାଧିକ ଶ୍ରଦ୍ଧାଳୁ ଆମ ରାଜ୍ୟ ସହିତ କୋଲକାତା, ବିହାର, ଝାଡ଼ଖଣ୍ଡ, ହଇଦରାବାଦ, ଦିଲ୍ଲୀ, ଆଲ୍ଲାହାବାଦ, ମୁମ୍ବାଇ ଓ କାଶ୍ମୀରରୁ ଭକ୍ତମାନେ ଜନସମୁଦ୍ର ଭଳି ଆସି ପହଞ୍ଚିଥିଲେ। ପ୍ରତ୍ୟେକ ଭକ୍ତ ସଦ୍‌ଭାବନାର ପ୍ରତୀକ ଓ ଭାଇଚାରାକୁ ବଜାୟ ରଖି ଶାନ୍ତିଶୃଙ୍ଖଳା ସହିତ ଉତ୍ସବକୁ ସଫଳ କରିଥିଲେ।

ଉତ୍ସବର ପୂର୍ବଦିନ ବୁଧବାରରେ ଗୁଲ୍‌ସନେ ଗୌସପାକ ଟ୍ରଷ୍ଟ ଖାନକାହାଠାରେ ସଭାପତି ହାଜି ହାଫିଜ୍ ମହମ୍ମଦ ଇସହାକ, ସମ୍ପାଦକ ଶେଖ୍ ଅତା ମୋହିଦ୍ଦିନଙ୍କ ସଂଯୋଜନାରେ ଶିରିଣି ଭୋଗ ପାଇଁ ଫଳ ସାମଗ୍ରୀ ପହଞ୍ଚାଇ ଦେଇଥିଲେ ଏବଂ ଫଳକଟା ଆରମ୍ଭ ହୋଇଥିଲା। ଅର୍ଦ୍ଧରାତ୍ରିରେ ବଡ଼ ବାବାଙ୍କ ମଜାର (ସମାଧି) ପୀଠରେ ଜଳଲାଗି ଗୋସାଲଖନୀ (ସ୍ନାନ) କରି କମିଟି ତରଫରୁ ଫୁଲ ଚାଦର ଚଢ଼ାଯାଇଥିଲା। ଗୁରୁବାର ସକାଳ ନମାଜପାଠ ସାରି କୁରାନଖାନୀ, ମିଲାଦ ସରିଫ୍ ଏବଂ ବାର୍ଷିକ "ଫାତେହା' ଉତ୍ସବ ହୋଇ ସମସ୍ତ ଭକ୍ତଙ୍କୁ ଫଳପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ପ୍ରତ୍ୟେକ ଧର୍ମର ଅନୁଗାମୀ ଭକ୍ତମାନେ ଆସି ବାବାଙ୍କ ଦର୍ଶନ କରିଛନ୍ତି। ଭଦ୍ରକ ଏକ ଭାଇଚାରା ସହର ରହିଥିବାରୁ ଏଠି କୌଣସି ଭେଦଭାବ ରହେ ନାହିଁ। ଉତ୍ସବ ଦିନ ସକାଳୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଚାଦର ଶୋଭାଯାତ୍ରା କରି ମଜାରରେ ଫୁଲ ଚାଦର ଚଢ଼ାଇଥିଲେ। ଏହି ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗଦେଇ ବାବାଙ୍କୁ ଦର୍ଶନ କରିଥିଲେ ଓ ବଜମେ ହବିବ କମିଟିର ସଭାପତି ପୂର୍ବତନ ପାରିଷଦ ଅସରଫ ଅଲ୍ଲି ଖାନ, ସମ୍ପାଦକ ଇମ୍‌ତୀୟାଜ ଅଲି ଖାନ୍ ଓ ମିର୍ଜା ଏକ୍ରାମ ବେଗଙ୍କ ସଂଯୋଜନାରେ ଭକ୍ତମାନଙ୍କୁ ଲଙ୍ଗରର ବ୍ୟବସ୍ଥା କରିଥିଲେ। ଭକ୍ତମାନଙ୍କ ପାଇଁ ଖାନ୍‌କାହାଠାରେ ବିଭିନ୍ନ କମିଟି ତରଫରୁ ମାଗଣା ଚା' ଓ ସର୍ବତ ଷ୍ଟଲ୍, ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଥିଲେ। ଖାନ୍‌କାହାଠାରେ ରଙ୍ଗ ବେରଙ୍ଗର ଆଲୋକ ଓ ଆକର୍ଷଣୀୟ ଗେଟ୍ କରାଯାଇଥିଲା ଏବଂ ୩୦୦ରୁ ଊର୍ଦ୍ଧ୍ୱ ଦୋକାନର ମେଳା ପସରା ଜମିଥିଲା। କାଦରୀ ବିରାଦରାନ ଆନୁକୂଲ୍ୟରୁ ରାତି ୮ଟାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଜାତୀୟସ୍ତରର ଉର୍ଷେ-କାଦରିଆରେ ଧର୍ମସଭା ଓ ମୁଶାଏରା ଅନୁଷ୍ଠିତ ହୋଇଥିଲା। ଏହି ମୁଶାଏରାରେ କମିଟିର ଉପଦେଷ୍ଟା ଶେଖ୍ ହବିବୁଲ୍ଲା, ସଭାପତି ଜାବେଦ୍ ଅଖତର, ସମ୍ପାଦକ ଅଖ୍ତର ଅଲ୍ଲି ଖାନ, କାର୍ଯ୍ୟକାରୀ ସଭାପତି ଶେଖ୍ ଜାଫର, ଶେଖ୍ ନିୟାମାତୁଲ୍ଲା, ନାୟାବ ଅଖତର କାଦରୀ, ଆଦିଲ୍ କାଦରୀଙ୍କ ସଂଯୋଜନାରେ ଓ ମାଷ୍ଟର କବି ମୁସ୍ତାକ୍ ଗୌହରଙ୍କ ସଞ୍ଚାଳନରେ ଆରମ୍ଭ ହୋଇଥିଲା। ଏହି ଧର୍ମସଭାରେ ଆନ୍ତର୍ଜାତିକ ମୌଲାନା (ପଣ୍ଡିତ) ଖତିବେ ଆଜମ୍ ସୈୟଦ ମହମ୍ମଦ ରାସିଦ୍ ମାକ୍କୀ (କିଛୋଛା ସରିଫ୍), ଡ. ସୈୟଦ ଜିଆଉଦ୍ଦିନ ନକ୍ସବନ୍ଦୀ (ହଇଦରାବାଦ), ବରିଷ୍ଠ କବି ସୈୟଦ ଶଜର ଅଲ୍ଲି ମକନପୁରୀ (ୟୁପି), ୫୦ରୁ ଊର୍ଦ୍ଧ୍ୱ ମୌଲାନା(ପଣ୍ଡିତ) ଓ ସାଏର (କବି) ମାନେ ଯୋଗଦେଇ ବଡ଼ ସରକାର ବାବାଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ନିଜର ଦାୟିତ୍ୱ ଭଲଭାବେ ତୁଲାଇଥିଲେ ଏବଂ ବାବାଙ୍କ ସମସ୍ତ ଭକ୍ତଙ୍କୁ ସହଯୋଗ କରିଥିଲେ।



ପ୍ରତିକୂଳ ବର୍ଷା ପାଗ ସତ୍ତ୍ୱେ ଲକ୍ଷାଧିକ ଭକ୍ତଙ୍କ ସମାଗମ

### କେବଳ ଫଳକ ଟଙ୍ଗାଯାଇଛି; ନାମକୁ ମାତ୍ର ବିଜ୍ଞପିତ ଅଞ୍ଚଳ ପରିଷଦ ଗଠିତ

# କୁଢ଼କୁଢ଼ ଅଳିଆ; ପଚାପାଣି ଗନ୍ଧରେ ଫାଟିପଡୁଛି ଏନ୍‌ଏସି



ତିହିଡ଼ି,୨୪।୯ (ସମିସ)

ତିହିଡ଼ି ନୂଆ ଏନ୍‌ଏସି ହେଲା, କିନ୍ତୁ ବାସ୍ତବରେ ତିହିଡ଼ିବାସୀଙ୍କ ଭାଗ୍ୟରେ ଜୁଟିଛି କେବଳ ଅବହେଳା, ପ୍ରତାରଣା ଏବଂ ନର୍କ ଯନ୍ତ୍ରଣା। ସହର ସଫା, ସହର ଆଲୋକୀକରଣ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଭଳି ବଡ଼ବଡ଼ ଯୋଜନା ମିଥ୍ୟା ପ୍ରତିଶ୍ରୁତିରେ ସୀମିତ ରହିଛି। କିନ୍ତୁ ତିହିଡ଼ିର ଦ୍ରୁତ ବିକାଶ ହେଉଛି ବୋଲି କହି ମିଛ ଡିଣ୍ଡିମ ପିଟିବାରେ ସରକାରୀ ଦଳ ବ୍ୟସ୍ତ ଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ଏନ୍‌ଏସିର ମାନ୍ୟତା ମିଳିବା ପରେ ମଧ୍ୟ ଅଞ୍ଚଳବାସୀଙ୍କୁ ଆଜିଯାଏଁ ଏକ ବୁନ୍ଦା ବିଶୁଦ୍ଧ ପାନୀୟ ଜଳ ମିଳିପାରିନି। ପାନୀୟ ଜଳର କୌଣସି ସ୍ଥାୟୀ ବ୍ୟବସ୍ଥା ନ ହେବାରୁ ଲୋକେ ଜଳକଷ୍ଟର ସାମ୍ନା କରି ସର୍ବଦା ହନ୍ତସନ୍ତ ହେଉଛନ୍ତି। ତିହିଡ଼ି ବଜାରର ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ଜଳ ନିଷ୍କାସନର ବିଫଳତା। ଟିକିଏ ବର୍ଷା ହେଲେ ବଜାରରୁ ଜଳ ନିଷ୍କାସନ ହୋଇପାରୁନି ଫଳରେ ଚାରିଆଡ଼େ ପଚା ପାଣି ଜମି ରହି ବାତାବରଣକୁ ଅସହ୍ୟ ଏବଂ ରୋଗାକ୍ରାନ୍ତ କରି ପକାଉଛି। ଜଳ ନିଷ୍କାସନ ପାଇଁ ନାମକୁ ମାତ୍ର ଡ୍ରେନ୍ ନିର୍ମାଣ କରାଯାଇଛି। ମାତ୍ର ବର୍ଷା ଜଳ ତା' ଭିତରକୁ ଯାଇପାରୁ ନାହିଁ। ଦୋକାନୀମାନେ ଅଳିଆ ଆବର୍ଜନା ପକାଇବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଇ ନାହିଁ। ବାଧ୍ୟ ହୋଇ ଦୋକାନୀମାନେ ଏଣେତେଣେ ଅଳିଆ ପକାଉଛନ୍ତି ଏବଂ ଜଳ ନିଷ୍କାସନ ପାଇଁ ନିର୍ମିତ ଡ୍ରେନ୍‌ରେ ଥିବା ଜଳ ରନ୍ଧ୍ରଗୁଡ଼ିକ ଅଳିଆ ଆବର୍ଜନା ପକାଇବା ଯୋଗୁଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳସ୍ୱରୂପ ସମ୍ପୂର୍ଣ୍ଣ ତିହିଡ଼ି ବଜାର ଏକ ଅଳିଆ ଗଦାରେ ପରିଣତ ହେବା ସହ ଜଳ ନିଷ୍କାସନର ସମସ୍ୟା ସୃଷ୍ଟି କରୁଛି।

ସନ୍ଧ୍ୟା ହେଲେ ପୂରା ଅଞ୍ଚଳ ଅନ୍ଧାରରେ ବୁଡ଼ି ରହୁଛି। ରାସ୍ତାକଡ଼ରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ କାମ କରୁ ନ ଥିବାରୁ ସାଧାରଣ ଲୋକେ ଏବଂ ମହିଳାମାନେ ରାତିରେ ଯାତାୟାତ କରିବାକୁ ଭୟ କରୁଛନ୍ତି ଏବଂ ଅନ୍ଧାରର ସୁଯୋଗ ନେଇ ବାଇକ୍ ଚୋରି ଛିନ୍‌ତାଇ ବଢ଼ିବାରେ ଲାଗିଛି। କେବଳ ବଡ଼ ବଡ଼ ସଭା ସମିତି, ଫଳକ ଲଗାଇବା ଏବଂ ବାହାସ୍ଫୋଟ ମାରିବାରେ ସରକାରୀ ବାବୁ ଓ ନେତାମାନେ ସୀମିତ ରହିଛନ୍ତି। ସାଧାରଣ ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି କାହାରି ନଜର ନାହିଁ। ଏନ୍‌ଏସି ଗଠନ ନାଁରେ କେବଳ ଲୋକଙ୍କୁ ଠକାଯାଉଛି। ପାନୀୟ ଜଳ ବୁନ୍ଦେ ମିଳୁନି, ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପଚା ପାଣି ଜମୁଛି ଏବଂ ବଜାର ଅଳିଆ ଗଦା ପାଲଟିଛି ବୋଲି ଜଣେ ସ୍ଥାନୀୟ ବାସିନ୍ଦା ଗଭୀର କ୍ଷୋଭ ପ୍ରକାଶ କରି କରିଛନ୍ତି।

ତିହିଡ଼ି ପ୍ରଶାସନର ଏଭଳି ଦାୟିତ୍ୱହୀନତା ଏନ୍‌ଏସିର ଏବଂ ପ୍ରଶାସନିକ ଅଚଳାବସ୍ଥା ବିରୋଧରେ ତିହିଡ଼ି ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଯଦି ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ନ ଦିଏ ତେବେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧରେ ବଡ଼ଧରଣର ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ସେମାନଙ୍କ ମତରେ...



ଖାଲି ଭାଷଣରେ ସୀମିତ ରହିଛି ବିକାଶ। ରାଜ୍ୟ ରାଜପଥରେ ଅଳିଆ, କାଦୁଅ, ପଚାପାଣି ଜମାହୋଇ ରହୁଛି। ଟ୍ରାଫିକ୍ ସମସ୍ୟା ନ କହିବା ଭଲ। କମିବ କ'ଣ ବଢ଼ିଚାଲିଛି। ସରକାର ଯଦି ସମସ୍ୟା ଦୂର ନ କରନ୍ତି କଂଗ୍ରେସ ଆନ୍ଦୋଳନ କରିବ।

**ସରୋଜ କୁମାର ଦାସ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି**



ନୂଆ ସରକାର ଆସିବାର ୨ ବର୍ଷରୁ ଅଧିକ ହେଲାଣି ବିକାଶ କେବଳ ପ୍ରତିଶ୍ରୁତି ଭାଷଣରେ ସୀମିତ ରହିଛି। ସାଧାରଣ ଲୋକ ପିଇବା ପାଣି ଟିକେ ପାଉନାହାନ୍ତି। ଦୁଇ ବର୍ଷ ହେବ ତିହିଡ଼ି ବଜାର ଅନ୍ଧାରରେ ରହୁଛି। ଡ୍ରେନେଜ୍ କାମ ସରିବା ଆଗରୁ ଭାଙ୍ଗିଗଲାଣି। ରାସ୍ତାର ଦୁଇ ପାଖରେ କାଦୁଅ, ଅଳିଆ ପଚା ଗନ୍ଧରେ ଫାଟି ପଡୁଛି। ସରକାର ଏହି ମୁଖ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେବା ଦରକାର।

**ସଂଗ୍ରାମ ଦାସ, ପୂର୍ବତନ ସମିତିସଭ୍ୟ, ଭାଟପଡ଼ା**



ପ୍ରତ୍ୟେକ ଦିନ ଦୁଇ ଟ୍ରିପ୍ ଅଳିଆ ଯାଉଛି। ଟେଣ୍ଡର ହେଲା ପରେ ଅଧିକ ଗାଡ଼ି ବଢ଼ିବ। ଆସ୍ତେ ଆସ୍ତେ ସମସ୍ୟା ଦୂର ହେବ। ଷ୍ଟ୍ରିଟ୍‌ଲାଇଟ୍ ପାଇଁ ଅନୁଦାନ ସରକାର ଯୋଗେଇ ଦେଇଛନ୍ତି। ଲାଇଟ୍ ସମସ୍ୟା ରହିବ ନାହିଁ। ଏହି ଅଳ୍ପ ଦିନ ହେବ ଏନ୍‌ଏସି ଗଠନ ହୋଇଛି। ଡ୍ରେନେଜ୍ ସମସ୍ୟା ମୋ ବିଭାଗ ନୁହେଁ, ପିଇବା ପାଣି ସମସ୍ୟା କିଛି ଦିନ ପରେ ଦୂର ହେବ।

**ନିରଞ୍ଜନ ବାରିକ, ବିଡିଓ ତଥା ଏନଏସି ନିର୍ବାହୀ ଅଧିକାରୀ**

## ପାଣି ପମ୍ପ୍ ଚୋରି ମାମଲାରେ ଅଭିଯୁକ୍ତ ଗିରଫ



ବନ୍ତ/ଆଗରପଡ଼ା,୨୪।୯ (ସମିସ): ଭଦ୍ରକ ଜିଲ୍ଲା ବନ୍ତ ଥାନା ପୁଲିସ ଏକ ପାଣି ପମ୍ପ୍ ଚୋରି ମାମଲାର ପର୍ଦ୍ଦାଫାସ୍ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଅଗରପଡ଼ା ଥାନା ଧୋବାଗଡ଼ିଆ ଗ୍ରାମର ଗଣେଶ ସାହୁଙ୍କ ପୁଅ ମାଧ ଓରଫ ରାଧାକାନ୍ତ ସାହୁ (୨୪) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତ ୧୬.୪.୨୦୨୫ ରିଖ ବିଳମ୍ବିତ ରାତି ପ୍ରାୟ ୧୦ଟା ୩୦ରେ ଓଡ଼ଙ୍ଗ ଗ୍ରାମର ରମାକାନ୍ତ ପଢ଼ିହାରୀଙ୍କ ପନିପରିବା ଚାଷ ଜମିରୁ ଜଳସେଚନ ପାଇଁ ବ୍ୟବହୃତ ଏକ ପାଣି ପମ୍ପ୍ ଚୋରି ହୋଇଥିଲା। ଏହି ସମ୍ପୂର୍ଣ୍ଣ ଚୋରି ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏ ନେଇ ରମାକାନ୍ତ ବନ୍ତ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ୍ ନମ୍ବର ୭୭/୨୦୨୫ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ପୁଲିସ ସାକ୍ଷୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ରାଧାକାନ୍ତଙ୍କ ନିକଟରୁ ଚୋରି ହୋଇଥିବା ପମ୍ପ୍‌ଟିକୁ ଉଦ୍ଧାର କରିବା ସହ ଜବତ କରିଛି। ସେ ଆଉ ଜଣେ ସହଯୋଗୀଙ୍କ ସହ ମିଶି ଏହି ଚୋରି କରିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ବନ୍ତ ଥାନା ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ଏସ୍‌ଏମ୍‌ସି ଆପ୍ରୁଭାଲ ପାଇଁ ମାସ ମାସ ଧରି ବିଇଓଙ୍କ ଅଫିସରେ ଫାଇଲ୍ ପଡ଼ିଛି

ବାସୁଦେବପୁର,୨୪।୯ (ସମିସ): ବାସୁଦେବପୁର ବ୍ଲକ୍ ଏଡତାଳ ପଞ୍ଚାୟତ ଭାସ୍କରଚନ୍ଦ୍ର ହାଇସ୍କୁଲର ବିଦ୍ୟାଳୟ ପରିଚାଳନା କମିଟିର ଗଠନ ହେବାର ମାସ ମାସ ବିତିଯାଇଥିଲେ ମଧ୍ୟ ଆପ୍ରୁଭାଲ୍ ପାଇଁ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଫିସରେ ଗଡୁଛି ଫାଇଲ୍। ଭାସ୍କରଚନ୍ଦ୍ର ହାଇସ୍କୁଲର ବିଦ୍ୟାଳୟ ପରିଚାଳନା କମିଟିର ଗଠନ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଓ ସାମ୍ବିଧାନିକ ଅଧିକାରରେ ସ୍ୱତନ୍ତ୍ର ଅଧିବେଶନ ଜରିଆରେ ସମସ୍ତ ନୀତି ଓ ନିୟମାବଳୀ ଆଧାରରେ ସ୍ୱଚ୍ଛତାର ସହିତ ପିଟିଏରୁ ସଦସ୍ୟ ଓ ସଦସ୍ୟା ଚୟନ ପରେ ଏସ୍‌ଏମ୍‌ସିର ଅଧକ୍ଷତା ଏ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। କେଉଁ କାରଣରୁ ବ୍ଲକ୍ ଶିକ୍ଷାଧିକାରୀ ୫ ମାସ ହେବ ଆପ୍ରୁଭାଲ ନ ଦେଇ ଫାଇଲ୍ ପକାଇ ରଖିଛନ୍ତି। କାହା ଚାପରେ ଚେପା ହୋଇ ବ୍ଲକ୍ ଶିକ୍ଷାଧିକାରୀ ଅଟକାଇ ରଖିଛନ୍ତି ବୋଲି ଏଡତାଳ ସରପଞ୍ଚ ଜୟଶ୍ରୀ ପଲାଇ ପ୍ରଶ୍ନ କରିଛନ୍ତି। କମିଟିକୁ ନେଇ ଗ୍ରାମବାସୀ ଓ କମିଟିର ସଦସ୍ୟମାନେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ଏବିଇଓଙ୍କୁ ପଚାରିବାରୁ ସେ କହିଲେ ନିୟମ ଅନୁସାରେ କମିଟି ଗଠନ କରିବାକୁ ହେଲେ ସମସ୍ତ ଅଭିଭାବକ ନୋଟିସ ପାଇବା କଥା। ଏସ୍‌ଏମ୍‌ସିର ଜଣେ ଅଭିଭାବକ ନୋଟିସ ପାଇ ନ ଥିବାର ଅଭିଯୋଗ ହୋଇଛି। ସବୁ ଦିଗରୁ ବିଶ୍ଳେଷଣ କରାଯାଇ ନିଷ୍ପତ୍ତି ନିଆଯିବ।

### ● ଗଣେଶ ଭସାଣିରେ ଡିଜେ ସାଉଣ୍ଡକୁ ନେଇ ଗଣ୍ଡଗୋଳ

## ଦୁଇ ଗୋଷ୍ଠୀ ମଧ୍ୟରେ ହଣାକଟା; ୭ ଗୁରୁତର

ଧାମନଗର,୨୪।୯ (ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ଥାନା ନିକଟସ୍ଥ ତାଳପଦା ଗ୍ରାମ ଜେନାସାହିରେ ବୁଧବାର ଗଣେଶ ଭସାଣିରେ ଡିଜେ ସାଉଣ୍ଡକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ ନେଇ ପୁଣି ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ଓ ହଣାକଟା ହୋଇ ୭ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ଧାମନଗର ଥାନା ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ନାରାୟଣ ନାୟକ ଓ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ପ୍ରଥମେ ଧାମନଗର ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ପଠାଯାଇଛି।



ସୂଚନାନୁଯାୟୀ, ଜେନାସାହିର ଗଣେଶ ଭସାଣି ବେଳେ ଦୁଇ ଗୋଷ୍ଠୀର ଡିଜେ ସାଉଣ୍ଡକୁ ନେଇ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଗ୍ରାମରେ କେଉଁ ଡିଜେ ଅଧିକ ଜୋର୍‌ରେ ବାଜିଥିଲା ତାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ଉଭୟ ପକ୍ଷ ମଧ୍ୟରେ ମାର୍‌ପିଟ୍ ଓ ମାରଣାସ୍ତ୍ରରେ ହଣାହଣି ହୋଇଥିବା ସୂଚନା ମିଳିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଘଟଣାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରୁ ୭ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଏହି ୭ ଜଣ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ କିଛି ଲୋକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଗ୍ରାମରେ ପୁଲିସ ମୁତୟନ ହୋଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସିଙ୍କଠାରୁ ସୂଚନା ମିଳିଛି।

## ଋଣ ଛାଡ଼ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଆରଡ଼ି,୨୪।୯ (ସମିସ): ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଚାନ୍ଦବାଲି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଚାଷବାସ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବିଶେଷକରି ସୁନ୍ଦରପୁର, ଆରଡ଼ି, ନାନ୍ଦପୁର, ଓଳଗ ପଞ୍ଚାୟତରେ ଶାରଦ ଧାନ ଫସଲ ବନ୍ୟାଜଳରେ ନଷ୍ଟ ହୋଇଥିବାରୁ ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି।



ଏପରିସ୍ଥଳେ ଚାଷ ପାଇଁ ନିଆଯାଇଥିବା ଋଣ ଛାଡ଼ କରିବା ସହ ଆଗାମୀ ଡାଲୁଅ ଓ ଟାଇଚୁଙ୍ଗ ଚାଷ ପାଇଁ ପୁନର୍ବାର ଋଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ନାନ୍ଦପୁର ପଞ୍ଚାୟତର ଚାଷୀଙ୍କ ଏକ ପ୍ରତିନିଧି ଦଳ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ।

ଚାଷୀମାନେ ବିଭିନ୍ନ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କରୁ ଋଣ ଆଣି ଶାରଦ ଧାନ ଚାଷ କରିଥିଲେ। ହେଲେ ବାରମ୍ବାର ବନ୍ୟା ଯୋଗୁଁ ଫସଲ ନଷ୍ଟ ହୋଇଯିବାରୁ ଋଣ ପରିଶୋଧ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି ବୋଲି ପ୍ରତିନିଧି ଦଳ ଜଣାଇଥିଲେ। ଚାଷୀମାନଙ୍କ ଦାବି ମଧ୍ୟରେ ବର୍ତ୍ତମାନର କୃଷି ଋଣ ଛାଡ଼, ନଷ୍ଟ ହୋଇଥିବା ଫସଲର ଉପଯୁକ୍ତ କ୍ଷତିପୂରଣ ଏବଂ ଆଗାମୀ ଡାଲୁଅ ଓ ଟାଇଚୁଙ୍ଗ ଚାଷ ପାଇଁ ସହଜ ସର୍ତ୍ତରେ ନୂତନ ଋଣ ପ୍ରଦାନ ଅନ୍ୟତମ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ ଚାଷୀଙ୍କ ଦାବିପତ୍ର ଗ୍ରହଣ କରିବା ସହ ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି କହିଥିଲେ। ଏଥିସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ ବୋଲି ସେ ଚାଷୀ ପ୍ରତିନିଧିଙ୍କୁ ଆଶ୍ୱାସନା ଦେଇଥିଲେ। ପ୍ରତିନିଧି ଦଳରେ କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ, ମୋହନ ଚରଣ ରାୟ, ସୁଦେଶ ପଣ୍ଡା, ପ୍ରସନ୍ନ ଜେନା, ଭଗବାନ ମାଝୀ, ସପନ ନାୟକ, ହେମାନନ୍ଦ ବିଶ୍ୱାଳ, ଚୌଧୁରୀ ଭଞ୍ଜ, ସ୍ୱାଧୀନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଚାଷ ନଷ୍ଟ ଓ ଚାଷୀଙ୍କ ଆର୍ଥିକ କ୍ଷତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

## ସହିଦଙ୍କ ସ୍ମୃତି ବଖାଣୁଛି ସହିଦନଗର



ଅସୁରାଳି,୨୪।୯ (ସମିସ): ଚଳିତ ବର୍ଷ ସହିଦ ସ୍ମୃତି ରକ୍ଷା କମିଟି ପକ୍ଷରୁ ୮୪ତମ ଶ୍ରଦ୍ଧାଞ୍ଜଳି ଉତ୍ସବ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା, ସମାଜସେବୀ, ସାମାଜିକ ସଂଗଠନ ପକ୍ଷରୁ ଦିନ ତମାମ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଭାଗିରଥି କନକ ମେମୋରିଆଲ ଟ୍ରଷ୍ଟ କୋଠାର ପକ୍ଷରୁ ସହିଦ ପୀଠରେ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ଅଧ୍ୟାପକ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ସହିଦ୍ ସ୍ତମ୍ଭ ତଥା ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ଉପଦେଷ୍ଟା ମାଖନଲାଲ ଗୁପ୍ତା, ଡ. ନିମାଇଁ ନାୟକ, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ରତିକାନ୍ତ ନାୟକ, ଅନନ୍ତ ସାହୁ, ଦିବ୍ୟଦର୍ଶନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଆଇଜିଏମ୍ କଲେଜରେ ଏନ୍‌ଏସ୍‌ଏସ୍ ଦିବସ



ଧୂଷୁରୀ,୨୪।୯ (ସମିସ): ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଭାଗିରଥି ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ପୂର୍ବତନ ଅଧକ୍ଷ ଡ. ରାଜ କିଶୋର ନାୟକ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ ଉପସ୍ଥିତ ରହି ଏନ୍‌ଏସ୍‌ଏସ୍‌ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ କମଳଲୋଚନ ମଲିକ ପିଲାମାନଙ୍କୁ ଏନ୍‌ଏସ୍‌ଏସ୍ ଉପଯୋଗିତା ଓ ଅଂଶ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ନରେନ୍ଦ୍ର କୁମାର ସାହୁ ଏନ୍‌ଏସ୍‌ଏସ୍‌ର ଇତିହାସ ଓ ଅଭିବୃଦ୍ଧି ସମ୍ବନ୍ଧରେ ଆଲୋକପାତ କରିଥିଲେ।

### ସ୍କୁଲରେ ତାଲା ପକାଇ ଭୋଜି ଖାଇବାକୁ ଗଲେ ଶିକ୍ଷକ-ଶିକ୍ଷୟିତ୍ରୀ

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବାସୁଦେବପୁର,୨୪।୯ (ସମିସ)

ବାସୁଦେବପୁର ବ୍ଲକ୍ ତେନ୍ତୁଳିଆ ସରକାରୀ ପ୍ରାଥମିକ ସ୍କୁଲ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସ୍କୁଲର ତାଲା ପକାଇ ଭୋଜି ଖାଇବାକୁ ଯାଇଥିବାର ବିଇଓଙ୍କଠାରେ ଅଭିଯୋଗ ହୋଇଥିଲା। ଦୀର୍ଘ ୬ଦିନ ବିତି ଯାଇଥିଲେ ମଧ ବ୍ଲକ୍ ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ବିଶ୍ୱକର୍ମା ପୂଜା ଦିନ ମଧ୍ୟାହ୍ନରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ଘରକୁ ପଠାଇ ଦେଇଥିଲେ। ସ୍କୁଲ ଫାଟକରେ ତାଲା ପକାଇ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସ୍କୁଲଠାରୁ ୫ କିଲୋମିଟର ଦୂରତା ଚୂଡ଼ାମଣୀ ଘାଟ ପାଖକୁ ଭୋଜି ଖାଇବାକୁ ଚାଲିଗଲେ। ଏହି ଘଟଣା ସମ୍ପର୍କରେ ବାସୁଦେବପୁର ବ୍ଲକ୍ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଶ୍ୱକର୍ମା ପୂଜା ଦିନ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧିମାନେ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲେ। ବିଦ୍ୟାଳୟର ସିଆର୍‌ସିସି ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଦୀର୍ଘ ୫ ଦିନ ଅତିକ୍ରମ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ପାଟଣାମିଶ୍ରପୁର ସ୍କୁଲର ଗତ ୩ ତାରିଖ ଦିନ ଶିକ୍ଷକ କ୍ଲାସ୍ ଛାଡ଼ି ମୋବାଇଲ୍‌ରେ ଗପୁଥିବାର ଫଟୋ ବିଇଓଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବ ଦିନ ଗ୍ରାମବାସୀ ଶିକ୍ଷକ ଅଧିକ ମଧ୍ୟାହ୍ନ ଭୋଜନ ମିଲ୍ ପକାଇ ହଡ଼ପ କରୁଥିବାର ଧରି ଅଟକ ରଖିଥିଲେ। ସବୁ ଜାଣି ଠୋସ୍ ଅଭିଯୋଗ ପାଇ ମଧ୍ୟ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଶୂନ୍। ଫଳରେ ବାସୁଦେବପୁର ବ୍ଲକ୍‌ର ଅଧିକାଂଶ ଶିକ୍ଷକ ଅଧାରୁ ସ୍କୁଲ ଛାଡ଼ି ଘରକୁ ପଳାଇ ଆସୁଛନ୍ତି। କିଛି ଶିକ୍ଷକ ନିଶାସକ୍ତ ଅବସ୍ଥାରେ ସ୍କୁଲକୁ ଯାଉଛନ୍ତି। ଏଭଳି ଏନେକ ଅଭିଯୋଗ ସତ୍ତ୍ୱେ ସ୍ଥାଣୁ ପାଲଟିଛି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ସରକାରଙ୍କ ବହିରେ ହଜାରେ ଭୁଲ୍‌କୁ ଶିକ୍ଷକଙ୍କ ଉଶୃଙ୍ଖଳ ଆଚରଣ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ଅଭିଭାବକମାନେ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି।

## ଐତିହାସିକ ଜଗନ୍ନାଥ ପଟ୍ଟନାୟକଙ୍କ ୨୪ତମ ସ୍ମୃତି ସନ୍ଧ୍ୟା



ଭଦ୍ରକ,୨୪।୯ (ସମିସ): ଐତିହାସିକ ଜଗନ୍ନାଥ ପଟ୍ଟନାୟକ ଜୀବଦ୍ଦଶାରେ ନିଜକୁ ଇତିହାସ ଭିତ୍ତିକ ରଚନା ସୃଷ୍ଟିରେ ନିୟୋଜିତ କରି ଚିରନମସ୍ୟ ହୋଇଛନ୍ତି। ତାଙ୍କ ପାଇଁ ଇତିହାସ ରଚନା କେବଳ ଏକ ବୃତ୍ତି ନ ଥିଲା; ଏହା ଥିଲା ତାଙ୍କ ଜୀବନର ଅଭିନ୍ନ ଅଂଶ। ଗବେଷଣା ଓ ଶିକ୍ଷାଦାନ ମାଧ୍ୟମରେ ସେ ଅନେକ ପିଢ଼ିକୁ ଇତିହାସ ପ୍ରତି ଆକୃଷ୍ଟ କରିଥିଲେ ବୋଲି ୨୪ତମ ସ୍ମୃତି ସନ୍ଧ୍ୟାରେ ଯୋଗଦେଇ ଐତିହାସିକ ଓ ଗବେଷକମାନେ ମତ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଶୁଭମ୍ ନର୍ସିଂ କଲେଜ ପରିସରରେ ଆୟୋଜିତ ଏହି ସ୍ମୃତି ସନ୍ଧ୍ୟାରେ ଅବସରପ୍ରାପ୍ତ ଅଧ୍ୟାପକ ରତିକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ, ଐତିହାସିକ ଦୃଷ୍ଟିକୋଣ ଓ ସମାଜ ପ୍ରତି ତାଙ୍କ ଅବଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି ଡ. ପ୍ରଦୀପ ନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିବା ସହ ଜଗନ୍ନାଥ ପଟ୍ଟନାୟକଙ୍କ ଜୀବନାଦର୍ଶର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉତ୍ତର ଓଡ଼ିଶା ଇତିହାସ କଂଗ୍ରେସ ସଭାପତି ତଥା ଗବେଷକ ଡ. ଭାଗବତ ତ୍ରିପାଠୀଙ୍କୁ ସ୍ମୃତି ସମ୍ମାନ-୨୦୨୫ ଓ ଅବସରପ୍ରାପ୍ତ ଅଧ୍ୟାପକ ତଥା ଅଧକ୍ଷ ଡ. ପ୍ରଭାତ ମହାନ୍ତିଙ୍କୁ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। କବି ବିଜୟ କୁମାର ବହଳି ଓ କବି ଶରତ ଜେନା ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଦତ୍ତାତ୍ରେୟ ଦାସଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠାନ ସହ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ, ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ଦୁଃଶାସନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ଦାସ, ଶାନ୍ତନୁ ରାଉତ, ସୁଧାକର ରାଉତ, ଗୌରାଙ୍ଗ ଚନ୍ଦ୍ର ବାରିକ, ପ୍ରତାପ ଚନ୍ଦ୍ର ନାୟକ, ଗୀତାରାଣୀ ଆଇଚ, ଦିଲ୍ଲୀପ ନାୟକ, ଲକ୍ଷ୍ମୀକାନ୍ତ ବାରିକ, ଅରୂପାନନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାଣି ଟାଙ୍କି ହତାରେ ବନ୍ଦୀ ଗୋ-ବଂଶ

ବନ୍ତ/ଆଗରପଡ଼ା,୨୪।୯ (ସମିସ)

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ କେନ୍ଦୁଆପଦା ପଞ୍ଚାୟତରୁ ଏକ ଅମାନୁଷିକ ତଥା ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଯାହା ଗୋ-ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଗଣ୍ଡଗରା ଗ୍ରାମରେ "ବସୁଧା ଯୋଜନା' ଅଧୀନରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ହତା ମଧ୍ୟରେ ବ୍ୟାପକ ସଂଖ୍ୟକ ଷଣ୍ଢ ଓ ଗୋବଂଶଙ୍କୁ ଆବଦ୍ଧ କରି ରଖାଯାଇଥିବା ଦେଖିବାକୁ ମିଳିଛି।



ଖବରରୁ ପ୍ରକାଶ ଯେ, ସେଠାରେ ରଖାଯାଇଥିବା ଗୋ-ବଂଶ ପାଇଁ କୌଣସି ପ୍ରକାର ଖାଦ୍ୟ କିମ୍ବା ପାନୀୟ ଜଳର ବ୍ୟବସ୍ଥା ନାହିଁ। 'ବସୁଧା' ପ୍ରକଳ୍ପର ଫାଟକ ବନ୍ଦ କରାଯାଇ ତା' ଭିତରେ ବହୁ ସଂଖ୍ୟକ ଗୋରୁଙ୍କୁ ଆବଦ୍ଧ କରି ରଖାଯାଇଥିବା ବେଳେ ଖାଦ୍ୟ ଓ ପାଣି ଅଭାବରୁ ସେମାନେ ଭୋକ ଉପାସରେ ଛଟପଟ ହେଉଛନ୍ତି। ଗତ ଦୁଇ ଦିନ ହେଲାଣି ଲଗାଣ ବର୍ଷା ଜାରି ରହିଥିବାବେଳେ ଏହି ପ୍ରବଳ ବର୍ଷାରେ ବି ସେମାନେ ସେଠାରେ ଭିଜିଭିଜି ପଡ଼ି ରହିଥିବା ଜଣାପଡ଼ିଛି। ଏଭଳି ଦୁର୍ଦ୍ଦଶାଜନକ ସ୍ଥିତିରେ ସେମାନେ ଛଟପଟ ହେଉଥିଲେ ବି ଏଥିପ୍ରତି କାହାରି ନଜର ନାହିଁ। ଯଦିଓ ନିଜର ଫସଲ ସୁରକ୍ଷା ପାଇଁ ସ୍ଥାନୀୟ ଚାଷୀ ଏହି ଷଣ୍ଢଗୁଡ଼ିକୁ ଆଣି ଏଠାରେ ରଖିଛନ୍ତି, ତଥାପି ସେମାନଙ୍କର ଉଚିତ୍ ଯତ୍ନ, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିବା ସେମାନଙ୍କର କର୍ତ୍ତବ୍ୟ ନୁହେଁ କି ବୋଲି ଗୋପ୍ରେମୀମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏହି ଗମ୍ଭୀର ସମସ୍ୟା ପ୍ରତି ଏହି ସ୍ଥିତିରେ, ସ୍ଥାନୀୟ ପୁଲିସ୍ ପ୍ରଶାସନର ନିରବତାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ଭୋକ ଉପାସରେ ଛଟପଟ; ଗୋ-ମାଫିଆଙ୍କୁ ଚାଲାଣ ନେଇ ଅଭିଯୋଗ

ଦୃଷ୍ଟି ଦେବା ନିହାତି ଜରୁରୀ ହୋଇପଡ଼ିଛି। ସବୁଠାରୁ ଚିନ୍ତାଜନକ ଅଭିଯୋଗ ହେଉଛି, ଏହି ଅବହେଳାର ଆଢୁଆଳରେ ଏକ ବଡ଼ ଗୋ-ମାଫିଆ ଗ୍ୟାଙ୍ଗ୍ ସକ୍ରିୟ ଥିବା ପରି ମନେହେଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତିରେ କେତେକ ମୁଷ୍ଟିମେୟ ଲୋକ ଓ ସଂଗଠିତ ଗୋ-ମାଫିଆମାନେ ଫାଟକ ଖୋଲି ଏହି ହତା ମଧ୍ୟରୁ ସୁରୁଖୁରୁରେ ଷଣ୍ଢଗୁଡ଼ିକୁ ଏଠାରୁ ଚାଲାଣ କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ ଓ ଗୋ-ପ୍ରେମୀମାନେ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ଏବଂ ପ୍ରଶାସନିକସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଯଥାଶୀଘ୍ର ଏହି ଗୋବଂଶମାନଙ୍କୁ ଖାଦ୍ୟ, ପାନୀୟ ଏବଂ ଉଚିତ୍ ଆଶ୍ରୟ ପ୍ରଦାନ କରିବା ସହ ବେଆଇନ ଗୋ-ଚାଲାଣ କରୁଥିବା ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି।

### ମୃତଦେହ ଛୁଇଁଲେନି ପରିବାର

# ମାନବିକତା ଦେଖାଇ ବୋହିଲେ ଯଶିପୁର ଥାନାଧିକାରୀ

ଯଶିପୁର,୨୪।୯ (ସମିସ)

ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ପରେ ମୃତଦେହକୁ ପରିବାର ଲୋକେ ଛୁଇଁବାକୁ ମନା କରିଥିବାବେଳେ ଏଭଳି ଦୁଃଖଦ ସମୟରେ ମାନବିକତାର ପରିଚୟ ଦେଇଛି ଯଶିପୁର ପୁଲିସ। ଯଶିପୁର ଥାନା ଅଧିକାରୀ ରାଜେଶ କୁମାର ସେଠୀ ନିଜେ ଆଗକୁ ଆସି ଅନ୍ୟ ପୁଲିସ କର୍ମଚାରୀଙ୍କ ସହଯୋଗରେ ମୃତଦେହକୁ ବୋହି ଆଣିବା ସହ ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଘଟଣାଟି ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ପୁଲିସର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନ ଭଣ୍ଡାରିପୋଷି ଗ୍ରାମର ଦୁଃଖିନି ଦେହୁରୀ ନାମକ ଜଣେ ବୃଦ୍ଧା



ଗତକାଲି ନିକଟସ୍ଥ ଜଙ୍ଗଲକୁ ଡାଳ ସଂଗ୍ରହ କରିବା ପାଇଁ ଯାଇଥିଲେ। ସେଠାରେ ସାପ କାମୁଡ଼ିବାରୁ ବୃଦ୍ଧାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ଯଶିପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ମୃତଦେହକୁ ଜବତ କରିବା ସହ ଘଟଣାର ଆବଶ୍ୟକ ତଦନ୍ତ ଆରମ୍ଭ କରିଥିଲା। ତେବେ ମୃତଦେହ ନିକଟରେ ପରିବାର ଲୋକେ ଥିଲେ ମଧ୍ୟ କୌଣସି କାରଣବଶତଃ ସେମାନେ ମୃତଦେହକୁ ଛୁଇଁବାକୁ ମନା କରିଥିଲେ। ଏଭଳି ପରିସ୍ଥିତିରେ ଯଶିପୁର ଥାନା ଅଧିକାରୀ ରାଜେଶ ସେଠୀ ନିଜେ ଆଗକୁ ଆସିଥିଲେ। ଅନ୍ୟ ପୁଲିସ କର୍ମଚାରୀଙ୍କ ସହଯୋଗରେ ସେ ଘଟଣାସ୍ଥଳରୁ ବୃଦ୍ଧାଙ୍କ ମୃତଦେହକୁ ବୋହି ଆଣିଥିଲେ। ପରେ ନିୟମାନୁଯାୟୀ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ସାଧାରଣତଃ ପୁଲିସର ଦାୟିତ୍ୱକୁ ଆଇନଶୃଙ୍ଖଳା ରକ୍ଷା ଓ ତଦନ୍ତ ସହ ଯୋଡ଼ାଯାଏ। କିନ୍ତୁ ଏହି ଘଟଣାରେ ଜଣେ ମୃତକଙ୍କ ପ୍ରତି ସମ୍ମାନ ଓ ମାନବିକତା ପ୍ରଦର୍ଶନ କରି ଯଶିପୁର ପୁଲିସ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଛି। ଦୁଃଖଦ ପରିସ୍ଥିତିରେ ପୁଲିସ ଅଧିକାରୀଙ୍କ ଏହି ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ପ୍ରଶଂସାର ସ୍ୱର ଶୁଣିବାକୁ ମିଳିଛି। ଏହି ଘଟଣା ମାଧ୍ୟମରେ ମାନବିକତା କେବଳ କଥାରେ ନୁହେଁ, ବରଂ ଆବଶ୍ୟକ ସମୟରେ କାର୍ଯ୍ୟରେ ମଧ୍ୟ ପ୍ରକାଶ ପାଏ ବୋଲି ପ୍ରମାଣିତ ହୋଇଛି। ଆଇନଶୃଙ୍ଖଳା ରକ୍ଷା ସହ ମୃତକଙ୍କ ପ୍ରତି ସମ୍ମାନ ଦେଖାଇ ଯଶିପୁର ପୁଲିସର ଏହି ପଦକ୍ଷେପ ସାଧାରଣ ଲୋକଙ୍କ ମନରେ ଏକ ସକାରାତ୍ମକ ବାର୍ତ୍ତା ଦେଇଛି।

### ସ୍ଥାନାନ୍ତରିତ ବାଘୁଣୀ 'ଯମୁନା'

# ୧୧ ମାସ ପରେ ବି ଚିହ୍ନଟ କରିନି ନିଜ ନିର୍ଦ୍ଦିଷ୍ଟ ଅଞ୍ଚଳ

ବାରିପଦା,୨୪।୯ (ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (ଏସଟିଆର) କର୍ତ୍ତୃପକ୍ଷ ବାଘୁଣୀ ' ଯମୁନା' ଦେହରୁ ଏବେ ରେଡିଓ କଲାର ନ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ଶିମିଳିପାଳ ସଂଲଗ୍ନ କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟରେ ମହାରାଷ୍ଟ୍ର ତଡୋବା ଅଭୟାରଣ୍ୟରୁ ଆସିଥିବା ବାଘୁଣୀ 'ଯମୁନା' ଏବେବି ଚଳପ୍ରଚଳ କରୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। କ୍ଷେତ୍ରୀୟ ମୁଖ୍ୟ ବନ ସଂରକ୍ଷକ ଡ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି ଯେ, ବର୍ତ୍ତମାନ ଯମୁନା ଦେହରୁ ରେଡିଓ କଲାର୍ ହଟାଇବା ପାଇଁ କୌଣସି ପ୍ରସ୍ତାବ ନାହିଁ। ପ୍ରାୟ ୬ ମାସ ପୂର୍ବେ ଏହି କଲାର୍‌ରୁ ସିଗନାଲ୍ ଆସିବା ବନ୍ଦ ହୋଇଯାଇଥିଲା, ମାତ୍ର ପରେ ଏହା ପୁନଃ କାର୍ଯ୍ୟକ୍ଷମ ହେବା ପରେ ବନ ଅଧିକାରୀ ତା'ର ଗତିବିଧି ଉପରେ ପୁଣି ନଜର ରଖିପାରୁଛନ୍ତି। ଶ୍ରୀ ଗୋଗିନେନୀଙ୍କ କହିବା ଅନୁଯାୟୀ, ବାଘୁଣୀ ଯମୁନା ଏବେ କୁଲଡିହା ଅଭୟାରଣ୍ୟରେ ମୁକ୍ତ ଭାବେ ଘୂରି ବୁଲୁଛି। ତା'ର ବୟସ ଅନୁସାରେ ଏହା ତା'ର ପ୍ରଜନନ ସମୟ ହୋଇଥିବାରୁ ସେ କୁଲଡିହାରେ ନିଜର ସ୍ଥାୟୀ ଇଲାକା ଗଢ଼ିବ ନା ପୁଣି ଶିମିଳିପାଳ ଫେରିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।



ରେଡିଓ କଲରଟି ରିମୋର୍ଟ ଦ୍ୱାରା ପରିଚାଳିତ। ସିଗନାଲ ମିଳୁଥିଲେ ତାହାକୁ ରିମୋର୍ଟ ଦ୍ୱାରା ପରିଚାଳନା କରାଯାଇପାରିବ। ୧୧ ମାସ ମଧ୍ୟରେ ସେ ନିଜର ସାଥୀ ମହାବଳ ବାଘ ବାଛି ନ ଥିବାରୁ ତା'ର ଗତିବିଧି ପାଇଁ ରେଡିଓ କଲର ରହିବା ଜରୁରୀ। ଅନ୍ୟପକ୍ଷରେ ଯମୁନା ପରେ ଆସିଥିବା ତା'ଠାରୁ ୬ମାସ ବଡ ଅନ୍ୟଏକ ବାଘୁଣୀ ''ଜିନତ' କ୍ଷେତ୍ରରେ ନିଷ୍ପତ୍ତି ଭିନ୍ନ ରହିଛି। ଜିନତ ଶିମିଳିପାଳ ମଧ୍ୟରେ ନିଜର ସ୍ଥାୟୀ ଅଞ୍ଚଳ ସ୍ଥିର କରିବା ସହ ଚାରୋଟି ଶାବକକୁ ଜନ୍ମ ଦେଇଥିବାରୁ ତା' ଶରୀରରୁ ରେଡିଓ କଲାର୍ ହଟାଇବାକୁ ନିଷ୍ପତ୍ତି ହୋଇଛି। ଶିମିଳିପାଳରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା ସୁଧାରିବା ଲକ୍ଷ୍ୟରେ ମହାରାଷ୍ଟ୍ରର ତାଡୋବା-ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପରୁ ଯମୁନାକୁ ପ୍ରଥମ ବାଘୁଣୀ ଭାବେ ଅଣାଯାଇଥିଲା। ୨୦୨୪ ଅକ୍ଟୋବର ୨୮ରେ ତାକୁ ସ୍ଥାନାନ୍ତର କରାଯାଇ ନଭେମ୍ବର ୯ରେ ଶିମିଳିପାଳ କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ପରବର୍ତ୍ତୀ ସମୟରେ ସେ କୁଲଡିହା ଚାଲିଯାଇଥିଲା ଓ ବର୍ତ୍ତମାନ ରେଡିଓ କଲାର୍ ତଥା ଭିଏଚ୍‌ଏଫ୍ ଟ୍ରାକିଂ ମାଧ୍ୟମରେ

## ଆମ ପୁଲିସ ସମିତି ବୈଠକ

କୁଆମରା,୨୪।୯ (ସମିସ): ଖୁଣ୍ଟା ଥାନା ପକ୍ଷରୁ ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ଜିଲ୍ଲା ଉପଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ, ଉଦଳା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ, ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, କୁଆମରା ଡାକ୍ତରଖାନାର ମେଡିକାଲ ଅଫିସର ଡା. ଶାନ୍ତନୁ କୁମାର



ଜେନା, ଆରପଟା ପଞ୍ଚାୟତର ସରପଞ୍ଚ ସଞ୍ଜୟ କୁମାର ସିଂ ପ୍ରମୁଖ ଯୋଗଦେଇ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ, ସେ ଉପରେ ଆଲୋଚନା ହୋଇଥିଲା। ବାଇକ ଦୁର୍ଘଟଣାରେ ଅନେକ ଜୀବନ ଚାଲି ଯାଉଥିବାବେଳେ ଯୁବପିଢ଼ିଙ୍କୁ ସଚେତନ କରାଇବା, ନିଶା କାରବାରକୁ ରୋକିବା ଓ ନିଶାଠାରୁ ନିଜକୁ ଦୂରେଇ ରଖିବା, ଛୋଟ ଛୋଟ ପିଲାଙ୍କୁ ବାଇକ ଚଳାଇବା ଉପରେ କଟକଣା କରିବା, ଟ୍ରାଫିକ ନିୟମକୁ ମାନି ଗାଡି ଚଳାଇବା, ଆଜିର ସମାଜର ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ବିଶେଷକରି ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରାଇବା ପ୍ରଭୃତି ଉପରେ ଅଧିକାରୀ ବୁଝାଇଥିଲେ। ବୈଠକରେ ପଞ୍ଚାୟତର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

■ ସିଆଇଏସସିଆଇ ନ୍ୟାସନାଲ ହ୍ୟାଣ୍ଡବଲ୍

## ନିର୍ମଳା କନଭେଣ୍ଟ ସ୍କୁଲର ୪ ଛାତ୍ରଙ୍କ ତାମିଲନାଡୁ ଗସ୍ତ

କେନ୍ଦୁଝର, ୨୪।୯ (ସମିସ): ନିର୍ମଳା କନଭେଣ୍ଟ ସ୍କୁଲର ୪ ଜଣ ଛାତ୍ର ସିଆଏସସିଆଇ ନ୍ୟାସନାଲ ହ୍ୟାଣ୍ଡବଲ ଖେଳିବା ପାଇଁ ତାମିଲନାଡୁର କୋଏମ୍ବଟୁର ଯାଇଛନ୍ତି। ଜିଲ୍ଲାସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ବରହମପୁରରେ ହୋଇଥିଲା। ଏଥିରେ ବରହମପୁର ଓ ନିର୍ମଳା କନଭେଣ୍ଟ ସ୍କୁଲ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ବରହମପୁର ଚାମ୍ପିଅନ ହୋଇଥିଲା। ଏହି ଖେଳରୁ ଯୋଗ୍ୟ ବିବେଚିତ ହୋଇଥିବା ଖେଳାଳିଙ୍କୁ ନ୍ୟାସନାଲ ହ୍ୟାଣ୍ଡବଲ ଖେଳିବା ପାଇଁ ଚୟନ କରାଯାଇଛି। ନିର୍ମଳା କନଭେଣ୍ଟ ସ୍କୁଲର ୪ ଜଣ ଛାତ୍ର ଚୟନ କରାଯାଇଥିବାରୁ ସ୍କୁଲର ପ୍ରିନ୍ସପାଲ ଖୁସି ବ୍ୟକ୍ତ କରିଛନ୍ତି। ଖେଳାଳିମାନେ ହେଲେ ଗିରିଜା ନନ୍ଦନ ସାହୁ, ତନ୍ମୟ କୁମାର ଗିରି, ଶ୍ୟାମଶେଖର ପାଣି, ଦେବୀପ୍ରସାଦ ନାୟକ।

## ଏମ୍‌ପିଏସ୍‌ଏମ୍‌ରେ ଜାତୀୟ ସେବା ଯୋଜନା ଦିବସ




ବାରିପଦା,୨୪।୯ (ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତେ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ପରେ ସ୍ୱେଚ୍ଛାସେବୀ ଜାତୀୟ ସେବା ଯୋଜନା ଲକ୍ଷ୍ୟ ସଂଗୀତକୁ ଗାନ କରିଥିଲେ। ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ମାରାଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଜାତୀୟ ସେବା ଯୋଜନା ବ୍ୟୁରୋ ନୋଡାଲ ଅଧିକାରୀ ଡ ଅନାମ ଚରଣ ରାଉଳ ଓ ସମ୍ମାନିତ ଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ ପ୍ରିୟବ୍ରତ ବେହେରା ଓ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ପ୍ରମୋଦ କର, ସୁରେଶ ପାତ୍ର, ବିନିତା ମୁର୍ମୁଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମହାବିଦ୍ୟାଳୟ ସ୍ତରୀୟ ଜାତୀୟ ସେବା ଯୋଜନା ପୁରସ୍କାର ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରିଙ୍କୁ ଦାସ ଓ ନିକିତା ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ମହାବିଦ୍ୟାଳୟର ବାଳିକା ବିଭାଗ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିନିତା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ସାହର ସହ ଚାଲିଛି ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ

କେନ୍ଦୁଝର, ୨୪।୯ (ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ, ସାମାଜିକ ଦାୟିତ୍ୱବୋଧ, ସୃଜନଶୀଳତା ଓ ନିଜସ୍ୱ ଚିନ୍ତନଶକ୍ତିର ବିକାଶ ଉଦ୍ଦେଶ୍ୟରେ ସମଗ୍ର ଶିକ୍ଷା, କେନ୍ଦୁଝର ପକ୍ଷରୁ ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଆଜି କେନ୍ଦୁଝର ସହରସ୍ଥିତ ପିଏମଶ୍ରୀ ଡିଏନ୍ ହାଇସ୍କୁଲରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀମାନେ ଏହି ଜିଲ୍ଲାସ୍ତରୀୟ ଆୟୋଜନରେ ଯୋଗଦେଇଥିଲେ। ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେବା, ସମାଜ, ପରିବେଶ, ଦାୟିତ୍ୱ ଓ ସଚେତନତା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ନିଜର ଚିନ୍ତାଧାରା ଓ ସୃଜନଶୀଳ ପ୍ରତିଭାର ପରିପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ପ୍ରତିନିଧି ଅନୁବ୍ରତ ବେହେରା ଛାତ୍ରଛାତ୍ରୀଙ୍କୁ ସେବା ଓ ସାମାଜିକ ଦାୟିତ୍ୱର ମହତ୍ତ୍ୱ ସମ୍ପର୍କରେ ପ୍ରେରଣାଦାୟୀ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସମାରୋହରେ ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ଏଡିଇଓ ସତ୍ୟନାରାୟଣ ମହାନ୍ତ ଓ ଏଡିଇଓ ରୁଦ୍ରନାରାୟଣ ସାମଲଙ୍କ ସମେତ ବିଭିନ୍ନ ଶିକ୍ଷାଧିକାରୀ, ଶିକ୍ଷକ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ପାଟଣା ବ୍ଲକ୍: ଦୁଇ ପଞ୍ଚାୟତବାସୀଙ୍କ ସମସ୍ୟା ଶୁଣିଲା ପ୍ରଶାସନ

ଡୁରୁମୁଙ୍ଗା, ୨୪।୯ (ସମିସ): ରାଜ୍ୟ ସରକାରଙ୍କ 'ସେବା ସେତୁ' ଅଭିଯାନ ଅନ୍ତର୍ଗତ ପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତରେ 'ସେବା ସଂକଳ୍ପ' ଅଭିଯାନ ଆୟୋଜିତ ହେଉଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଗୁରୁବାର ମୁଷାଖୋରୀ ଓ ମିରିଗିଖୋଜି ପଞ୍ଚାୟତ ପାଇଁ ସେବା ସଂକଳ୍ପ ଶିବିର ପାଟଣା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ଲକ ପ୍ରଶାସନ ସମେତ ରାଜସ୍ୱ, ଶିକ୍ଷା, ଶ୍ରମ, କୃଷି, ଉଦ୍ୟାନ, ଗ୍ରାମ୍ୟ ଆବାସ, ସାମାଜିକ ସୁରକ୍ଷା, ଅନୁସୂଚିତ ଜାତି ଓ ଜନଜାତି, ସ୍ୱାସ୍ଥ୍ୟ, ବନ ଓ ପ୍ରାଣୀ ଚିକିତ୍ସା ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଏହି ଦୁଇ ପଞ୍ଚାୟତରୁ ଆସିଥିବା ଲୋକେ ବିଭିନ୍ନ ସରକାରୀ ଯୋଜନା ଓ ସେବା ସମ୍ପର୍କିତ ଆବେଦନ ଏବଂ



ଅଭିଯୋଗ ଦାଖଲ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବେଦନ ଗ୍ରହଣ କରିବା ସହ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଶିବିରରେ ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ, ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ, ଏବିଇଓ ସଚ୍ଚିଦାନନ୍ଦ ସେଠୀ ଓ ପ୍ରକାଶ କୁମାର ରାୟ, ଗ୍ରାମ୍ୟ ଆବାସ ସଂଯୋଜକ ସୁରେନ୍ଦ୍ର ଖଣ୍ଡା, ସହକାରୀ ଶ୍ରମ ଅଧିକାରୀ ଅମରେଶ କରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶିବିରକୁ ଆସିଥିବା ଲୋକଙ୍କ ନିମନ୍ତେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା। ରକ୍ତ, ମଧୁମେହ ଓ ହେମୋଗ୍ଲୋବିନ ପରୀକ୍ଷା କରାଯିବା ସହ ଆଧାର କାର୍ଡ ସଂଶୋଧନ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଲୋକଙ୍କ ନିକଟରେ ବିଭିନ୍ନ ସରକାରୀ ସେବା ପହଞ୍ଚାଇବା ଏବଂ ସେମାନଙ୍କ ଅଭିଯୋଗର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଏଭଳି ଶିବିର ଆୟୋଜନ କରାଯାଉଛି।

## ନୂଆସାହି ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ଦିବସ

କପ୍ତିପଦା,୨୪।୯ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ନୂଆସାହି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ ଲିପିକା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ଅମ୍ବିକାପ୍ରସାଦ ପୋଥାଳ ଓ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଆଶିଷ ମଲ୍ଲିକ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବଛାତ୍ର




ସମାଜର ଭୂମିକା ଓ ଜାତୀୟ ସେବା ଯୋଜନାରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ସଭାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ପୁରୁଷ କାର୍ଯ୍ୟକ୍ରମ ଅଧିକାରୀ ଲମ୍ବୋଦର ବାରିକ, ଇତିହାସ ବିଭାଗ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନାର ପ୍ରାକ୍ତନ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୟ ସେନାପତି, ଅଧ୍ୟାପକ ବିଭୂରଞ୍ଜନ ବିଶ୍ୱାଳ ଓ ପ୍ରାକ୍ତନ ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ରଞ୍ଜିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ସ୍ୱେଚ୍ଛାସେବୀ ସିପକ ନାଏକ ଓ ନୟନ ଦେହୁରୀ ନିଜ ନିଜର ଅଭିଜ୍ଞତା ପ୍ରଦାନ କରିଥିଲେ। ଅଧ୍ୟାପକ ନିହାରରଞ୍ଜନ ବାସ ଅତିଥି ପରିଚୟ, ଜାତୀୟ ସେବା ଯୋଜନାର ମହିଳା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ମଞ୍ଜନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁନର୍ଗଠିତ ବିଜେଡି ରାଜ୍ୟ ଜନଜାତି ସେଲ୍‌ରେ ମୟୂରଭଞ୍ଜର ପ୍ରମୁଖ ନେତାଙ୍କୁ ଗୁରୁଦାୟିତ୍ୱ

ବାରିପଦା, ୨୪।୯ (ସମିସ): ବିଜୁ ଜନତା ଦଳ ପକ୍ଷରୁ ଦଳର ରାଜ୍ୟ ଜନଜାତି ସେଲ୍‌କୁ ପୁନର୍ଗଠନ କରାଯାଇ ନୂତନ କର୍ମକର୍ତ୍ତାଙ୍କ ତାଲିକା ଘୋଷଣା କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପ୍ରକାଶିତ ଏହି ନୂତନ କମିଟିରେ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ନେତା ଓ ନେତ୍ରୀଙ୍କୁ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକାଶିତ ତାଲିକା ଅନୁଯାୟୀ, ମୟୂରଭଞ୍ଜର ଟାଣୁଆ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ବିଜେଡି ରାଜ୍ୟ ଜନଜାତି ସେଲ୍‌ର



ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲ୍ଲାର ଅନ୍ୟତମ ବରିଷ୍ଠ ନେତ୍ରୀ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଉପସଭାପତି ଭାବେ ସ୍ଥାନ ପାଇଛନ୍ତି। ଏହାବ୍ୟତୀତ ସାଧାରଣ ସମ୍ପାଦକ ଭାବେ ଦେବାଶିଷ ମାରାଣ୍ଡି (ମୟୂରଭଞ୍ଜ-୨), ଶ୍ରୀନାଥ ସୋରେନ୍ (ଉଦଳା), ପ୍ରିୟବ୍ରତ ମାଝୀ (ବାରିପଦା), ଭାରତୀ ହାଁସଦା (ମୟୂରଭଞ୍ଜ-୧) ରହିଥିବାବେଳେ ସମ୍ପାଦକ ଭାବେ କାଶୀନାଥ ହେମ୍ବ୍ରମ (ରାଇରଙ୍ଗପୁର), ଚକ୍ରଧର ହେମ୍ବ୍ରମ (ଯଶିପୁର) ଓ ଗଙ୍ଗାଧର ହେମ୍ବ୍ରମ (ମୟୂରଭଞ୍ଜ) ରହିଛନ୍ତି। ପ୍ରମୁଖ କର୍ମକର୍ତ୍ତାଙ୍କୁ ଏଭଳି ସାଙ୍ଗଠନିକ ଦାୟିତ୍ୱ ମିଳିବା ପରେ ସ୍ଥାନୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ସାମ୍ବାଦିକ, ରାଇକଳାର ଗୌରବ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି



ଡୁରୁମୁଙ୍ଗା, ୨୪।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଇକଳା ଗ୍ରାମର ଦିବଙ୍ଗତ ସାମ୍ବାଦିକ ଅରିନ୍ଦମ ଦାସଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ରାଇକଳା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ୫ ବର୍ଷ ପୂର୍ବରୁ କଟକ ମୁଣ୍ଡଳୀସ୍ଥିତ ମହାନଦୀରେ ଫସି ରହିଥିବା ହାତୀର ସିଧା ପ୍ରସାରଣ କରୁଥିବା ସମୟରେ ଅରିନ୍ଦମ ବନ୍ୟାପାଣିର ପ୍ରଖର ସ୍ରୋତରେ ଭାସି ଯାଇ ଜୀବନ ହାରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କବି ବୈଷ୍ଣବ ଚରଣ ମହାନ୍ତ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାଶିକ୍ଷକ ଚିନ୍ତାମଣୀ ମହାନ୍ତ, ନୁଆଖମଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ନାଏକ ଯୋଗ ଦେଇଥିଲେ। ଅରିନ୍ଦମଙ୍କ ମା' କୁନି ଦାସ, ବଡ ଭଉଣୀ ରୋଜାଲିନ ଦାସ, କକା ଧରଣୀ ଦାସ ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର ଖୁଡି ସଂଯୁକ୍ତା ଦାସଙ୍କ ସମେତ ରାଇକଳା ଗ୍ରାମବାସୀ ଅରିନ୍ଦମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଜଣାଇଥିଲେ। ଏଥିସହ ତାଙ୍କର ସାହସ କର୍ତ୍ତବ୍ୟନିଷ୍ଠା ଓ ଅନ୍ୟର ଜୀବନ ରକ୍ଷା ପାଇଁ ଦେଇଥିବା ଅମୂଲ୍ୟ ତ୍ୟାଗକୁ ମନେ ପକାଇ ଆତ୍ମାର ସଦଗତି କାମନା କରିଥିଲେ।

### ୯ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

## 'କାଞ୍ଚି ଅଭିଯାନ' ଓ 'ରାଜା' ନାଟକ ମଞ୍ଚସ୍ଥ

ବାରିପଦା, ୨୪।୯ (ସମିସ)



ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆମେ, ବାରିପଦା ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ୯ ଦିନିଆ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଥମ ନାଟକ ଭଞ୍ଜଭୂମି ସାଂସ୍କୃତିକ ପରିଷଦ, ବାରିପଦା ପ୍ରଯୋଜିତ ''କାଞ୍ଚି ଅଭିଯାନ' ମଞ୍ଚସ୍ଥ ହୋଇଥିଲା। ଅନୁବାଳା ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକରେ ଅରୂପାନନ୍ଦ ମାହାଳା, ଅସିତ କୁମାର ମଲ୍ଲିକ, ତପନ କୁମାର ବେହେରା, ଜିତେନ୍ଦ୍ର ଦଳବେହେରା, ସ୍ମୃତି ମହାନ୍ତି, କାତ୍ୟାୟନୀ ମହାନ୍ତି, ଅନନ୍ଦିତା ପ୍ରିୟଦର୍ଶିନୀ ଭୂୟାଁ, ଚିନ୍ମୟ ଶେଜପଡା, ନମ୍ରତା ନାଏକ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଦାନ ଅକ୍ଷୟ ମହାନ୍ତି ଓ ଗୀତିକାର ଡ. ପାର୍ଥ ସାରଥୀ ମହାପାତ୍ର ଦେଇଥିଲେ। ଆମେ କ୍ରାନ୍ତି, ଉଦଳା ପ୍ରଯୋଜିତ ଓ ଡ ନାରାୟଣ ସାହୁଙ୍କ ରଚିତ ଓ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶିତ ଦ୍ୱିତୀୟ ନାଟକ ''ରାଜା'ରେ ରତିକାନ୍ତ ବେହେରା, ଅଶୋକ ପଟ୍ଟନାୟକ, କୁନ୍ଦନ ଭଞ୍ଜ, ଅସିତ ଗିରି, ପ୍ରଦ୍ୟୁମ୍ନ ଦାସ, ଗିରିଶ ଦାସ, ରାହୁଲ ଓ ସେଲଭି ଅଭିନୟ କରିଥିବାବେଳେ ଆଲୋକରେ ରାମଚନ୍ଦ୍ର ମହାପାତ୍ର, ସଂଗୀତରେ ସୁଶାନ୍ତ ଦାସ ଓ ସହନିର୍ଦ୍ଦେଶନାରେ ପ୍ରକାଶ ଦାଶ ସହଯୋଗ କରିଥିଲେ। ଆୟୋଜନ କମିଟି ସଭାପତି ଡା କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିଥି ଭାବେ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରଜନୀ ବାରିକ, ଅବସରପ୍ରାପ୍ତ ଶିଶୁ ବିକାଶ ଅଧିକାରିଣୀ ପ୍ରୀତିସୁଧା ତ୍ରିପାଠୀ, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ କୁମାର ମହାନ୍ତି କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ଏ ଅବସରରେ ନିର୍ଦ୍ଦେଶକ ତଥା କମିଟିର ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର ଅଭିରାମ ଅଭିନୟ ଅନୁଷ୍ଠାନ, ବାରିପଦା ପ୍ରଯୋଜିତ ନାଟକ ''ପ୍ରଭୁଙ୍କ ଅପେକ୍ଷାରେ' ଓ ସାଧନା ମେମୋରିଆଲ ଟ୍ରଷ୍ଟ, କୋଲକାତା ପ୍ରଯୋଜିତ ନାଟକ ''ଅଭିନେତ୍ରୀ' ପରିବେଷିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ବିପୁଳ ମଦ ଜବତ, ୪ ଗିରଫ

ଉଦଳା,୨୪।୯ (ସମିସ): ଉଦଳା ଅବକାରୀ ବିଭାଗ ଦ୍ୱାରା ଆଜି ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଉକ୍ତ ଚଢ଼ଉରେ ଶରତ ଅଞ୍ଚଳରୁ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଶରତ ଅଞ୍ଚଳର ସୁମି ସୋରେନ, କୁମୁଣ୍ଡା କୁମାର ବେହେରା, ସାନସାଇବା ବାସ୍କେ ଓ ଜାରଡା ଗ୍ରାମର



ଶଙ୍କର୍ଷଣ ପରିଡ଼ାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ, ଏଏସ୍‌ଆଇ ରବୀନ୍ଦ୍ର ରେ‡ୀ, ଦୀପାଞ୍ଜଳି ଦାସ, ସୁମନ୍ତ କୁମାର ମହାନ୍ତ, ଦିବ୍ୟାଙ୍ଗସୁ ପଣ୍ଡା ସାମିଲ ଥିଲେ।

## ଦେଉଳି ଏସବିଆଇ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

ଶୁଳିଆପଦା, ୨୪।୯ (ସମିସ): ଶୁଳିଆପଦା ବ୍ଲକର ଚାନ୍ଦୁଆ ଥାନା ଅନ୍ତର୍ଗତ ସାନଦେଉଳିସ୍ଥ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି। ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟା ଓ ତତ୍ପରତା ଯୋଗୁଁ ଦୁର୍ବୃତ୍ତମାନେ ଏଟିଏମ୍‌ରୁ ଟଙ୍କା ଲୁଟିବାରେ ବିଫଳ ହୋଇ ଫେରାର ହୋଇଯାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏଟିଏମ୍ ଭିତରେ ପଶି ଗ୍ୟାସ୍ କଟର ସାହାଯ୍ୟରେ ମେସିନ୍‌କୁ କାଟି ଟଙ୍କା ଲୁଟିବାକୁ ଚେଷ୍ଟା କରୁଥିଲେ। ସେହି ସମୟରେ ରାସ୍ତାରେ ଯାଉଥିବା କିଛି ସ୍ଥାନୀୟ ଲୋକ ଏଟିଏମ୍ ଭିତରୁ ଆଲୋଅ, ଧୂଆଁ ଓ ଅସ୍ୱାଭାବିକ ଶବ୍ଦ ଶୁଣି ସନ୍ଦେହ କରିଥିଲେ। ଲୋକମାନେ ସନ୍ଦେହ କରି ଆୱାଜ୍ ଦେବାରୁ ଧରାପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଚାନ୍ଦୁଆ ଥାନା ଏସଡିପିଓ, ଶୁଳିଆପଦା ଥାନା ଅଧିକାରୀ, ଜମ୍ବିରାପାଣ୍ଡି ଅଧିକାରୀ, ଶୁଳିଆପଦା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏଟିଏମ୍ ରେ ଲଗାଯାଇଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଅଟକିଲା ଲକ୍ଷ୍ମୀ ବସ୍, ଯାତ୍ରୀ ହଟହଟା

ବୈଶିଙ୍ଗା, ୨୪।୯ (ସମିସ): ବେତନଟୀରୁ ବିଭିନ୍ନ ପଞ୍ଚାୟତକୁ ଚଳାଚଳ କରୁଥିବା ଲକ୍ଷ୍ମୀ ବସ ଗୁରୁବାର ପଦ୍ମନାଭପୁର ଟୋଲଗେଟ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଚଳ ହୋଇପଡ଼ିବାରୁ ଯାତ୍ରୀ ହଇରାଣ ହୋଇଛନ୍ତି। ଘଣ୍ଟା ଘଣ୍ଟା ଧରି ବସ ଅଟକି ରହିବାରୁ ଗଡ଼ଦେଉଳିଆ, କଳମା ଅଞ୍ଚଳର ଯାତ୍ରୀ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ବର୍ଷାରେ ଭିଜି ଚାଲିଚାଲି ଘରକୁ ଫେରିଥିବା ଜଣାପଡ଼ିଛି। ବେତନଟୀରୁ କଳମା-କାନ୍ଠିଥ ରୁଟରେ ଚଳାଚଳ କରୁଥିବା ବସ ବଦଳରେ କପ୍ତିପଦାରୁ ଓଡି-୧୧-ଏଇ-୩୩୧୦ ନମ୍ବରର ବସକୁ ଆଣି ଚଳାଚଳ କରାଯାଉଥିଲା। ଗୁରୁବାର ଏହି ବସଟି ପଦ୍ମନାଭପୁର



ଟୋଲଗେଟ ଅତିକ୍ରମ କରିବାର କିଛି ଦୂର ପରେ ଅଚଳ ହୋଇଥିଲା। ଅପରାହ୍ନ ସାଢ଼େ ୩ଟା ପରେ ମେକାନିକ ପହଞ୍ଚି ମରାମତି କରିବା ପରେ ବସଟି ଚଳାଚଳ କରିଥିଲା। ବସ ଅଦଳବଦଳ ନେଇ ଓଏସଆରଟିସି ଜିଲ୍ଲା ମ୍ୟାନେଜର ସତ୍ୟଜିତ ବିଷୋୟୀ କହିଛନ୍ତି, ଏହା ସିଏସଏଲ ସଂସ୍ଥାର ଦାୟିତ୍ୱ। ବିଭିନ୍ନ ରୁଟର ଦୈନିକ ଦୂରତାକୁ ବିଚାର କରି ବସ ଅଦଳବଦଳ କରାଯାଉଛି। ଖରାପ ହେଉଥିବା ବସ୍‌କୁ ତୁରନ୍ତ ମରାମତି କରାଯାଉଛି। ତେବେ ବସ ଅଚଳ ହେବା ଯୋଗୁଁ ଯାତ୍ରୀଙ୍କୁ ହୋଇଥିବା ଅସୁବିଧାକୁ ନେଇ ସ୍ଥାନୀୟ ଯାତ୍ରୀ ନିୟମିତ ଓ ସୁଚାରୁ ଗଣପରିବହନ ସେବା ପାଇଁ ଦାବି କରିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

କେନ୍ଦୁଝର, ୨୪।୯ (ସମିସ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ପୁରୁଣାବଜାର ନିକଟସ୍ଥ ବାଇପାସରେ ଗୁରୁବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଫଳରେ ଘଟଣାସ୍ଥଳରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପିପିଳିଆ ନିକଟ ପୋଇପାଣି ଗାଁର ଫନିଭୂଷଣ ମହାନ୍ତ। ସେ ବର୍ତ୍ତମାନ କେନ୍ଦୁଝର ସହରରେ ରହୁଥିଲେ। ଫନିଭୂଷଣ ମହାନ୍ତ ମୋ ବସର ଜଣେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ଫନିଭୂଷଣ କାର୍ଯ୍ୟରେ ଯୋଗ ଦେବା ପାଇଁ ନିଜ ସ୍କୁଟି ଧରି ସକାଳେ ବାହାରିଥିଲେ। ପୁରୁଣାବଜାର ନିକଟସ୍ଥ ବାଇପାସରେ ଏକ ଅଜଣା ଗାଡ଼ି ସ୍କୁଟିକୁ ପଛ ପଟୁ ଧକ୍କା ଦେଇଥିଲା। କେନ୍ଦୁଝର ଟାଉନ ଥାନା ପୁଲିସ ତୁରନ୍ତ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଫେରାର ଅଜଣା ଗାଡି ଓ ଡ୍ରାଇଭରକୁ ଗିରଫ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ବ୍ୟବସାୟରେ ଉନ୍ନତି ହେବ।

**ମିଥୁନ:** ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି। ପ୍ରେମ ଜୀବନ ସୁଖମୟ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ହେବ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ହେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଆୟର ନୂଆ ମାର୍ଗ ଉନ୍ମୋଚନ ହେବ।

**ତୁଳା:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ପରିବାର ସହିତ ସମୟ ଅତିବାହିତ କରିବେ।

**ବିଛା:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ଦୂର ସ୍ଥାନକୁ ଯାତ୍ରା କରିବେ ଏବଂ ଖର୍ଚ୍ଚାନ୍ତ ହେବେ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ।

**ମୀନ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୩୪୦- ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର।
- ୧୮୪୪- କାନାଡ଼ା ଓ ଆମେରିକା ମଧ୍ୟରେ ନ୍ୟୁୟର୍କରେ ପ୍ରଥମ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ ମ୍ୟାଚ୍ ଆୟୋଜିତ।
- ୧୮୯୭- ବ୍ରିଟେନର ବସ୍ ସେବା ଆରମ୍ଭ।
- ୧୯୧୬: ମହାନ ଚିନ୍ତାନାୟକ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମ।
- ୧୯୫୬- ଆମେରିକା ଓ ୟୁରୋପ ମଧ୍ୟରେ ପ୍ରଥମ ଦୂରଭାଷ ସେବା ଆରମ୍ଭ ହେଲା।

## ଜେବ୍ରା ଫିସ୍: ଚିକିତ୍ସା ବିଜ୍ଞାନରେ କ୍ରାନ୍ତି



ଭାରତର ନଦୀ, ହ୍ରଦ ଏବଂ ମଧୁର ଜଳର ଉତ୍ସଗୁଡ଼ିକରେ ପ୍ରାୟ ୩,୦୦୦ ରୁ ଅଧିକ ପ୍ରଜାତିର ମାଛ ଦେଖିବାକୁ ମିଳନ୍ତି। ଏହି ବିଶାଳ ଜଳଜ ପ୍ରାଣୀ ସଂସାରରେ ଏମିତି ଏକ ଛୋଟ ମାଛ ଅଛି, ଯିଏ ବିଶ୍ୱର ବଡ଼ ବଡ଼ ଗବେଷଣାଗାରରେ ରାଜ୍ କରୁଛି। ଏହି ମାଛଟି ହେଉଛି 'ଜେବ୍ରା ଫିଶ୍'। ମାତ୍ର ୩ ରୁ ୪ ସେଣ୍ଟିମିଟରର ଏହି ସାଧାରଣ ମାଛଟି ଏବେ ମାନବ ସମାଜକୁ ଅନେକ ସାଙ୍ଘାତିକ ରୋଗରୁ ରକ୍ଷା କରିବା ପାଇଁ ବିଜ୍ଞାନର ସବୁଠାରୁ ବଡ଼ ହାତ ହତିଆର ସାଜିଛି। ଏହି କୁନି ମାଛର ଜେନେଟିକ୍ ଗଠନ ମନୁଷ୍ୟ ସହିତ ପ୍ରାୟ ୮୬ ପ୍ରତିଶତ ମିଶିଥାଏ। ଏହି କାରଣରୁ ମଣିଷ ଶରୀରରେ ହେଉଥିବା ଜଟିଳ ରୋଗଗୁଡ଼ିକର ରହସ୍ୟ ଖୋଲିବାରେ ଏହା ବୈଜ୍ଞାନିକମାନଙ୍କୁ ସବୁଠାରୁ ଅଧିକ ସାହାଯ୍ୟ କରୁଛି। କର୍କଟ, ହୃଦ୍‌ରୋଗ ଏବଂ ଅନେକ ଆନୁବଂଶିକ ରୋଗର ନୂଆ ନୂଆ ଔଷଧର ପରୀକ୍ଷଣ ଏବେ ଏହି ମାଛ ଉପରେ ଅତ୍ୟନ୍ତ ସଫଳତାର ସହ କରାଯାଉଛି। ଜେବ୍ରା ଫିଶ୍‌ର ଅନ୍ୟ ଏକ ବଡ଼ ବିଶେଷତ୍ୱ ହେଉଛି ଏହାର ଅତି ଦ୍ରୁତ ଶାରୀରିକ ବିକାଶ। ଫର୍ଟିଲାଇଜେସନର ମାତ୍ର ୧୬ ଘଣ୍ଟା ମଧ୍ୟରେ ଏହି ମାଛର ହୃଦ୍‌ସ୍ପନ୍ଦନ ଆରମ୍ଭ ହୋଇଯାଏ। ସବୁଠାରୁ ଚମତ୍କାର କଥା ହେଉଛି, ବିକାଶ ସମୟରେ ଏହାର ଶରୀର ସମ୍ପୂର୍ଣ୍ଣ ସ୍ୱଚ୍ଛ ବା ପାରଦର୍ଶୀ ରହିଥାଏ। ଫଳରେ ଗବେଷଣାଗାରରେ ବୈଜ୍ଞାନିକମାନେ କୌଣସି ଜଟିଳ ଅସ୍ତ୍ରୋପଚାର ନ କରି, କେବଳ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଏହାର ଭିତର ଅଙ୍ଗପ୍ରତ୍ୟଙ୍ଗ କିଭଳି ତିଆରି ହେଉଛି ଏବଂ ଔଷଧ ଏହା ଉପରେ କି ପ୍ରଭାବ ପକାଉଛି, ତାହା ବାହାରୁ ଅତି ସହଜରେ ଦେଖିପାରନ୍ତି। ପୂର୍ବରୁ ଯେକୌଣସି ଗବେଷଣା ପାଇଁ ମୂଷା କିମ୍ବା ମାଙ୍କଡ଼ମାନଙ୍କୁ ବ୍ୟବହାର କରାଯାଉଥିଲା, ଯାହା ବେଶ୍ ବ୍ୟୟବହୁଳ ଏବଂ ସମୟସାପେକ୍ଷ ଥିଲା। ଜେବ୍ରା ଫିଶ୍ ଆସିବା ପରେ ଏହି ଚିନ୍ତା ଏକପ୍ରକାର ଦୂର ହୋଇଛି। ଏହାର ରକ୍ଷଣାବେକ୍ଷଣ ଅତି ସହଜ ଏବଂ ଶସ୍ତା। ଏହା ଅଳ୍ପ ଜାଗାରେ ଏବଂ ମଧୁର ଜଳରେ ସହଜରେ ବଂଶବୃଦ୍ଧି କରିପାରେ। ଏକ ସାଙ୍ଗରେ ଶତାଧିକ ମାଛ ଉପରେ ପରୀକ୍ଷା କରି ଖୁବ୍ କମ୍ ସମୟରେ ସଠିକ୍ ପରିଣାମ ମିଳିପାରୁଛି। ବିଜ୍ଞାନ ଏବଂ ପ୍ରକୃତିର ଏହି ମିଳନ ପ୍ରକୃତରେ ଅଦ୍ଭୁତ। ଯେଉଁ ମାଛକୁ ଦିନେ ଲୋକେ କେବଳ ଘରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆକ୍ୱାରିୟମ୍‌ରେ ରଖୁଥିଲେ, ଆଜି ସେ ମାନବ ଜାତି ପାଇଁ ସଞ୍ଜୀବନୀ ସଦୃଶ ସାବ୍ୟସ୍ତ ହୋଇଛି। ଆଗାମୀ ଦିନରେ କର୍କଟ ଏବଂ ହୃଦ୍‌ରୋଗ ଭଳି ମାରାତ୍ମକ ବ୍ୟାଧିର ସହଜ ଚିକିତ୍ସା ଖୋଜିବାରେ ଏହି କୁନି 'ଜେବ୍ରା ଫିଶ୍' ବିଶ୍ୱ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବାକୁ ଯାଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଭାରତ, ବାଂଲାଦେଶ, ନେପାଳ, ପାକିସ୍ତାନ ଭଳି ଦକ୍ଷିଣ ଏସୀୟ ଦେଶଗୁଡ଼ିକରେ ଏହି ମାଛ ଦେଖାଯାଏ। ଏମାନେ ସାଧାରଣତଃ ଧୀର ଗତିରେ ବହୁଥିବା ନଦୀ, ନାଳ, ଝରଣା, ପୋଖରୀ ଏବଂ ଗଭୀର ନ ଥିବା ସ୍ୱଚ୍ଛ ଜଳାଶୟରେ ରହିବାକୁ ପସନ୍ଦ କରନ୍ତି।

## ବଦଳିଲା ଅଜୟଙ୍କ ଫିଲ୍ମର ଟାଇଟଲ୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ସୁପରନ୍ୟାଚୁରାଲ୍ ହରର୍-ଥ୍ରୀଲର୍ ଫିଲ୍ମର ନାମ 'ସୂର୍ଯ୍ୟସ୍ପର୍ଶ' ରଖାଯାଇଛି। ପୂର୍ବରୁ ଏହି ଫିଲ୍ମର ଟାଇଟଲ୍ 'ଗୃହ ପ୍ରବେଶ' ଥିଲା। ଏହି ଚଳଚ୍ଚିତ୍ରର କାହାଣୀ ମହର୍ଷି ବ୍ୟାସଦେବଙ୍କ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ 'ଗରୁଡ଼ ପୁରାଣ'ରୁ ଅନୁପ୍ରାଣିତ। ଭଗବାନ ବିଷ୍ଣୁ ଏବଂ ପକ୍ଷୀରାଜ ଗରୁଡ଼ଙ୍କ ମଧ୍ୟରେ ହୋଇଥିବା କଥୋପକଥନର ପୃଷ୍ଠଭୂମିକୁ ନେଇ ଏକ ରହସ୍ୟମୟ ଦୁନିଆ ଏଥିରେ ଦେଖିବାକୁ ମିଳିବ। ଫିଲ୍ମରେ ଅଜୟ ଏକ ଅଲୌକିକ ଏବଂ ଗ୍ରେ-ଶେଡ୍ ଚରିତ୍ରରେ ଅଭିନୟ କରୁଛନ୍ତି, ଯାହା ତାଙ୍କର ଅନ୍ୟ ଫିଲ୍ମଗୁଡ଼ିକର ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରୋହିତ ଯୁଗରାଜ। ସେ ପୂର୍ବରୁ ଅଜୟଙ୍କ ସୁପରହିଟ୍ ହରର୍ ଫିଲ୍ମ 'ଭୂତ' (୨୦୦୩) ରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ଅଜୟ ଦେବଗନ ଫିଲ୍ମସ୍ ଏବଂ ପ୍ୟାନୋରାମା ଷ୍ଟୁଡିଓ ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସେପ୍ଟେମ୍ବର ୨୦୨୬ରୁ ଏହାର ସୁଟିଂ ଆରମ୍ଭ ହୋଇସାରିଛି ଏବଂ ପ୍ରଥମ ସେଡ୍ୟୁଲ୍ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ନିର୍ମାତାମାନେ ଏହି ମେଗା ପ୍ରୋଜେକ୍ଟକୁ ୨୦୨୭ ମସିହାର ଦ୍ୱିତୀୟାର୍ଦ୍ଧରେ ପ୍ରେକ୍ଷାଳୟକୁ ଆଣିବା ପାଇଁ ଯୋଜନା କରିଛନ୍ତି।



## ଟଙ୍କା ନୁହେଁ, ପଥରରେ ହୁଏ କାରବାର

ଜିନିଷଗୁଡ଼ିକର କିଣାବିକା ପାଇଁ କାଗଜ ନୋଟ୍, ମୁଦ୍ରା ଏବଂ ଡିଜିଟାଲ୍ କାରବାରକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଦୁନିଆରେ ଏପରି ଏକ ଆଶ୍ଚର୍ଯ୍ୟଜନକ ସ୍ଥାନ ରହିଛି, ଯେଉଁଠାରେ ମୁଦ୍ରା ବଦଳରେ ପଥରକୁ ଟଙ୍କା ଭାବରେ ବ୍ୟବହାର କରାଯାଏ। ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ୟାପ୍ ଦ୍ୱୀପରେ ପାରମ୍ପରିକ ଭାବେ ବଡ଼ ଚୂନ ପଥରଗୁଡ଼ିକୁ ମୁଦ୍ରା ଭାବେ ବ୍ୟବହାର କରାଯାଏ। ଏଠାରେ ବ୍ୟବହୃତ ପଥରଗୁଡ଼ିକ 'ରାଇ ଷ୍ଟୋନ୍' ଭାବରେ ଜଣାଶୁଣା, ଏଗୁଡ଼ିକ ହେଉଛି ବଡ଼ ଆକାରର ଗୋଲାକାର ଚୂନ-ପଥରର ଖଣ୍ଡ, ଯାହାର ମଝିରେ ଏକ ଛିଦ୍ର ଥାଏ। ଏହି ପଥରଗୁଡ଼ିକର ଓଜନ କିଛି କିଲୋଗ୍ରାମ୍‌ରୁ ଆରମ୍ଭ କରି ଅନେକ ଟନ୍ ପର୍ଯ୍ୟନ୍ତ ହୋଇଥାଏ। ଯଦିଓ ବର୍ତ୍ତମାନ ଏଠାରେ ଦୈନନ୍ଦିନ କାରବାର ପାଇଁ ଆଧୁନିକ ମୁଦ୍ରାର ବ୍ୟବହାର କରାଯାଉଛି, କିନ୍ତୁ ଏହି ଦ୍ୱୀପରେ ରାଇ ଷ୍ଟୋନ୍‌ର ସାଂସ୍କୃତିକ ଏବଂ ପାରମ୍ପରିକ ଗୁରୁତ୍ୱ ଆଜି ମଧ୍ୟ ରହିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପଥରଗୁଡ଼ିକ ୟାପ୍ ଦ୍ୱୀପରେ ମିଳେନାହିଁ। ପ୍ରାୟ ୪୦୦ କିଲୋମିଟର ଦୂରରେ ଥିବା ପାଲାଉ ଦ୍ୱୀପରୁ ୟାପ୍ ଦ୍ୱୀପର ଅଧିବାସୀମାନେ ଡଙ୍ଗା ସାହାଯ୍ୟରେ କଷ୍ଟସାଧ୍ୟ ସମୁଦ୍ର ଯାତ୍ରା କରି ଏହାକୁ ଖୋଦେଇ କରି ଆଣୁଥିଲେ। ରାଇ ଷ୍ଟୋନ୍‌ର ମୂଲ୍ୟ କେବଳ ତା'ର ଆକାର ଉପରେ ନିର୍ଭର କରେ ନାହିଁ, ବରଂ ତାକୁ ଆଣିବା ପାଇଁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା ଏବଂ ସେହି ଯାତ୍ରାରେ କେତେ ଜଣଙ୍କର ଜୀବନ ଯାଇଥିଲା, ତାହା ଉପରେ ଧାର୍ଯ୍ୟ କରାଯାଏ। ଯେହେତୁ ଏହି ପଥରଗୁଡ଼ିକ ବହୁତ ଭାରୀ, ତେଣୁ କେହି ଏହାକୁ କାରବାର ସମୟରେ ଏପଟ ସେପଟ କରନ୍ତି ନାହିଁ, ଏହା ନିଜ ଜାଗାରେ ହିଁ ରହିଥାଏ। କେବଳ ମୌଖିକ ଭାବେ ସମସ୍ତଙ୍କ ସାମ୍ନାରେ ଘୋଷଣା କରି ଏହାର ମାଲିକାନା ବଦଳାଯାଏ। ଏହି କାରଣରୁ ଆଧୁନିକ ଅର୍ଥନୀତିଜ୍ଞମାନେ ଏହାକୁ ଆଜିର ଡିଜିଟାଲ୍ କ୍ରିପ୍ଟୋକରେନ୍ସିର ପ୍ରାଥମିକ ରୂପ ବୋଲି ମଧ୍ୟ କହିଥାନ୍ତି। ବର୍ତ୍ତମାନ ଦୈନନ୍ଦିନ କାରବାର ପାଇଁ ସେଠାରେ ଆମେରିକୀୟ ଡଲାର ବ୍ୟବହାର ହେଉଛି। ଏହି ପଥରଗୁଡ଼ିକୁ ଦୈନନ୍ଦିନ ପନିପରିବା କିଣିବା ପାଇଁ ବ୍ୟବହାର କରାଯାଏ ନାହିଁ ବରଂ କୌଣସି ବଡ଼ ଜମି କିଣିବା, ବିବାହ ସମୟରେ ଯୌତୁକ ଦେବା କିମ୍ବା ଦୁଇଟି ଗୋଷ୍ଠୀ ମଧ୍ୟରେ ଝଗଡ଼ା ସମାଧାନ କରିବା ଭଳି ବଡ଼ ବଡ଼ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ।



## 'ସକାଳ'ର ସ୍ୱାସ୍ଥ୍ୟ

# ହାଇପୋକ୍ୟାଲସେମିଆ



**ମନୁଷ୍ୟ ଶରୀରର ହାଡ଼, ଦାନ୍ତ, ମାଂସପେଶୀ, ସ୍ନାୟୁ ଏବଂ ହୃଦୟକୁ ସୁସ୍ଥ ରଖିବା ପାଇଁ କ୍ୟାଲସିୟମ ଅତ୍ୟନ୍ତ ଜରୁରି। ଏହା ହାଡ଼ ଓ ଦାନ୍ତକୁ ଶକ୍ତ କରିଥାଏ। ହେଲେ ରକ୍ତରେ କ୍ୟାଲସିୟମର ମାତ୍ରା ସାଧାରଣସ୍ତରଠାରୁ କମିଯିବା ଅବସ୍ଥାକୁ 'ହାଇପୋକ୍ୟାଲସେମିଆ' କୁହାଯାଏ। ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ଏହି ରୋଗ ଅସ୍ଥି, ମାଂସପେଶୀ ଏବଂ ସ୍ନାୟୁପ୍ରଣାଳୀକୁ ପ୍ରଭାବିତ କରିପାରେ।**

**କାରଣ:** ଭିଟାମିନ୍ ଡି'ର ଅଭାବ, ପାରାଥାଇରଏଡ ହରମୋନ୍ ଅସନ୍ତୁଳନ, ମେନୋପଜ୍ ଏବଂ ବୟସଜନିତ ରୋଗ ଆଦି ଏହି ରୋଗର ମୂଳ କାରଣ। ପ୍ରାଥମିକ ଅବସ୍ଥାରେ ଏହି ରୋଗର ଲକ୍ଷଣ ଏତେଟା ଜଣାପଡ଼େନି। ସେଥିପାଇଁ ଅନେକେ ଏହାକୁ ଥକ୍କାପଣ ଓ ବୟସଜନିତ ସମସ୍ୟା ଭାବି ଅଣଦେଖା କରନ୍ତି। ଫଳରେ ରକ୍ତରେ କ୍ୟାଲସିୟମ ପରିମାଣ କମି ଶରୀରର ବିଭିନ୍ନ ଅଙ୍ଗ ପ୍ରଭାବିତ ହୋଇଥାଏ।

**ଲକ୍ଷଣ:** ପାଦ, କମରରେ ଯନ୍ତ୍ରଣା, ଅଙ୍ଗୁଠି, ହାତ କିମ୍ବା ମୁହଁ ଚାରିପାଖ ଝିମ୍‌ଝିମ୍ ଲାଗିବା, ଶୁଷ୍କ ତ୍ୱଚା, ଅସ୍ଥି, ନଖ ଏବଂ କେଶ ଦୁର୍ବଳ ହେବା, ସାମାନ୍ୟ ଆଘାତରେ ହାଡ଼ଭାଙ୍ଗିବା ଆଶଙ୍କା, କ୍ଲାନ୍ତି ଅନୁଭବ, ସ୍ମୃତିଶକ୍ତିହ୍ରାସ, ଗମ୍ଭୀର ମାମଲାରେ ହୃଦସ୍ପନ୍ଦନ ଗତି ବଢ଼ିଯିବା ଆଦି ଲକ୍ଷଣ ଦେଖାଯାଏ।

**ଉପଚାର:** ହାଇପୋକ୍ୟାଲସେମିଆ ଆଶଙ୍କା ଦୂର କରିବାକୁ ସମୟେ ସମୟେ ରକ୍ତ ପରୀକ୍ଷା, ସେରମ୍ କ୍ୟାଲସିୟମ ପରୀକ୍ଷା କରାଇବା ଆବଶ୍ୟକ। ରୋଗର ଗମ୍ଭୀରତା ଏବଂ ପୀଡ଼ିତଙ୍କ ଶାରୀରିକ ସ୍ଥିତି ଆଧାରରେ ଚିକିତ୍ସା କରାଯାଏ। ଏହାସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଖାଦ୍ୟରେ କ୍ଷୀର, ଦହି, ପନିର, ପନିପରିବା ଏବଂ ବାଦାମ ସାମିଲ କରିପାରିବେ। ଡାକ୍ତରଙ୍କ ପରାମର୍ଶକ୍ରମେ ଭିଟାମିନ୍ ଡି' କିମ୍ବା କ୍ୟାଲସିୟମ ସପ୍ଲିମେଣ୍ଟ ଖାଇବା ଏକାନ୍ତ ଆବଶ୍ୟକ।

## ଘର ବଇଦ: ମଳକଣ୍ଟକ

- ବରଓହଳ ଅଗି ୪ଖଣ୍ଡ ସେଥିରେ ୪ ଗୋଟି ଲବଙ୍ଗ ମିଶାଇ କ୍ଷୀରରେ ବାଟି ପିଇବେ। ସାତ ଦିନ ଔଷଧ ଖାଇବେ।
- ରଙ୍ଗବାଣ ଗଛର ମଞ୍ଜି ଘୋରି ମଳ କଣ୍ଟକରେ ଲଗାଇଲେ ଭଲ ହୁଏ।
- ପଦ୍ମପତ୍ରରେ ମହୁ, ଘିଅ ଲଗାଇ ଅଗ୍ନିରେ ଉଷୁମ କରି ମଳଦ୍ୱାରରେ ସେକ ଦେବେ। ପରେ ଗୋଟିଏ ପଦ୍ମପତ୍ର ଦେଇ ଲେଙ୍ଗୁଟି ମାରିବେ। ଏହି ପରି ୪/୫ ଦିନ, ଦିନକୁ ଦୁଇ ବେଳା ବ୍ୟବହାର କରିବେ।
- ମଲ୍ଲୀପତ୍ରକୁ ଚାଉଳଧୂଆ ପାଣିରେ ବାଟି ଲେପ ଦେବେ।
- ଚିତାପାରୁ ଗଛର ଚେରର ଚୂର୍ଣ୍ଣ ଏକ ଅଣା ଓଜନ ଦହି ସହିତ ଖାଇଲେ ମଳକଣ୍ଟକ ବିନଷ୍ଟ ହୁଏ। ରୋଗମୁକ୍ତ ହେବା ପର୍ଯ୍ୟନ୍ତ ଖାଇବେ।
- ଅକାନବିନ୍ଧି ଚେରସୁକି ଓଜନ ସମଭାଗ ଶୁଣ୍ଠି ମିଶାଇ ଖାଇଲେ ମଳକଣ୍ଟକ ବେଦନା ଦୂର ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ମାନସିକ ଅବସାଦ ଓ ନିଦ ପାଇଁ ଔଷଧ ଖାଉଥିଲେ ...

**ବୟସ ବଢ଼ିବା ସହିତ ଶାରୀରିକ ଓ ମାନସିକ ପରିବର୍ତ୍ତନ ହୁଏ। ଶରୀର ଥକ୍କା ଲାଗିବା ସହିତ ନିଦ ନ ଆସିବା ଏବଂ ମାନସିକ ଅବସାଦ ପରି ସମସ୍ୟା ଅଧିକ ଦେଖାଯାଏ। ଏଥିପାଇଁ ଅଧିକାଂଶ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇଥାନ୍ତି। ବୟସ୍କଙ୍କ କ୍ଷେତ୍ରରେ ଏହି ଔଷଧ ସେବନ ଦ୍ୱାରା ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ଯାହାକୁ ଅଣଦେଖା କରିବା ଅନୁଚିତ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନିଦ ହେବା ପାଇଁ ଗ୍ରହଣ କରାଯାଉଥିବା ଔଷଧ ମସ୍ତିଷ୍କକୁ ଶାନ୍ତି କରି ନିଦ କରେ। ହେଲେ ସକାଳୁ ଉଠିବା ପରେ ମଧ ଏହି ଔଷଧର ପ୍ରଭାବ ରହିଥାଏ। ଫଳରେ ବୟସ୍କ ଲୋକ ସକାଳୁ ଉଠିବା ପରେ ବି ନିଦ ଲାଗିବା, ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳତା ଅନୁଭବ କରିଥାନ୍ତି। ଚଲାବୁଲା କରିବାରେ ଶରୀରର ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପଡ଼ିଯିବାର ଆଶଙ୍କା ଅଧିକ ରୁହେ। ସେହିପରି ଅନେକଙ୍କ କ୍ଷେତ୍ରରେ ବାନ୍ତି ଲାଗିବା, ମୁଣ୍ଡ ଭାରି ଲାଗିବା, ଭୋକ ନ ଲାଗିବା, ସବୁବେଳେ ଅର୍ଦ୍ଧଚେତନାରେ ରହିବା ପରି ଅନୁଭବ ହୋଇଥାଏ। ଏପରି ସମସ୍ୟା ହେଉଥିଲେ ଡାକ୍ତରଙ୍କ ପରାମର୍ଶରେ ଏହି ପାର୍ଶ୍ୱପ୍ରତିକ୍ରିୟାର ସଠିକ କାରଣ ଜାଣି ଔଷଧର ମାତ୍ରାରେ ପରିବର୍ତ୍ତନ କରାଯାଏ।

ସେହିପରି ଅବସାଦ ପାଇଁ ବ୍ୟବହୃତ କିଛି ଔଷଧ ମୁଣ୍ଡବୁଲାଇବା କିମ୍ବା ନିଦ୍ରାସମସ୍ୟା ସୃଷ୍ଟି କରିପାରେ। ବୟସ ବଢ଼ିବା ସହିତ ଶରୀରରେ ଏହି ଔଷଧଗୁଡ଼ିକର ପ୍ରଭାବ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ତେଣୁ ଏକରୁ ଅଧିକ ଔଷଧ ସେବନ କରୁଥିବା ବ୍ୟକ୍ତି ସତର୍କ ରହିବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଦ କିମ୍ବା ଅବସାଦରୁ ମୁକ୍ତି ପାଇଁ ନିଜ ମନ ଇଚ୍ଛା ଔଷଧ ବନ୍ଦ କରିବା ଅନୁଚିତ। ଔଷଧ ମାତ୍ରା କମ୍ କି ବେଶୀ କରିବେ ତାହା ଡାକ୍ତରଙ୍କ ପରାମର୍ଶକ୍ରମେ କରିବା ଆବଶ୍ୟକ। ଔଷଧ ସେବନ ସହିତ ବ୍ୟାୟାମ, ପ୍ରାଣାୟମ ଏବଂ ସନ୍ତୁଳିତ ଜୀବନଶୈଳୀ ଆପଣାଇବା ଉଚିତ।





## ମଧୁମେହର ଆୟୁର୍ବେଦ ଉପଚାର



ମଧୁମେହ ଏକ ଦୀର୍ଘକାଳୀନ ଜୀବନଶୈଳୀଜନିତ ରୋଗ। ଆୟୁର୍ବେଦରେ ଏହାକୁ 'ମଧୁମେହ' ନାମରେ ବର୍ଣ୍ଣନା କରାଯାଇଛି ଏବଂ ଏହା ପ୍ରମେହ ରୋଗର ଏକ ପ୍ରମୁଖ ପ୍ରକାର। ଅତ୍ୟଧିକ ମିଠା ଓ ଗୁରୁ ଖାଦ୍ୟ, ଅଧିକ ଖାଇବା, ଅଳ୍ପ ଶାରୀରିକ ପରିଶ୍ରମ, ଦିନରେ ଅଧିକ ଶୋଇବା ଓ ଅନିୟମିତ ଜୀବନଶୈଳୀ ଏହାର ପ୍ରମୁଖ କାରଣ ଭାବେ ଗ୍ରହଣ କରାଯାଏ। ଆୟୁର୍ବେଦୀୟ ଗ୍ରନ୍ଥଗୁଡ଼ିକରେ ରକ୍ତଶର୍କରା ପରିବର୍ତ୍ତେ ମୂତ୍ରରେ ମଧୁରତା ଓ ଶର୍କରାସଦୃଶ ଲକ୍ଷଣ ଆଧାରରେ ପ୍ରମେହର ବର୍ଣ୍ଣନା କରାଯାଇଛି।

ଆଧୁନିକ ଚିକିତ୍ସାର ଟାଇପ୍-୨ ମଧୁମେହ ସହିତ କଫଜ ପ୍ରମେହର କେତେକ ସାମ୍ୟ ଦେଖାଯାଏ। ଆୟୁର୍ବେଦରେ କଫଜ ପ୍ରମେହକୁ ସାଧ୍ୟ ଅର୍ଥାତ୍ ଚିକିତ୍ସା ଓ ନିୟମିତ ଜୀବନଶୈଳୀ ଦ୍ୱାରା ନିୟନ୍ତ୍ରଣ ବୋଲି ବର୍ଣ୍ଣନା କରାଯାଇଛି। ବିଶେଷକରି ପ୍ରାରମ୍ଭିକ ଅବସ୍ଥାରେ ଟାଇପ୍-୨ ମଧୁମେହର ନିୟନ୍ତ୍ରଣ ସହିତ ଏହାର 'ରିଗ୍ରେସନ୍' ବା 'ରିମିଶନ୍' ମଧ୍ୟ ସମ୍ଭବ ହୋଇପାରେ।

ମଧୁମେହର ନିୟନ୍ତ୍ରଣରେ ଆହାର, ବିହାର ଓ ଔଷଧ ଏହି ତିନିଟିର ସମନ୍ୱିତ ଭୂମିକା ରହିଛି। ନିୟମିତ ଚାଲିବା, ଯୋଗାଭ୍ୟାସ, ଶାରୀରିକ ପରିଶ୍ରମ ଏବଂ ଓଜନ ନିୟନ୍ତ୍ରଣ ଉପକାରୀ। ଖାଦ୍ୟରେ ଅଧିକ ଚିନି, ମିଠା, ମଇଦା ଓ ଅତ୍ୟଧିକ ତେଲିଆ ଖାଦ୍ୟକୁ କମାଇବା ଏକାନ୍ତ ଆବଶ୍ୟକ। ଏହାସହିତ ବିଭିନ୍ନ ପନିପରିବା, ଶାଗ, ସବ୍‌ଜି ଏବଂ ଫଳମୂଳ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ। ବିଶେଷକରି କଲରା, ଭେଣ୍ଡି, ପାଳଙ୍ଗ ଶାଗ, ମେଥିଶାଗ, ଜହ୍ନି, କାକୁଡ଼ି, ପିଜୁଳି ବିଶେଷ ଉପାଦେୟ।



ଡ. ଅଶୋକ କୁମାର ପଣ୍ଡା

ଆୟୁର୍ବେଦୀୟ ଚିକିତ୍ସାରେ ନିଶା ଆମଳକୀ ଚୂର୍ଣ୍ଣ, ମାମଜକ ଘନବଟୀ, ଆୟୁଷ-୮୨, ଚନ୍ଦ୍ରପ୍ରଭାବଟି, ମଧୁମେହାନ୍ତକ ଚୂର୍ଣ୍ଣ ଆଦି ଔଷଧ ଚିକିତ୍ସକଙ୍କ ପରାମର୍ଶରେ ଖାଇବା ପୂର୍ବରୁ ବ୍ୟବହାର କରାଯାଇପାରେ। କେତେକ ରୋଗୀଙ୍କ କ୍ଷେତ୍ରରେ ବସନ୍ତ କୁସୁମାକର ରସ ମଧ୍ୟ ଚିକିତ୍ସକଙ୍କ ନିରୀକ୍ଷଣରେ ପ୍ରୟୋଗ କରାଯାଏ। ଏହାସହିତ ଜାମୁକୋଳି, ନିମ୍ବ, ହଳଦୀ, ଅଁଳା, ଗୁଡ଼ମାରୀ, ପିଆଶାଳ, ଅଶ୍ୱଗନ୍ଧା ବୀଜ (ପନିର ଫଳ) ମଧୁମେହ ରୋଗ ପାଇଁ ଉପାଦେୟ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପବାସ ଏବଂ ଏକକାଳ ଭୋଜନ ମଧୁମେହ ଏବଂ ମେଦବହୁଳତା ରୋଗର ଉପାଦେୟ ସ୍ୱନିୟନ୍ତ୍ରିତ ପ୍ରକ୍ରିୟା। ଏହା ଦ୍ୱାରା ମଧ୍ୟ ମଧୁମେହର ଆରୋଗ୍ୟ କରାଯାଇପାରେ।

ମଧୁମେହ ଏକ ନିୟନ୍ତ୍ରଣଯୋଗ୍ୟ ରୋଗ। ନିୟମିତ ରକ୍ତଶର୍କରା ପରୀକ୍ଷା, HbA1c, ସନ୍ତୁଳିତ ଆହାର, ଶାରୀରିକ ପରିଶ୍ରମ ଓ ଯୋଗ୍ୟ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦୀୟ ଚିକିତ୍ସା ଗ୍ରହଣ କଲେ ରୋଗୀ ନିଜ ଜୀବନଶୈଳୀକୁ ଅଧିକ ସୁସ୍ଥ ଓ ନିୟମିତ କରିପାରିବେ।

- ଗବେଷଣା ଅଧିକାରୀ,
ଆଞ୍ଚଳିକ ଆୟୁର୍ବେଦ ଗବେଷଣା ସଂସ୍ଥାନ,
ଅହମ୍ମଦାବାଦ

## ୪୦ ପରେ ଚେକଅପ୍

ତେଲ ମସଲାଯୁକ୍ତ ଖାଦ୍ୟ, ବ୍ୟସ୍ତ ଦିନଚର୍ଯ୍ୟା, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ଶରୀରରେ ଚର୍ବି ଜମିଯାଏ। ଏହା ମେଦବହୁଳତା, ରକ୍ତ ଚାପ, ରକ୍ତ ଶର୍କରା ଏବଂ ଉଚ୍ଚ କୋଲେଷ୍ଟ୍ରଲ ଆଶଙ୍କାକୁ ବଢ଼ାଇଦିଏ।

ସେହିପରି ୪୦ ବର୍ଷ ବୟସ ପରେ ମହିଳା ଏବଂ ପୁରୁଷଙ୍କ ହରମୋନ ପରିବର୍ତ୍ତନ ହୁଏ। ମହିଳାଙ୍କକ୍ଷେତ୍ରରେ ମେନୋପଜ କାରଣରୁ ଲିପିଡ ପ୍ରୋଫାଇଲରେ ପରିବର୍ତ୍ତନ ଦେଖାଯାଏ।

ପୁରୁଷଙ୍କ ଶରୀରରେ ଚର୍ବି ଜମା ହୋଇ କୋଲେଷ୍ଟ୍ରଲସ୍ତରକୁ ବୃଦ୍ଧି କରିଥାଏ। ସେହିପରି ବୟସ ବଢ଼ିଲେ ଯକୃତ ରକ୍ତରୁ ଏଲ୍‌ଡିଏଲ୍ ତଥା ଖରାପ କୋଲେଷ୍ଟ୍ରଲକୁ ବାହାର କରିପାରେ ନାହିଁ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍‌ସ୍ତର ବଢ଼ିଯାଏ। ତେଣୁ ୪୦ ବର୍ଷ ପରେ ଡାକ୍ତରଙ୍କ ପରାମର୍ଶରେ ଲିପିଡ ପ୍ରୋଫାଇଲ ପରୀକ୍ଷା କରିବା ଆବଶ୍ୟକ। ଏଥିରୁ ଏଲ୍‌ଡିଏଲ, ଏଚ୍‌ଡିଏଲ୍ ଏବଂ ଟ୍ରାଇଗ୍ଲିସରାଇଡ୍ ଜଣାପଡ଼େ। ରକ୍ତ ଚାପ, ରକ୍ତ ଶର୍କରା ଏବଂ ଓଜନକୁ ନିୟନ୍ତ୍ରଣରେ ରଖିବା ଭଲ। ସନ୍ତୁଳିତ ଖାଦ୍ୟପେୟ, ନିୟମିତ ବ୍ୟାୟାମ, ଧୂମପାନଠାରୁ ଦୂରେଇ ରହିବା ଏକାନ୍ତ ଆବଶ୍ୟକ।

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ରୌପ୍ୟ ଜିତିଲେ ରୋଶିବିନା ଓ ରିଲେ ଟିମ୍

ଟୋକିଓ,୨୪।୯ (ଏଜେନ୍ସି)

ଶେଷମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିବା ଉଶୁ ଖେଳାଳି ରୋଶିବିନା ଦେବୀ ଓ ଆଥଲେଟିକ୍ସରେ ମିକ୍ସଡ ମହିଳା ରିଲେ ଟିମ୍ ଜାପାନରେ ଚାଲିଥିବା ଆଇଚି-ନାଗୋୟା ୨୦ତମ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ପ୍ରତିଯୋଗିତାର ଷଷ୍ଠ ଦିନରେ ଭାରତକୁ ୫ଟି ପଦକ ମିଳିଛି। ଏହା ମଧ୍ୟରୁ ଦୁଇଟି ରୌପ୍ୟ ଓ ୩ଟି

- ମହିଳା ୧୦,୦୦୦ ମିଟରରେ ସୀମାଙ୍କୁ ଐତିହାସିକ କାଂସ୍ୟ
- ସେମିରେ ଅନିମେଶ ଓ ଗୁରିନ୍ଦରବୀର
- ସୁଟିଂର ମିକ୍ସଡ ସ୍କିଟ୍, ରୋଇଂରେ କାଂସ୍ୟ
- ମହିଳା ସ୍କ୍ୱାଶ୍‌ରେ ପଦକ ନିଶ୍ଚିତ

କାଂସ୍ୟ ପଦକ ରହିଛି। ଏହା ମଧ୍ୟରେ ସୁଟିଂର ସ୍କିଟ୍ ମିକ୍ସଡ ଇଭେଣ୍ଟରେ ପ୍ରଥମଥର ଓ ରୋଇଂ ଡବଲ ସ୍କଲ୍‌ରେ ଗୋଟିଏ ଲେଖାଏଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୧୦,୦୦୦ ମିଟର ଦୌଡ଼ରେ ସୀମା କୁମାରୀ ଐତିହାସିକ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଟିନ୍ ଏଜ୍ ସ୍କ୍ୱାଶ ଖେଳାଳି ଅନାହତ ସିଂ ଓ ତନ୍‌ଭୀ ଖାନା କ୍ୱାର୍ଟର ଫାଇନାଲ୍‌ରେ ମୁକାବିଲା କରିବା ଫଳରେ ଆଉ ଏକ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି।

ଦଳଗତ ଖେଳରେ ସ୍ୱର୍ଣ୍ଣ ଆଶାରେ ଥିବା କବାଡିର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ଏହି ଇଭେଣ୍ଟରୁ ଆଉ ଦୁଇଟି କାଂସ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ପୁରୁଷ ହକି ଦଳ ୮-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଜୟଯାତ୍ରା ଅବ୍ୟାହତ ରଖି ସେମିଫାଇନାଲ ପ୍ରବେଶ ନିଶ୍ଚିତ କରିଛି। ଆଜିଠାରୁ ଆରମ୍ଭ ହୋଇଥିବା ଆଥଲେଟିକ୍ସ ଇଭେଣ୍ଟର ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେ ଟିମ୍ ଫାଇନାଲରେ ପ୍ରବେଶ କରିଛି। ପୁରୁଷ ୧୦୦ ମିଟରରେ ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହ ଆସନ୍ତାକାଲି ହେବାକୁ ଥିବା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୬ଷ୍ଠ ଦିନ ଶେଷ ସୁଦ୍ଧା ଭାରତ ୧୭ଟି ପଦକ ଜିତି ପଦକ ତାଲିକାର ୧୫ତମ ସ୍ଥାନରେ ରହିଛି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି।

## ମିକ୍ସଡ ରିଲେ ଟିମ୍‌ର କମାଲ, ଇତିହାସ ସୃଷ୍ଟିକଲେ ସୀମା

ଆଜିଠାରୁ ଆରମ୍ଭ ହୋଇଛି ଏସିଆନ ଗେମ୍ସ ଆଥଲେଟିକ୍ସ ମେଡାଲ ଇଭେଣ୍ଟ। ପ୍ରଥମ ଦିନ ପ୍ରତିଯୋଗିତାରେ ଭାରତ ଦୁଇଟି ପଦକ ଜିତିବାରେ ସଫଳ ହୋଇଛି। ଏହା ମଧ୍ୟରୁ ୪ ଗୁଣା ୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ବିଶେଷ କରି ବିଡ୍ୟା ରାମରାଜଙ୍କ ସଫଳ ଆଙ୍କରିଂ ଫଳରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ବାହାରିନ୍ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଭାରତ ପକ୍ଷରୁ କିରଣ, ଜୟ କୁମାର, ପୁଭାମ୍ମା ରାଜୁ ଓ ମାନୁ ଟିଏସ୍ ଏହି ରିଲେ ରେସ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ।

ସେହିପରି ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ମହିଳା ୧୦,୦୦୦ ମିଟରରେ ଭାରତକୁ ଏକ ପଦକ ମିଳିଛି। ସୀମା କୁମାରୀ ଏହି ରେସ୍‌ରେ ତୃତୀୟସ୍ଥାନ ଅଧିକାର କରି ଏହି ଐତିହାସିକ ସ୍ୱର୍ଣ୍ଣପଦକ ପାଇଛନ୍ତି। ମହିଳା ଟ୍ରିପଲ ଜମ୍ପରେ ଭାରତ ଅଳ୍ପକେ ଏକ ପଦକରୁ ବଞ୍ଚିତ ହୋଇଛନ୍ତି। ଆଶା ଇଲାଙ୍ଗୋ ୧୩.୮୩ ମିଟର ଦୂରତାକୁ ଡେଇଁ ଚତୁର୍ଥ ସ୍ଥାନରେ ରହିଥିଲେ। ହେପ୍ଟାଥଲନରେ ପୂଜା ୮ମ ସ୍ଥାନରେ ରହିଛନ୍ତି।





### ସେମିରେ ଅନିମେଶ ଓ ଗୁରିନ୍ଦରବୀର

ପୁରୁଷ ୧୦୦ ମିଟର ଦୌଡ଼ରେ ଭାରତର ଦୁଇ ପ୍ରତିଯୋଗୀ ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମେ ଅନିମେଶ ଏହି ଦୂରତାକୁ ୧୦.୩୬ ସେକେଣ୍ଡରେ ଅତିକ୍ରମ କରି ହିଟ୍-୧ରେ ତୃତୀୟ ସ୍ଥାନରେ ରହିଥିଲେ। ହିଟ-୪'ରେ ଗୁରିନ୍ଦରବୀର ୧୦.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫାଇନାଲ ଲାଗି ଆସନ୍ତାକାଲି ଉଭୟ ପ୍ରତିଯୋଗୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବେ।

## ରୌପ୍ୟରେ ସନ୍ତୁଷ୍ଟ ରୋଶିବିନା ଦେବୀ



ଦୁଇଥରର ଏସିଆନ ଗେମ୍ସ କାଂସ୍ୟପଦକ ବିଜେତା ନାଓରେମ୍ ରୋଶିବିନା ଦେବୀ ଆଜି ଅନୁଷ୍ଠିତ ମହିଳା ୬୦ କେଜି ଉଶୁ ଫାଇନାଲରେ ପରାଜିତ ହୋଇଛନ୍ତି। ଆଇଚି ପରଫେକ୍‌ଚୁଆଲ ମାର୍ଶିଆଲ ଆର୍ଟସ ହଲ୍‌ରେ ଅନୁଷ୍ଠିତ ଫାଇନାଲ ବା ସ୍ୱର୍ଣ୍ଣପଦକ ମୁକାବିଲାରେ ଚୀନ୍‌ର ଜିୟାୟୁ ଝାଙ୍ଗଙ୍କଠାରୁ ୨-୦ରେ ରୋଶିବିନା ପରାଜିତ ହେବା ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହା ଫଳରେ ସେ ଏସିଆନ ଗେମ୍ସରେ ତୃତୀୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ୨୦୧୮ ଓ ୨୦୨୩ରେ କାଂସ୍ୟ ପଦକ ହାସଲ କରିଥିବା ଏହି ମଣିପୁର ଖେଳାଳି ଶେଷ ମୁହୂର୍ତ୍ତରେ ଦଳରେ ସ୍ଥାନ ପାଇଥିଲେ। ତାଙ୍କ ସ୍ଥାନରେ ସାମିଲ କରାଯାଇଥିବା ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ଘୋଷିତ ହେବା ଯୋଗୁ ରୋଶିବିନାଙ୍କୁ ସ୍ଥାନ ମିଳିଥିଲା। ଏହି ସୁଯୋଗର ସେ ପୂରା ଫାଇଦା ଉଠାଇ ଦେଶର ଗୌରବ ବଢ଼ାଇଥିଲେ। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଇଣ୍ଡୋନେସିଆର ଥାନିଆଙ୍କୁ ଓ କ୍ୱାର୍ଟରଫାଇନାଲରେ ମାକାଉର ସିନ୍ ଚୁ'ଙ୍କୁ ହରାଇଥିଲେ। ସୂଚନାଯୋଗ୍ୟ ୨୦୧୮ ଓ ୨୦୨୩ ପରେ ରୋଶିବିନା କ୍ରମାଗତ ଏସିଆନ ଗେମ୍ସରେ ପଦକ ଜିତିଥିଲେ। କିନ୍ତୁ ଚଳିତବର୍ଷ ଦିବ୍ୟାଂଶୀ ଚୌଧୁରୀ ଅନ୍‌ଫିଟ୍ ହେବାରୁ ଶେଷ ମୁହୂର୍ତ୍ତରେ ରୋଶିବିନାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

ଭାରତୀୟ ଜନସାଧାରଣ ମୋ'ଠାରୁ ଯାହା (ସ୍ୱର୍ଣ୍ଣପଦକ) ଆଶା କରୁଥିଲେ ତାହା ମୁଁ ଦେବାରେ ଅସଫଳ ହୋଇଛି। ମୁଁ କେବଳ ରୌପ୍ୟ ପଦକ ଜିତିଛି। ପରବର୍ତ୍ତୀ ପ୍ରତିଯୋଗିତାରେ ମୁଁ ମୋର ତ୍ରୁଟିକୁ ସୁଧାରିବା ସହ ଅଧିକ ସଫଳ ହେବାକୁ ଚେଷ୍ଟା କରିବି ବୋଲି ରୋଶିବିନା କହିଛନ୍ତି। ଶେଷ ମୂହୂର୍ତ୍ତରେ ଦଳରେ ସାମିଲ ହୋଇଥିବାରୁ ପ୍ରସ୍ତୁତି କରିବାକୁ ବିଶେଷ ସୁଯୋଗ ମିଳି ନ ଥିଲା। କୋଚ୍ ଅମିତ ପାଲଙ୍କ ପ୍ରଚେଷ୍ଟା ଯୋଗୁଁ ମୁଁ ମଣିପୁରରୁ ସିଧା ଜାପାନ ଆସିଥିଲି ଓ ଏଠାରେ ଭାଗନେଇଥିଲି।

## ସ୍କିଟ୍ ମିକ୍ସଡ ଟିମ୍ ସୁଟିଂରେ ପ୍ରଥମ ପଦକ

ପରିନାଜ ଧାଲିୱାଲ ଓ ଅନନ୍ତଜିତ ସିଂହ ନାରୁକା ସ୍କିଟ୍ ମିକ୍ସଡ ଟିମ୍ ସୁଟିଂରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଏହି ବିଭାଗରେ ଭାରତକୁ ପ୍ରଥମ ପଦକ ମିଳିଛି। ଆଇଚି ପରଫେକ୍‌ଚୁଆଲ ଜେନେରାଲ ସୁଟିଂ ଗ୍ୟାଲେରୀରେ ଅନୁଷ୍ଠିତ ଫାଇନାଲ ଲଢ଼େଇରେ ପରିନାଜ ଓ ଅନନ୍ତଜିତ ୪୮ଟି ଟାର୍ଗେଟରୁ ୪୪ଟି ହିଟ୍ କରିବାରେ ସଫଳ ହୋଇଥିଲେ। ଏହି ଟାର୍ଗେଟ ଦକ୍ଷିଣ କୋରିଆ ପ୍ରତିଯୋଗୀଙ୍କ ସହ ସମାନ ହୋଇଥିଲା। କିନ୍ତୁ ବିଶ୍ୱ ମାନ୍ୟତାରେ ଭାରତୀୟଙ୍କଠାରୁ କୋରିଆର ପ୍ରତିଯୋଗୀ ଆଗରେ ଥିବାରୁ ସେମାନଙ୍କୁ ରୌପ୍ୟ ପଦକ ଦିଆଯାଇଥିଲା। ଚୀନକୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଗତକାଲି ସ୍କିଟ୍ ଇଭେଣ୍ଟରେ ଭାରତକୁ ୨ଟି କାଂସ୍ୟ ପଦକ ମିଳିଥିଲା। ଏହା ଫଳରେ ଏସିଆନ ଗେମ୍ସ ସ୍କିଟ୍‌ରେ ଭାରତ ୩ଟି ପଦକ ଜିତିବାରେ ସଫଳତା ପାଇଥିଲା।



## ସତ୍‌ନାମ-ସଲମାନ ସମ୍ମାନ ରଖିଲେ



ଦଳ ମଧ୍ୟରେ ବୁଝାମଣାର ଅଭାବ ଓ ଅସନ୍ତୋଷ ମଧ୍ୟରେ ସତ୍‌ନାମ ସିଂହ ଓ ସଲମାନ ଖାନ୍ ଏସିଆନ ଗେମ୍ସ ରୋଇଂ ଡବଲ ସ୍କଲ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ବିଭାଗରେ ଭାରତ ଲାଗି ପ୍ରଥମ ପଦକ। ଏହି ପଦକ ବିଜୟ ଫଳରେ ରୋଇଂରେ ଭାରତର ସମ୍ମାନ ରକ୍ଷା ହୋଇପାରିଛି। ୨୪ ବର୍ଷରେ ଏହାକୁ ନିକୃଷ୍ଟ ପ୍ରଦର୍ଶନ ବୋଲି ସଂଘ କହୁଥିଲେ ମଧ୍ୟ ପ୍ରତିଯୋଗୀଙ୍କୁ ଠିକ୍ ଭାବେ ପ୍ରସ୍ତୁତି କରିବାରେ ସମର୍ଥ ହୋଇ ନ ଥିଲା। ଫଳରେ ଭାରତକୁ ଏଭଳି ଦୟନୀୟ ଅବସ୍ଥା ଭୋଗିବାକୁ ପଡ଼ିଛି। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଉଭୟ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଯାହା ହେଉ ନୂଆ ପାର୍ଟନରଙ୍କୁ ନେଇ ସତ୍‌ନାମ ଯେଉଁ ସଫଳତା ପାଇଛନ୍ତି ତାହା ସବୁଦିନେ ସ୍ମରଣୀୟ ହୋଇ ରହିବ।

## ପୁରୁଷ ହକି ଦଳର ଆଉ ଏକ ବିଜୟ

ପୁରୁଷ ହକିରେ ଆଜି ଖେଳାଯାଇଥିବା ମୁକାବିଲାରେ ଭାରତ ୮-୨ ଗୋଲରେ ଶକ୍ତିଶାଳୀ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ଭାରତ ସେମିଫାଇନାଲରେ ପ୍ରବେଶ କରିବା ରାସ୍ତା ପରିଷ୍କାର କରିଛି। ପୂର୍ବରୁ ମହିଳା ଦଳ ମଧ୍ୟ ୩ଟି ବୃହତ୍ ବିଜୟ ସହ ସେମିଫାଇନାଲ ରାସ୍ତା ପରିଷ୍କାର କରିଥିଲା।



ଏହି ବିଭାଗରେ ଯେଉଁ ଦଳ ସ୍ୱର୍ଣ୍ଣପଦକ ବିଜୟୀ ହେବ, ସେହି ଦଳ ସିଧାସଳଖ ୨୦୨୮ ଅଲିମ୍ପିକ୍ସରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବ।

## କବାଡ଼ି ଓ ସ୍କ୍ୱାଶ୍‌ରେ ପଦକ ନିଶ୍ଚିତ

ଏସିଆନ ଗେମ୍ସ କବାଡିରେ କ୍ରମାଗତ ସ୍ୱର୍ଣ୍ଣପଦକ ଜିତିଆସୁଥିବା ଭାରତର କବାଡି ଟିମ୍ ଉଭୟ ପୁରୁଷ ଓ ମହିଳା ବିଭାଗ ସେମିଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଦଳ ପଦକ ଜିତିବା ନିଶ୍ଚିତ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ପୁରୁଷ ଦଳ ୩୭-୨୧ରେ ଦକ୍ଷିଣ କୋରିଆକୁ ଓ ମହିଳା ଦଳ ୫୦-୨୫ରେ ଜାପାନକୁ ପରାସ୍ତ କରି ଗ୍ରୁପର ଶୀର୍ଷସ୍ଥାନ ଅଧିକାର କରି ସେମିଫାଇନାଲରେ ପ୍ରବେଶ କରିଛି। ଉଭୟ ଦଳ କ୍ରମାଗତ ଚତୁର୍ଥ ବିଜୟ ସହ ଗ୍ରୁପ୍‌ରେ ଅପରାଜେୟ ରହିଛନ୍ତି।

ସେହିପରି ମହିଳା ସ୍କ୍ୱାଶ କ୍ୱାର୍ଟର ଫାଇନାଲ ଭାରତର ଦୁଇ ପ୍ରତିଯୋଗୀ ନଂ-୧ ଅନାହତ ସିଂ ଓ ନଂ-୨ ତନ୍‌ଭୀ ଖାନ୍‌ଙ୍କ ମଧ୍ୟରେ ଖେଳାଯିବ। ଏହା ଫଳରେ ଭାରତକୁ ଏଥିରେ ଗୋଟିଏ ପଦକ ମିଳିବା ନିଶ୍ଚିତ ହୋଇଛି। ସିଙ୍ଗାପୁରର ଦୁଇ ଭଉଣୀଙ୍କୁ ହରାଇ ଭାରତୀୟ ପ୍ରତିଯୋଗୀ ଅନାହତ ଓ ତନ୍‌ଭୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ପଦାର୍ପଣରେ ଫେଲ୍ ମାରିଲେ ନବିଙ୍କ ପୁଅ ହାସନ

ଆଫଗାନିସ୍ତାନ କ୍ରିକେଟ୍ ଦଳର ବରିଷ୍ଠ ଅଲ୍‌ରାଉଣ୍ଡର ମହମ୍ମଦ ନବିଙ୍କ ପୁଅ ହାସନ ଇସାଖିଲ ଅନ୍ତର୍ଜାତୀୟ କ୍ରିକେଟ୍ ପଦାର୍ପଣ କରିଛନ୍ତି। ଚଳିତ ଏସିଆନ ଗେମ୍ସରେ ଘରୋଇ ଜାପାନ ବିପକ୍ଷରେ ଖେଳି ୨୦ ବର୍ଷୀୟ ହାସନ ଆଫଗାନିସ୍ତାନ ସିନିଅର ଦଳ ପକ୍ଷରୁ କ୍ୟାରିୟର ଆରମ୍ଭ କରିଛନ୍ତି। ତେବେ ପଦାର୍ପଣ ମ୍ୟାଚରେ ହାସନ ଫେଲ୍ ମାରିଛନ୍ତି। ଏହି ଡାହାଣହାତୀ ବ୍ୟାଟର୍ ଓପନିଂ ଆସି ୧୦ଟି ବଲ ଖେଳି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ଏହା ସତ୍ତ୍ୱେ ଆଫଗାନିସ୍ତାନ ଏହି ମ୍ୟାଚରେ ୪୮ ରନରେ ଜାପାନକୁ ହରାଇ ଅଭିଯାନ ଆରମ୍ଭ କରିଛି। ତେବେ ହାସନଙ୍କ ପଦାର୍ପଣ ମ୍ୟାଚରେ ତାଙ୍କ ପିତା ତଥା ୪୧ ବର୍ଷୀୟ ନବି ଦଳରେ ଉପସ୍ଥିତ ନ ଥିଲେ। ଏସିଆନ ଗେମ୍ସ ଲାଗି ନବିଙ୍କୁ ବିଶ୍ରାମ ଦିଆଯାଇଛି।

## ଷଷ୍ଠରେ ରହିଲେ ପ୍ରଣତି

ଜିମ୍ନାଷ୍ଟ ପ୍ରଣତି ନାୟକ ମହିଳା ଜିମ୍ନାଷ୍ଟିକ୍ ଭଲ୍ଟ ଫାଇନାଲରେ ଷଷ୍ଠ ସ୍ଥାନରେ ରହିଛନ୍ତି। ୭ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିବା ପ୍ରଣତି ପଦକ ଜିତିବାରେ ସଫଳ ହୋଇନାହାନ୍ତି। ଭାରତରୁ ସେ ଏକମାତ୍ର ପ୍ରତିଯୋଗୀଭାବେ ଏସିଆନ ଗେମ୍ସରେ ଭାଗନେଇଛନ୍ତି।

## ମୁମ୍ବଇ ଇଣ୍ଡିଆନ୍ସର କୋଚ୍ ହେଲେ ଲ୍ୟୁକ୍



**ଡବ୍ଲ୍ୟୁପିଏଲ୍-୨୦୨୭**

ମୁମ୍ବଇ, ୨୪।୯ (ଏଜେନ୍ସି): ଆଇପିଏଲ୍ ଢାଞ୍ଚାରେ ଭାରତରେ ଖେଳାଯାଉଥିବା ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ର ଆଗାମୀ ପଞ୍ଚମ ସଂସ୍କରଣ ଲାଗି ମୁମ୍ବଇ ଇଣ୍ଡିଆନ୍ସ ଲ୍ୟୁକ ୱିଲିୟମ୍ସଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି। ଲିସା କେଥଲୀଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ୱିଲିୟମ୍ସ ଏହି ଗୁରୁଦାୟିତ୍ୱ ତୁଲାଇବେ। ୪୬ ବର୍ଷୀୟ ୱିଲିୟମ୍ସ ଏଥିପୂର୍ବରୁ ଅଷ୍ଟ୍ରେଲିଆର 'ୱିମେନ୍ସ ବିଗ୍ ବାସ୍ ଲିଗ୍', ଇଂଲଣ୍ଡର 'ଦି ହଣ୍ଡ୍ରେଡ' ଓ ଡବ୍ଲ୍ୟୁପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଲ୍ୟୁକଙ୍କ ପ୍ରଶିକ୍ଷଣରେ ଆରସିବି ମହିଳା ଦଳ ୨୦୨୪ରେ ପ୍ରଥମଥର ଲାଗି ଡବ୍ଲ୍ୟୁପିଏଲ ଟାଇଟଲ୍ ଜିତିଥିଲା। ଏହି ଅବସରରେ ମୁମ୍ବଇ ଇଣ୍ଡିଆନ୍ସର ମାଲିକାଣୀ ନୀତା ଅମ୍ବାନୀ କୋଚ୍ ୱିଲିୟମ୍ସଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। 'ୱିଲିୟମ୍ସଙ୍କ ପାଖରେ ବ୍ୟାପକ ଅଭିଜ୍ଞତା ଓ ମହିଳା କ୍ରିକେଟ ବିଷୟରେ ଗଭୀର ଜ୍ଞାନ ରହିଛି। ତାଙ୍କ ତତ୍ତ୍ୱାବଧାନରେ ମୁମ୍ବଇ ଆଗାମୀ ଡବ୍ଲ୍ୟୁପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିବ' ବୋଲି ନୀତା ଆଶାବାଦୀ ରହିଛନ୍ତି।

## ଓଡ଼ିଶା ଟି-୨୦ ଲିଗ୍: ୧୦ ଓଭରବିଶିଷ୍ଟ ହେବ ବାତିଲ ମ୍ୟାଚ୍

ଭୁବନେଶ୍ୱର, ୨୪।୯ (ସମିସ)

ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍- ସିଏମ ଟ୍ରଫି'ର ଦ୍ୱିତୀୟ ସଂସ୍କରଣରେ ବର୍ଷା ବାଧକ ସାଜିଛି। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗୁରୁବାର ସୁଦ୍ଧା ପ୍ରଥମ ୯ଟି ମ୍ୟାଚରୁ ୬ଟି ବାଧାପ୍ରାପ୍ତ ହୋଇଛି। ଯେଉଁଥିରେ ୫ଟି ମ୍ୟାଚ୍ ଆଦୌ ଖେଳ ସମ୍ଭବପର ହୋଇପାରି ନ ଥିଲା। ସେହିଭଳି ସୋମବାର ରାଉରକେଲା ସୁପରଷ୍ଟାର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଲାଗି ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ଏବେ ଆୟୋଜକ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଗୁରୁବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବର୍ଷା ଲାଗି ଆଦୌ ଖେଳ ସମ୍ଭବପର ହୋଇପାରି ନ ଥିବା ମ୍ୟାଚଗୁଡ଼ିକ ପୁନଃଆୟୋଜନ କରିବାକୁ ଓସିଏ ନିଷ୍ପତ୍ତି ନେଇଛି। ଏହି ମ୍ୟାଚ୍‌ଗୁଡ଼ିକ ୧୦ ଓଭରବିଶିଷ୍ଟ ହେବ। ପୂର୍ବସୂଚୀ ଅନୁଯାୟୀ ଦିନକୁ ଦୁଇଟି ମ୍ୟାଚ ଖେଳାଯିବାର ଥିଲା। କିନ୍ତୁ ଓସିଏ ପକ୍ଷରୁ ଜାରି ହୋଇଥିବା ନୂଆ ଖେଳସୂଚୀ ଅନୁଯାୟୀ ଏବେ ସେପ୍ଟେମ୍ବର ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ମ୍ୟାଚ୍ ଖେଳାଯିବ। ବାତିଲ ହୋଇଥିବା ମ୍ୟାଚଟି ସକାଳ ୧୦ଟା ୩୦ରୁ ଆରମ୍ଭ ହେବ। ଏହାପରେ ପୂର୍ବସୂଚୀ ଭଳି ଅପରାହ୍ଣ ୨ଟା ୩୦ରୁ ଗୋଟିଏ ଓ ଶେଷ ମ୍ୟାଚଟି ରାତି ୭ଟାରୁ ଖେଳାଯିବ।

**ଶୁକ୍ରବାର ମ୍ୟାଚ୍**
ସକାଳ ୧୦ଟା ୩୦:
ସମ୍ବଲପୁର ବନାମ ଭୁବନେଶ୍ୱର
ଅପରାହ୍ଣ ୨ଟା ୩୦:
ରାଉରକେଲା ବନାମ କଟକ
ରାତି ୭ଟା ୩୦:
ପୁରୀ ବନାମ କଟକ

## ମାଥ୍ୟୁ ବ୍ରିଜ୍‌କେଙ୍କ ଶତକ

ଡର୍ବାନ,୨୪।୯ (ଏଜେନ୍ସି)

ଏଠାରେ ଆଜି ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକାର ଯୁବ ଖେଳାଳି ମାଥ୍ୟୁ ବ୍ରୀଜ୍‌କେ ଶତକ ହାସଲ କରିଛନ୍ତି। ସେ ୧୦୬ ବଲ୍‌ରେ ୧୧୨ ଓ ମାର୍କୋ ଜାନ୍‌ସେନ୍ ୫୯ ବଲ୍‌ରେ ୭୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୨୯୭ ରନ୍ କରିଥିଲା। ଭ୍ରମଣକାରୀ ଦଳର ନାଥାନ ଏଲିସ୍ ୩ଟି ଓ ଆଦାମ ଜାମ୍ପା ୨ଟି ୱିକେଟ ପାଇଥିଲେ। ଜବାବରେ ୩୬ ଓଭର ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୬ ୱିକେଟରେ ୨୧୧ ରନ୍ କରିନେଇଛି।

ରେନ୍‌ଶା ୪୦ ଓ ଷ୍ଟାର୍କ ୧୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଅଧିନାୟକ ମିଚେଲ ମାର୍ଶ ୩୬ବଲ୍‌ରେ ୬୦, ଟ୍ରାଭିସ୍ ହେଡ ୩୬ ଓ କୁପର କନୋଲୀ ୩୮ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକାର କେଶବ ମହାରାଜ ୩ଜଣ ଓ ଜର୍ଣ୍ଣ ଫୋର୍ଟୁଇନ୍ ୨ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି।

ସକାଳ THE SAKALA
A unit of Nandighosha Network Pvt. Ltd.

The Sakala (A unit of Nandighosha Network Pvt. Ltd.) invites application for the following position

**C.T.P. Operator**

Minimum 2-3 Yrs. experience

APPLY NOW

Please send your CV with recent passport size photo to
hr@thesakala.com

The Sakala
A unit of Nandighosha Network Pvt. Ltd.

Sd/-
Asst. Manager HR

## ସାହାଣୀ କପ୍: ଭଦ୍ରକ, କଳାହାଣ୍ଡି, ଆରଏସ୍‌ପି'ର ବଡ଼ ବିଜୟ

ଭୁବନେଶ୍ୱର, ୨୪।୯ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଚାରୋଟି ଜୋନରେ ମୋଟ୍ ୯ଟି ମ୍ୟାଚ୍ ଖେଳାଯାଇଥିଲା। ଭୁବନେଶ୍ୱର ଜୋନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ୭-୦ ଗୋଲରେ କେନ୍ଦୁଝରକୁ ହରାଇଛି। ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା। ସେହିଭଳି ସୁନ୍ଦରଗଡ଼ ଜୋନରେ ଭଦ୍ରକ ୭-୦ରେ ଅନୁଗୋଳକୁ, ମୟୂରଭଞ୍ଜ ୪-୦ରେ ବାଲେଶ୍ୱରକୁ, ସୁବର୍ଣ୍ଣପୁର ଜୋନରେ ବରଗଡ଼ ୪-୦ ଗୋଲରେ ଘରୋଇ ସୁବର୍ଣ୍ଣପୁରକୁ ପରାସ୍ତ କରିଥିଲା। ଏଠାରେ ଯାଜପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ନୂଆପଡ଼ା ଜୋନରେ କୋରାପୁଟ-କନ୍ଧମାଳ ଏବଂ ନୂଆପଡ଼ା-ମାଲକାନଗିରି ମଧ୍ୟରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚ୍ ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ଗତକାଲି ପ୍ରବଳ ବର୍ଷା ଲାଗି ଏଠାରେ ଅଧାରୁ ବନ୍ଦ ରହିଥିବା କଳାହାଣ୍ଡି-ରାୟଗଡ଼ା ମ୍ୟାଚ୍ ଗୁରୁବାର ପୁନଃଖେଳାଯାଇଥିଲା। ଏଥିରେ କଳାହାଣ୍ଡି ୮-୨ ଗୋଲରେ ବିଜୟୀ ହୋଇଥିଲା।



■ ରୋମାଞ୍ଚକସ୍ଥିତିରେ ପ୍ରଥମ ଅନଅଫିସିଆଲ୍ ଟେଷ୍ଟ

## ଟାର୍ଗେଟ- ୩୬୩; ଅଷ୍ଟ୍ରେଲିଆ-ଏ ୫୫/୨

ପୁଡୁଚେରୀ, ୨୪।୯ (ଏଜେନ୍ସି): ଘରୋଇ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ରୋମାଞ୍ଚକସ୍ଥିତିରେ ପହଞ୍ଚିଛି। ଏହି ମ୍ୟାଚରେ ଦେବଦତ୍ତ ପାଡିକଲଙ୍କ ନେତୃତ୍ୱାଧୀନ ଭାରତ-ଏ ୩୬୩ ରନର ଟାର୍ଗେଟ ଅଷ୍ଟ୍ରେଲିଆ-ଏ ସାମ୍ନାରେ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ଦଳ ଗୁରୁବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୨୩ ଓଭର ଖେଳି ୨ ୱିକେଟରେ ୫୫ ରନ ସଂଗ୍ରହ କରିଛି। ଶୁକ୍ରବାର ମ୍ୟାଚ୍‌ର ଅନ୍ତିମ ଦିବସ। ବିଜୟ ଲାଗି ଅଷ୍ଟ୍ରେଲିଆ-ଏ ପାଖାପାଖି ୯୦ ଓଭରରେ ଆଉ ୩୦୮ ରନ ଆବଶ୍ୟକ କରୁଛି। ସେହିଭଳି ଅଷ୍ଟ୍ରେଲିଆ-ଏ ଦଳର ବଳକା ୮ ୱିକେଟ ଅକ୍ତିଆର କରି ଭାରତ-ଏ ମ୍ୟାଚକୁ ହାତେଇ ନେବା ଲକ୍ଷ୍ୟରେ ରହିଛି। ପୂର୍ବରୁ କୁମାର କୁଶାଗ୍ର (୧୧୩)ଙ୍କ ଶତକ ବଳରେ ଭାରତ-ଏ ପ୍ରଥମ ପାଳିରେ ୩୩୪ ରନରେ ସୀମିତ ରହିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ ୧୭୧ ରନରେ ଅଲ୍‌ଆଉଟ ହୋଇଥିଲା। ଫଳରେ ୧୬୩ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଭାରତ-ଏ ଗୁରୁବାର ୧୯୯ ରନ କରି ଦ୍ୱିତୀୟ ପାଳିରେ ସମସ୍ତ ୱିକେଟ ହରାଇଥିଲା। ଦଳ ପକ୍ଷରୁ ଅଧିନାୟକ ପଡିକଲ ୫୯, କୁଶାଗ୍ର ୪୬ ଓ ଓପନର ସାଇ ସୁଦର୍ଶନ ୩୯ ରନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS